READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524


ଫଟୋ : ହେମନ୍ତ

ବର୍ଷ-୮ ସଂଖ୍ୟା-୩୪ ୨ - ୮ ସେପ୍ଟେମ୍ବର, ୨୦୨୪ ଭୁବନେଶ୍ୱର Monday Weekly VOL-8 ISSUE-34 2 - 8th SEPTEMBER, 2024 BHUBANESWAR ₹ 5/- (8 Pages)

## ପାଣ୍ଡିଆନଙ୍କ ପ୍ରମୋସନ ଖର୍ଚ୍ଚ ୧୫.୫ କୋଟି



**ଭୁବନେଶ୍ୱର :** ପ୍ରମୋସନ ପାଣି ଭଳି ଟଙ୍କା ଖର୍ଚ୍ଚ। ପାଣ୍ଡିଆନ ପ୍ରୀତିରେ ପଡ଼ିଥିଲା ପୂର୍ବ ବିଜେଡ଼ି ସରକାର। ଅଘୋଷିତ ସୁପର ସିଏମ ସାଜିଥିବା ଭି. କାର୍ତ୍ତିକେୟନ ପାଣ୍ଡିଆନଙ୍କ ଫଟୋ ଲଗାଇ ବିଜ୍ଞାପନ ପାଇଁ ରାଜ୍ୟ ରାଜକୋଷକୁ ସାହାଣମେଳା କରି ଦେଇଥିଲେ ନବୀନ। ବିଧାନସଭା ଉତ୍ତରରୁ ସାମ୍ନାକୁ ଆସିଲା ଆଖି ତରାଟି ହୋଇଗଲା ଭଳି ତଥ୍ୟ। ବିଧାନସଭାରେ ବିଜେପି ବିଧାୟକ ଲକ୍ଷ୍ମଣ ବାଗଙ୍କ ପ୍ରଶ୍ନରେ ଲିଖିତ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ କେତେକ ବିଶେଷ କାର୍ଯ୍ୟକ୍ରମ ପାଇଁ କିଛି ଖବରକାଗଜରେ ବିଜ୍ଞାପନ ଦିଆଯାଇଥିଲା। ଯେଉଁଥିରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପୂର୍ବତନ ୫ଟି ସଚିବ ଓ ଅଧକ୍ଷଙ୍କ ଫଟୋ ଛପା ଯାଇଥିଲା। ଯେଉଁଥିପାଇଁ ତତ୍କାଳୀନ ବିଜେଡ଼ି ସରକାର ୧୫ କୋଟି ୨୬ ଲକ୍ଷ ୯୧ ହାଜର ୯୩୩ ଟଙ୍କା ଖର୍ଚ୍ଚ କରିଥିଲେ। ପ୍ରଥମ ବିଶ୍ୱ ଭାଷା ସାହିତ୍ୟ ସମ୍ମିଳନୀର ବିଜ୍ଞାପନ ପାଇଁ ୨ କୋଟି ୭ ଲକ୍ଷ ୮୧ ହାଜର ଟଙ୍କା, ନୂଆ ଓ ଛାତ୍ରବୃତ୍ତି ସ୍ମାର୍ଟ କାର୍ଡ ସ୍କିମ୍ ପାଇଁ ୧ କୋଟି ୨୨ ଲକ୍ଷ ୯୨ ହାଜର ଟଙ୍କା, ମାଆ ସମଲେଇ ପ୍ରକଳ୍ପ ପାଇଁ ୧ କୋଟି ୫୭ ଲକ୍ଷ ଟଙ୍କା ଏବଂ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ବିଜ୍ଞାପନ ପାଇଁ ପାଇଁ ୧୦ କୋଟି ୩୯ ଲକ୍ଷ ୧୬ ହାଜର ଟଙ୍କା ଖର୍ଚ୍ଚ ହୋଇଛି। ଯାହା ଏବେ ବିଧାନସଭା ଉତ୍ତରରୁ ସାମ୍ନାକୁ ଆସିଛି। ➤ ପୃ-୬

### ବିଜେପି ଆଣିଲା ନୂଆ ଅବକାରୀ ନୀତି
## ଖୋଲିବନି ନୂଆ ମଦ ଦୋକାନ




**ଭୁବନେଶ୍ୱର :** ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଆଜି ନୂଆ ଅବକାରୀ ନୀତି ଘୋଷଣା କରିଛନ୍ତି। ଆସନ୍ତାବର୍ଷ ମାର୍ଚ୍ଚ ଶେଷପର୍ଯ୍ୟନ୍ତ ଏହି ଅବକାରୀ ନୀତି ସମଗ୍ର ରାଜ୍ୟରେ କାର୍ଯ୍ୟକ୍ଷମ ହେବ। ଏହି ଅବଧି ମଧ୍ୟରେ ରାଜ୍ୟରେ କୌଣସି ପ୍ରକାରର ନୂଆ ମଦ ଦୋକାନ ଖୋଲିପାରିବ ନାହିଁ ବୋଲି ନୂଆ ଅବକାରୀ ନୀତିରେ ଉଲ୍ଲେଖ ରହିଛି। ରାଜ୍ୟ ସରକାରଙ୍କଠୁ ମିଳିଥିବା ସୂଚନା ଅନୁସାରେ, ଚଳିତ ଆର୍ଥିକ ବର୍ଷର ସେପ୍ଟେମ୍ବର ପହିଲାରୁ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଅବଧି ପାଇଁ ନୂଆ ଅବକାରୀ ନୀତି ପ୍ରଣୟନ କରାଯାଇଛି। ଏଥିରେ ବେଆଇନ ମଦ କାରବାରକୁ ରୋକିବା ଓ ମଦ୍ୟପାନ ସମ୍ପର୍କରେ ଜନସଚେତନତା ସୃଷ୍ଟି ପାଇଁ ସର୍ତ୍ତ ରଖାଯାଇଛି। ଚଳିତ ଆର୍ଥିକ ବର୍ଷରେ କୌଣସି ନୂଆ ବିଦେଶୀ ଠିପି ବନ୍ଦ ମଦ ଦୋକାନ, ଦେଶୀ ମଦ ଦୋକାନ ଓ ଅନ୍ ସପ୍ ମଦଦୋକାନ ଖୋଲାଯିବ ନାହିଁ। କେବଳ ସେତିକି ନୁହେଁ ଚଳିତ ଆର୍ଥିକ ବର୍ଷ ପୂର୍ବରୁ ନବୀକରଣ (ରିନ୍ୟୁଆଲ) ହୋଇନଥିବା ୫୭ଟି ଅନସପ୍ ମଦଦୋକାନର ପୁନଃ ନବୀକରଣ ମଧ୍ୟ କରାଯିବ ନାହିଁ। ପ୍ରତିବର୍ଷ ମଦ ଲାଇସେନ୍ସଧାରୀଙ୍କ ପାଇଁ ବୃଦ୍ଧି ପାଉଥିବା ଏମଜିକ୍ୟୁ (ସର୍ବନିମ୍ନ ପରିମାଣ ଗ୍ୟାରେଣ୍ଟି)କୁ ଚଳିତବର୍ଷ ବୃଦ୍ଧି କରାଯିବ ନାହିଁ। ମଦ ବାରଗୁଡ଼ିକରେ କେବଳ ସଙ୍ଗୀତ ➤ ପୃ-୬

### ବିଧାନସଭାରେ ଗୃହ ବିଭାଗର ଶ୍ୱେତପତ୍ର
## ସାଇବର ଅପରାଧ ରୋକିବାରେ ବିଫଳ



**ଭୁବନେଶ୍ୱର :** ସାଇବର ଅପରାଧ ଓ ଠକେଇ ମାମଲା ରୋକିବା ତଥା ପ୍ରଭାବିତଙ୍କୁ ନ୍ୟାୟ ଦେବାରେ ଓଡ଼ିଶା ପୁଲିସ ଫେଲ୍ ମାରିଛି। ସାଇବର ଲୁଟେରାମାନେ ରାଜ୍ୟବାସୀଙ୍କ କଷ୍ଟ ଅର୍ଜିତ ଧନକୁ ଲୁଟିବାରେ ଲାଗିଥିଲେ ମଧ୍ୟ ଓଡ଼ିଶା ପୁଲିସ ବିଗତ ୩ବର୍ଷ ମଧ୍ୟରେ ସେଥିରୁ ମାତ୍ର ୨% ଅର୍ଥକୁ ଫେରସ୍ତ ଆଣିପାରିଛି। ୨୦୨୨ ମସିହାରେ ରାଜ୍ୟରେ ସାଇବର ଅପରାଧ ମାମଲା ୧୯୮୩ଟି ପଞ୍ଜିକୃତ ହୋଇଥିବାବେଳେ ୨୦୨୩ରେ ଏହା ୨୩୪୮କୁ ବୃଦ୍ଧି ପାଇଛି। ସେହିପରି ରାଜ୍ୟରେ ୨୦୨୩ ମସିହାରେ ମୋଟ ୧ଲକ୍ଷ ୯୯ହଜାର ୯୫୪ଟି ଧର୍ତ୍ତବ୍ୟ ଅପରାଧ ମାମଲା ରୁଜୁ ହୋଇଥିବାବେଳେ ସେଥିରେ ୧୩୬୨ଟି ହତ୍ୟା, ୨୮୨୭ଟି ଦୁଷ୍କର୍ମ, ୩୭୦ଟି ଡକାୟତି, ୨୯୬୧ଟି ଲୁଣ୍ଠନ, ୧୬୮୫୧ଟି ଚୋରି, ୧୬୫୫ଟି ଦଙ୍ଗା ଓ ୬୧୯୬ଟି ପ୍ରତାରଣା ମାମଲା ରୁଜୁ ହୋଇଛି। ତେବେ ୨୦୨୨ ତୁଳନାରେ ୨୦୨୩ ମସିହାରେ ମୋଟ ୨୧୭୬୪ଟି ଅଧିକ ଧର୍ତ୍ତବ୍ୟ ଅପରାଧ ମାମଲା ପଞ୍ଜିକୃତ ହୋଇଛି ବୋଲି ଆଜି ବିଧାନସଭାରେ ଉପସ୍ଥାପିତ ଗୃହ ବିଭାଗର ଶ୍ୱେତପତ୍ର-୨୦୨୩ରୁ ଜଣାପଡ଼ିଛି। ଶ୍ୱେତପତ୍ର ଅନୁସାରେ, ୨୦୨୩ ମସିହାରେ ମୋଟ ୨୩୪୮ଟି ସାଇବର ଅପରାଧ ମାମଲା ପଞ୍ଜିକୃତ ହୋଇଛି। ସେଥିରୁ ୨୯୧ଟି ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ ହୋଇଥିବାବେଳେ ୧୮୭୭ଟି ମାମଲା ଏବେ ତଦନ୍ତାଧୀନ ରହିଛି। ୮୧୦ଜଣ ଅପରାଧୀଙ୍କ ମଧ୍ୟରୁ ୫୨୨ଜଣଙ୍କୁ ରାଜ୍ୟ ଭିତରୁ ଓ ବାହାରୁ ଗିରଫ କରାଯାଇଛି। ମୋଟ ୨୩୪୮ଟି ସାଇବର ଅପରାଧ ମଧ୍ୟରୁ ୧୩୬୨ଟି ଆର୍ଥିକ ଠକେଇ ମାମଲା ପଞ୍ଜିକୃତ ହୋଇଛି। ୪୭.୭୫କୋଟି ଟଙ୍କା ସାଇବର ଠକେଇ ରାଶି ମଧ୍ୟରୁ ମାତ୍ର ୧.୫୨କୋଟି ଟଙ୍କା ଫେରସ୍ତ ଅଣାଯାଇପାରିଛି ଓ ୨.୨୭କୋଟି ଟଙ୍କା ରାଶିକୁ ସ୍ଥଗିତ ରଖିବାରେ ପୁଲିସ ସଫଳ ହୋଇଛି। ତେବେ ୨୦୨୧ରୁ ୨୦୨୩ ମସିହା ମଧ୍ୟରେ ରାଜ୍ୟରେ ମୋଟ ୬୩୬୮ଟି ସାଇବର ଠକେଇ ମାମଲା ପଞ୍ଜିକୃତ ହୋଇଥିବାବେଳେ ସେଥିରୁ ୩୭୧୪ଟି ଆର୍ଥିକ ଠକେଇ ମାମଲାରେ ୧୨୨.୭୬କୋଟି ଟଙ୍କା ସାଇବର ଠକ ଲୁଟି ନେଇଛନ୍ତି। ➤ ପୃ-୬

## ବିଜେପି ଯୋଜନା, ବିଜେଡି ବାଉଳା



**ଭୁବନେଶ୍ୱର :** ସୁଭଦ୍ରା ଯୋଜନାକୁ ନେଇ ଶାସକ-ବିରୋଧୀ ତୁ ତୁ ମେଁ ମେଁ। ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର କଥା ଦେଇଥିଲେ କି, ସରକାର କଲେ ରାଜ୍ୟରେ ଲାଗୁ ହେବ ସୁଭଦ୍ରା ଯୋଜନା। ଠିକ୍ ସେମିତି ନିର୍ବାଚନରେ ଦଳ କ୍ଷମତାକୁ ଆସିବା ପରେ ସୁଭଦ୍ରା ଯୋଜନା ଲାଗୁ କରିବା ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ କଲେ ରାଜ୍ୟ ସରକାର। ହେଲେ ବିଜେଡି କେଁ କାଢିବା ସହିତ ଅବାନ୍ତର ଯୁକ୍ତି ବାଢିଛି। ଯାହାର ଉତ୍ତର ରଖିଛନ୍ତି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ନିର୍ବାଚନ ପୂର୍ବରୁ ଯାହା କଥା ଦେଇଥିଲେ, ସରକାର ଆସିବାର ପ୍ରଥମ କ୍ୟାବିନେଟରେ ତାହା କଲେ। ଅର୍ଥାତ୍ ରାଜ୍ୟରେ ସୁଭଦ୍ରା ଯୋଜନା କାର୍ଯ୍ୟକାରି କରିବା ନେଇ ଘୋଷଣା କଲେ। ଏବେ ଅଢେଇ ମାସେ ପରେ ଆସିଛି ଗାଇଡ ଲାଇନ ଓ ଆବେଦନ ପାଇଁ ଫର୍ମାଟ ଫର୍ମ। ଫର୍ମରେ ଉଭୟ ଅନଲାଇନ ଓ ଅଫଲାଇନରେ ଆବେଦନ କରିପାରିବେ ମହିଳା। ତେବେ ସବୁ ମହିଳାଙ୍କୁ ଯୋଜନାରେ ସାମିଲ ନକରିବା ନେଇ ବିଜେଡି ପ୍ରଶ୍ନର ଜବାବ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। କହିଛନ୍ତି ରାଜ୍ୟରେ ଦୁଇ କୋଟି ୨୫ ଲକ୍ଷ ମହିଳା ଅଛନ୍ତି। ୨୧ ରୁ ୬୦ ବୟସର ମହିଳାଙ୍କ ସଂଖ୍ୟା ପ୍ରାୟ ୧ କୋଟିରୁ ଅଧିକ। ସ୍ୱଚ୍ଛଳ ବର୍ଗର ମହିଳାଙ୍କୁ ବାଦ ଦେଲେ, ସରକାର ୧ କୋଟି ୮ ଲକ୍ଷ ମହିଳାଙ୍କୁ ଏହି ଯୋଜନାରେ ସାମିଲ କରିବେ। ୭୪ ହଜାର ଅଙ୍ଗନବାଡ଼ି କେନ୍ଦ୍ରରୁ ଏହି ଫର୍ମ ମଧ୍ୟ ନେଇପାରିବେ। ➤ ପୃ-୬

## ବନ୍ଦ ହେଲା ନୂଆ-ଓ




**ଭୁବନେଶ୍ୱର :** ନବୀନ ପଟ୍ଟନାୟକ ସରକାରଙ୍କ ନୂଆ-ଓ କାର୍ଯ୍ୟକ୍ରମକୁ ବନ୍ଦ କଲେ ମୋହନ ଚରଣ ମାଝୀ ସରକାର। ନୂଆ ସରକାରରେ ୟୁଜି ଓ ପିଜି ପିଲାଙ୍କୁ ଆର୍ଥିକ ସହାୟତା ଦେବାକୁ ଆରମ୍ଭ ହେବ ନୂଆ ଯୋଜନା। ନାଁ ଫାଇନାନସିଆଲ୍ ଆସିଷ୍ଟାନ୍ସ ଟୁ ୟୁଜି ଆଣ୍ଡ ପିଜି ଷ୍ଟୁଡେଣ୍ଟସ। ବିଧାନସଭାରେ ବିଧାୟକ ଚକ୍ରମଣି କହଁରଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ସେ କହିଛନ୍ତି, ଚଳିତ ବର୍ଷଠାରୁ ଏହି ଯୋଜନା ପ୍ରଣୟନ ହେବ। ଏଥିପାଇଁ ନିର୍ଦ୍ଦେଶାବଳୀ ପ୍ରସ୍ତୁତି କାର୍ଯ୍ୟ ଚାଲିଛି। ଗୃହରେ ସରକାରଙ୍କ ଏ ଉତ୍ତର ପରେ ଆରମ୍ଭ ହୋଇଛି ରାଜନୀତି। ନୂଆ-ଓ ଯୋଜନା ବନ୍ଦ ନିଷ୍ପତ୍ତିକୁ ସହଜରେ ହଜମ କରି ନପାରି ସୋସିଆଲ ମିଡିଆରେ କ୍ୟାମ୍ପେନ୍ ଆରମ୍ଭ କରି ଦେଇଛି ବିଜେଡି। କଂଗ୍ରେସ କହିଛି, ବିଜେଡି ସରକାର ନୂଆ ଭୋଟରଙ୍କୁ ଆକୃଷ୍ଟ କରିବାକୁ କରିଥିବା ଏ ଯୋଜନାକୁ ବିଜେପି ସରକାର ବନ୍ଦ କରି ନୂଆ ଯୋଜନା ଆରମ୍ଭ କରିବାକୁ ଯାଉଛି। ➤ ପୃ-୬

## ବକ୍ରବାଣୀ



ଆଗ ଖୋଲିଦେଲେ ରତ୍ନଭଣ୍ଡାର
ପରେ ଦେଲେ ଖୋଲି ଚାରି ଦୁଆର
ସିନ୍ଦୁକ ବାହାରି ପଦାକୁ ଗଲା
ତୁଣ୍ଡ କଥାଗୁଡ଼ା ମୁଣ୍ଡେ ରହିଲା
ଭକୁଆ ଭକତ ରହିଚି ଚାହିଁ
ପ୍ରଭୁଙ୍କ ଗହଣା ଦେଖିବା ପାଇଁ
ମରାମତି ପାଇଁ ଭିତର ଘର
ଏଏସାଇକୁ କି ମାଡୁଚି ଡର
ଚାହିଁ ଚାହିଁ ଟେରା ହେଲାଣି ଆଖି
କେତେ ଲୀଳା ଆଉ ରହିଲା ବାକି।
——— ଟୁଟୁ

## ଏସ୍ଆଇଟି ସ୍କାନରରେ କଳା କୁବେରଙ୍କ କଳାଟଙ୍କା



**କଟକ :** କଟକରେ ଏସଆଇଟି ଉପାଧକ୍ଷ ଜଷ୍ଟିସ ଅରିଜିତ ପଶାୟତଙ୍କ ଅଧକ୍ଷତାରେ ବସିଥିଲା କଳାଧନ ସମ୍ପର୍କିତ ଏସଆଇଟିର ନବମ ବୈଠକ। ଓଡ଼ିଶାରେ ଭିଜିଲାନ୍ସ ଦ୍ୱାରା ଧରା ପଡ଼ି ଗିରଫ ହୋଇଥିବା କୁବେର ବାବୁଙ୍କ ସମ୍ପର୍କରେ ଇଡି ସହ ଆଲୋଚନା କରାଯାଇଛି। ଏହି କୁବେର ବାବୁମାନେ ଅମାପ ସମ୍ପତ୍ତି ଠୁଳ କେମିତି କଲେ। ଟଙ୍କା ସଂଗ୍ରହର ଉତ୍ସ କଣ। କୁବେର ବାବୁଙ୍କ ଚାନ୍ଦାର ହେଲା ସ୍କାନ। କେଉଁ ଉପାୟରେ ଅର୍ଥ ଉପାର୍ଜନ କରି ଏତେ ପରିମାଣର ସମ୍ପତ୍ତି ଏକାଠି କଲେ ସେନେଇ ଏସଆଇଟି ଉପାଧକ୍ଷ ଏବଂ ଇଡି ନିର୍ଦ୍ଦେଶକଙ୍କ ମଧ୍ୟରେ ଆଲୋଚନା ହୋଇଛି। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ନିକଟକୁ ରେଡ କରିବାକୁ ଯିବା ସମୟରେ ଆୟକର ବିଭାଗ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଟିମକୁ ନେଇ ଯିବା ପାଇଁ ପରାମର୍ଶ ଦେଇଛନ୍ତି ଏସଆଇଟି ଉପାଧକ୍ଷ। ଖୁବ୍‌ଶୀଘ୍ର ସୁପ୍ରିମକୋର୍ଟରେ କଳାଧନ ସମ୍ପର୍କିତ ବୈଠକର ରିପୋର୍ଟ ଦାଖଲ କରାଯିବ। ଦେଶରେ ବର୍ତ୍ତମାନ ଅନଲାଇନ ଜୁଆ, ଟ୍ରେଡିଂ, କ୍ରିପ୍ଟୋ କରେନ୍ସି, ଅନଲାଇନ ଗେମରେ ଅଧିକ କଳାଧନ କାରବାର ହେଉଛି। ତା ଉପରେ ବୈଠକରେ ଫୋକସ କରାଯାଇଛି। ଏନେଇ ଚିନ୍ତା ପ୍ରକଟ କରିଛନ୍ତି ଏସଆଇଟି ଉପାଧକ୍ଷ। ବିଭାଗୀୟ ଅଧିକାରୀଙ୍କୁ ନଜର ରଖିବା ପାଇଁ ପରାମର୍ଶ ମଧ୍ୟ ଦେଇଛନ୍ତି। ➤ ପୃ-୬

### ଦରଦାମ ବୃଦ୍ଧି ଭାଙ୍ଗି ଦେଲାଣି ଅଣ୍ଟା
## ବଜାର ପ୍ରତି ଗ୍ରାହକଙ୍କ ଆସ୍ଥା କମୁଛି



**ଭୁବନେଶ୍ୱର :** ବଜାର ପ୍ରତି ଗ୍ରାହକଙ୍କ କମୁଛି ଆସ୍ଥା। ଦରଦାମ ବୃଦ୍ଧି ଓ ବେରୋଜଗାରୀ ଏଥିପାଇଁ ମୁଖ୍ୟତଃ ଦାୟୀ। ଯେଉଁଥିପାଇଁ ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତଙ୍କ ଆର୍ଥିକ ସ୍ଥିତି ବିପନ୍ନ। ଖୋଦ ରିଜର୍ଭ ବ୍ୟାଙ୍କର ଖାଉଟି ଆସ୍ଥା ସର୍ଭେ ରିପୋର୍ଟ କହୁଛି ମହଙ୍ଗା ବଜାର ଯୋଗୁଁ ସହରାଞ୍ଚଳ ଖାଉଟି କଷ୍ଟାର୍ଜିତ ଅର୍ଥ ବଜାରରେ ଖର୍ଚ୍ଚ କରିବାକୁ ଚାହୁଁନାହାନ୍ତି। ଫଳରେ ଅର୍ଥନୀତି ଯେଉଁ ଗତିରେ ବଢିବା କଥା ତାହା ହେଉନି। ବଜାରରେ ତାତି, ହତାଶ ଖାଉଟି। ଭଲ ସ୍ଥିତିରେ ନାହିଁ ଦେଶର ଅର୍ଥନୀତି। ଖୁଚୁରା ବଜାରରେ କାରବାର ଦିନକୁ ଦିନ କମୁଛି। ପ୍ରଭାବିତ ହେବାକୁ ବସିଛି ଦେଶର ଘରୋଇ ଉତ୍ପାଦ। ରିଜର୍ଭ ବ୍ୟାଙ୍କ ଖାଉଟି ଆସ୍ଥା ସର୍ଭେ ରିପୋର୍ଟ ଏହି ତଥ୍ୟ ପ୍ରକାଶ କରିଛି। ଦେଶରେ ମୁଣ୍ଡପିଛା ଆୟ ଗତ ମାର୍ଚ୍ଚ ତୁଳନାରେ ଦଶମିକ ୩ ପ୍ରତିଶତ କମିଛି। ଆଉ ଏଥିପାଇଁ ଦାୟୀ ମହଙ୍ଗା ବଜାର ଓ ବେରୋଜଗାରୀ। ଏପରିକି ମହିଳାଙ୍କ ଆୟ ମଧ୍ୟ ପ୍ରଭାବିତ ହୋଇଛି। କେବଳ ଆରବିଆଇ ନୁହେଁ, ଆୟକର ଓ ଶ୍ରମ ଡାଟାବେସ୍ ତଥ୍ୟ ମଧ୍ୟ ଦେଶର ଅର୍ଥନୀତି ମନ୍ଥର ଗତି ଧରିଥିବା କହିଛି। ଆୟକର ତଥ୍ୟ ଅନୁଯାୟୀ ଅବିଭାଜିତ ହିନ୍ଦୁ ପରିବାରର ଆୟ ଗତବର୍ଷଠାରୁ ବାସ୍ତବରେ ଦଶମିକ ୯ ପ୍ରତିଶତ କମି ଚାଲିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଲୋକଙ୍କ ହାତରେ ଟଙ୍କା ନଥିଲେ କିମ୍ବା କମ ବ୍ୟୟ କରିବା ମାନସିକତା ରହିଲେ ତାର ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଭାବ ଶିଳ୍ପ ଉତ୍ପାଦନ, ଶ୍ରମ ଓ ଜୀବିକା ଉପରେ ସିଧା ସିଧା ପଡ଼ିଥାଏ। ଚଳିତବର୍ଷ ନିର୍ବାଚନ ଥିବାରୁ ଭିତ୍ତିଭୂମି ଉପରେ କେନ୍ଦ୍ର ସରକାର କମ୍ ଖର୍ଚ୍ଚ କରିପାରିଛନ୍ତି। ଏହାସହିତ ଅତି ବର୍ଷା ଯୋଗୁଁ କୃଷି ଉତ୍ପାଦନ ବି ବାଧାପ୍ରାପ୍ତ ହୋଇଛି। ଖାଦ୍ୟ ସାମଗ୍ରୀ ଦର ବି ଉଚ୍ଚା ରହୁଛି। ଅତ୍ୟାବଶ୍ୟକ ସାମଗ୍ରୀକୁ ଛାଡ଼ି ଦେଲେ ସୌଖିନ ପୋଷାକ, ବ୍ରାଣ୍ଡେଡ୍ ସାମଗ୍ରୀ କିଣାରେ ଲୋକେ ଆଗ୍ରହ ଦେଖାଉ ନାହାନ୍ତି। ଏପରି ଲାଗି ରହିଲେ ପ୍ରଥମ ତ୍ରୟମାସରେ ଜିଡିପି ୬ ପ୍ରତିଶତରୁ ➤ ପୃ-୬

### ଲକ୍ଷ୍ମଣାନନ୍ଦଙ୍କ ବଳିଦାନ ଦିବସରେ ସରକାରଙ୍କ ବଡ଼ ଘୋଷଣା
## ସାର୍ବଜନୀନ ହେବ ତଦନ୍ତ କମିଶନ ରିପୋର୍ଟ


କନ୍ଧମାଳରେ ଜାତି ଓ ଜମି ହଡପ ବିରୋଧରେ ଆଦାବାସୀଙ୍କ ସ୍ୱାର୍ଥର ପ୍ରହରୀ ଥିଲେ ସ୍ୱାମୀଜୀ।

**ଭୁବନେଶ୍ୱର :** କନ୍ଧମାଳରେ ଖ୍ରୀଷ୍ଟିଆନ୍ ମିଶନାରୀଙ୍କ ଷଡ଼ଯନ୍ତ୍ରକୁ ସଫଳ ହେବାକୁ ଦେବେନାହିଁ। ବେଦାନ୍ତକେଶରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କର ଏହି ପଣ ତାଙ୍କ ପ୍ରାଣ ପାଇଁ ହେଲା କାଳ। ହେଲେ ସନାତନ ସଂସ୍କୃତିର ଏହି ମହାନ ରକ୍ଷକଙ୍କ ହତ୍ୟାକାରୀଙ୍କ ଉପରୁ ୧୬ ବର୍ଷ ପରେ ବି ହଟିପାରିଲାନି ପରଦା। ଦୁଇ ଦୁଇଟି ତଦନ୍ତ କମିଶନର ରିପୋର୍ଟକୁ ବି ସାର୍ବଜନୀନ କଲେନାହିଁ ନବୀନ ସରକାର। କିନ୍ତୁ ମୋହନ ସରକାର ସେହି ଭୁଲ କରିବେ ନାହିଁ। ଖୁବଶୀଘ୍ର ତଦନ୍ତ କମିଶନ ରିପୋର୍ଟ ସାର୍ବଜନୀନ କରାଯିବା ସମ୍ପର୍କରେ ନିଷ୍ପତି ନିଆଯିବ ବୋଲି ସୂଚନା ଦେଇଛନ୍ତି ଆଇନମନ୍ତ୍ରୀ। ସାଂସ୍କୃତିକ ରାଷ୍ଟ୍ରବାଦର ପ୍ରଚାର ସହ ତେଣୁ ସ୍ୱାମୀଜୀଙ୍କୁ ନ୍ୟାୟ ଦେବାରେ ବିଳମ୍ବକୁ ନେଇ କନ୍ଧମାଳବାସୀ କ୍ଷୁବ୍ଧ। ରାଜ୍ୟରେ ସରକାର ବଦଳିଥିବାରୁ ନ୍ୟାୟ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି ଆଶାବାଦୀ ଉଭୟ କନ୍ଧମାଳବାସୀ। ଆଜିଯାଏ ୨୦୦୮ର ଜନ୍ମାଷ୍ଟମୀ କାଳ ରାତି କଥା ସେମାନେ ଭୁଲିପାରି ନାହାନ୍ତି। ବଳିଦାନ ଦିବସରେ ପ୍ରତିବର୍ଷ ପରି କନ୍ଧମାଳ ଜଲେଶପଟ୍ଟା ଆଶ୍ରମରେ ଅନୁଷ୍ଠିତ ହୋଇଯାଇଛି ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ୧୬ତମ ଶ୍ରଦ୍ଧାଞ୍ଜଳି ସଭା। ରାଜ୍ୟ ସରକାରଙ୍କ ଦୁଇମନ୍ତ୍ରୀ ରବିନାରାୟଣ ନାଏକ ଓ ସୂର୍ଯ୍ୟବଂଶୀ ସୂରଜ ଏଥିରେ ଯୋଗଦେଇ ସନାତନ ସଂସ୍କୃତିର ସୁରକ୍ଷା ପାଇଁ ସ୍ୱାମୀଜୀଙ୍କ ଅବଦାନର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଜଲେଶପଟ୍ଟା କନ୍ୟାଶ୍ରମ ପକ୍ଷରୁ କଳସ ଯାତ୍ରା, ଗୋ ପୂଜା, ନାମ ସଂକୀର୍ତ୍ତନ,ବେଦପାଠ, ମହାଯଜ୍ଞର ଆୟୋଜନ କରାଯାଇଥିଲା। ସେହିପରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜନ୍ମସ୍ଥାନ ତାଳଚେର ଗୁରୁଜାଙ୍ଗରେ ସ୍ୱାମୀଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ୧୬ ବର୍ଷ ତଳେ ସେଦିନ ବି ଥିଲା ଜନ୍ମାଷ୍ଟମୀ। ଉତ୍ସବ ମୁଖର ଥିଲା କନ୍ଧମାଳ ଜଲେଶପଟ୍ଟା କନ୍ୟାଶ୍ରମ। ହଠାତ୍ ଗର୍ଜି ଉଠିଲା ଆତତାୟୀଙ୍କ ବନ୍ଧୁକରୁ ଗୁଳି। ଟଳି ପଡ଼ିଲେ ସ୍ୱାମୀ ଲକ୍ଷଣାନନ୍ଦ ସରସ୍ୱତୀଙ୍କ ସମେତ ତାଙ୍କର ୫ ଅନୁଗାମୀ। ସେହି ନିର୍ମମ ନରସଂହାର ଘଟଣାର ଆକ୍ରୋଶ ସାରା ରାଜ୍ୟରେ ଦେଖିବାକୁ ମିଳିଲା। ବାଧ ହୋଇ ନବୀନ ସରକାର ଏହାର ବିଚାର ବିଭାଗୀୟ ➤ ପୃ-୬

## ବିଜେଡିରେ ପୁଣି ବବି-ପାଣ୍ଡିଆନ ବଳିୟାନ



**ଭୁବନେଶ୍ୱର :** ଏବେବି ବିଜୁ ଜନତା ଦଳରେ ସଭାପତି ନବୀନ ପଟ୍ଟନାୟକ ସାଜିଛନ୍ତି ସଖୀ କଣ୍ଢେଇ। ଆଉ ଭୈରବ କାର୍ତ୍ତିକେୟନ ପାଣ୍ଡିଆନ୍‌ଙ୍କ ହାତରେ ରିମୋର୍ଟ କଣ୍ଟ୍ରୋଲର। ପ୍ରଣବ ପ୍ରକାଶ ଦାସ ଓରଫ ବବି ଦାସ ଏବଂ ଭୈରବ କାର୍ତ୍ତିକେୟନ ପାଣ୍ଡିଆନଙ୍କ ନିର୍ଦ୍ଦେଶରେ ଚାଲୁଛି ବିଜେଡିର ଦଳୀୟ କାର୍ଯ୍ୟକ୍ରମ। ଲୋକେ ଦେଖାଣିଆ ନାଁକୁ ମାତ୍ର ବିଜେଡିର ସମନ୍ୱୟ କମିଟି। କିନ୍ତୁ ସବୁ କିଛି ବବି-ପାଣ୍ଡିଆନଙ୍କ ହାତରେ ବୋଲି ଚର୍ଚ୍ଚା। ଏବେ ବି ବିଜେଡି ଦଳର ସର୍ବେସର୍ବା ବବି-ପାଣ୍ଡିଆନ। ଏମାନଙ୍କ ବିନା ନିର୍ଦ୍ଦେଶରେ ଦଳରେ ପତ୍ରଟେ ବି ହଲୁନି। ନିର୍ବାଚନ ପରେ ଏକପ୍ରକାର ଅଣ୍ଡରଗ୍ରାଉଣ୍ଡ ହୋଇଯାଇଥିଲେ ବବି। ଦଳର କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁନଥିଲା ତାଙ୍କୁ। ଆଉ ଏବେ ପୁଣିଥରେ ମଇଦାନକୁ ଓହ୍ଲାଇଛନ୍ତି ବିଜେଡିର ପୂର୍ବତନ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓରଫ ବବି ଦାସ। ନିର୍ବାଚନର ଶୋଚନୀୟ ପରାଜୟ ପରେ ବିଜେଡି ସୁପ୍ରିମୋ ଭାଙ୍ଗିଦେଇଥିଲେ ଦଳର ସମସ୍ତ କମିଟି। କିଛି ବରିଷ୍ଠ ଓ ଯୁବ ତଥା ଅସନ୍ତୁଷ୍ଟ ଓ ଅଣଦେଖା ଗୋଷ୍ଠୀ ସହ ପୂର୍ବ କୋଟେରି ଗ୍ରୁପକୁ ମିଶାଇ ଗଢ଼ିଥିଲେ ସମନ୍ୱୟ କମିଟି। ବରିଷ୍ଠ ନେତା ତଥା ଦଳର ପ୍ରତିଷ୍ଠାତା ସଦସ୍ୟ ଦେବୀ ମିଶ୍ରଙ୍କ ଅଧକ୍ଷତାରେ ଗଠନ ହୋଇଥିବା ଏହି କମିଟିର କାମ ଥିଲା ଦଳର ସବୁ କିଛି ବୁଝିବ। ଏ ସବୁ ଭିତରେ ଦଳୀୟ ମହଲରେ ଚର୍ଚ୍ଚା ହେଉଛି କମିଟି କେବଳ ନାଁକୁ ମାତ୍ର ଥିଲା। କିନ୍ତୁ ସବୁ କିଛି ଏବେ ଚାଲିଛି ➤ ପୃ-୬

EKAMAATRA

ଏକମାତ୍ର

ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ଆର୍ଥିକ ସଫଳତା ମିଳିବ। ରୋକିଥିବା କାର୍ଯ୍ୟ ଗୁଡିକ ସମ୍ପୂର୍ଣ୍ଣ ହେବ। ଘର ଭୂମି ପ୍ରାପ୍ତି ଯୋଗ ଅଛି। ପରିବାରରେ ଶାନ୍ତି ମିଳିବ। ଛାତ୍ରମାନେ ସଫଳ ହେବେ। ବୈବାହିକ ଜୀବନ ପ୍ରସନ୍ନତାର ପୂର୍ଣ୍ଣ ରହିବ। ବିଦେଶ ଭ୍ରମଣର ଯୋଗ ଅଛି।

**ବୃଷ** ଶରୀର ସୁସ୍ଥ ରହିବ। ନିଷ୍ପତ୍ତି ନେବା ପୂର୍ବରୁ ଗୁରୁଜନଙ୍କ ମତ ନିଅନ୍ତୁ। ଭାଇଭଉଣୀ ଓ ପରିବାରର ସହଯୋଗ ମିଳିବ। କାର୍ଯ୍ୟକ୍ଷେତ୍ରରେ ପରିବର୍ତ୍ତନ ଆଣିପାରନ୍ତି। ପ୍ରେମ ସମ୍ପର୍କ ମଜବୁତ ହେବ। ପୂର୍ବରୁ ଲାଗି ରହିଥିବା ବିବାଦ ସମାଧାନ ହେବ।

**ମିଥୁନ** ଜମିଜମା ସମ୍ବନ୍ଧୀୟ ବିବାଦ ଆପୋଷ ବୁଝାମଣାରେ ସମାଧାନ ହୋଇପାରେ। ଭାଗୀଦାରୀ ବ୍ୟବସାୟ ପାଇଁ ସମୟ ଅନୁକୂଳ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି।

**କର୍କଟ** ଗଳାରେ ସଂକ୍ରମଣ ହୋଇପାରେ। ବ୍ୟବସାୟରେ ବିସ୍ତାର ହେବାର ସମ୍ଭାବନା ଅଛି। ଅନୁଭବି ଲୋକଙ୍କ ସହଯୋଗ ପାଇବେ। ଉଧାର ଦେଇଥିବା ପଇସା ଫେରସ୍ତ ମିଳିପାରେ। ପ୍ରେମ ସମ୍ବନ୍ଧରେ ଅହେତୁକ ବୃଦ୍ଧି ହେବ।

**ସିଂହ** ପୁରୁଣା ରୋଗରୁ ମୁକ୍ତି ମିଳିବ। ବ୍ୟବସାୟରେ ନୂତନ ମାର୍ଗ ମିଳିବ ଓ ଆୟରେ ବୃଦ୍ଧି ହେବ। ଛାତ୍ରମାନେ ନିଜ ମନ ମୁତାବକ ଅନୁଷ୍ଠାନରେ ନାମ ଲେଖାଇ ପାରନ୍ତି। ଜୀବନସାଥୀଙ୍କ ସହ ମତାନ୍ତର ହୋଇପାରେ।

**କନ୍ୟା** ସଂକ୍ରମଣ ଜନିତ ପୀଡା ଭୋଗ କରିପାରନ୍ତି। ମନବଳରେ ବୃଦ୍ଧି ହେବ। ପରିବାରର ସହଯୋଗ ଯୋଗୁ ପ୍ରତ୍ୟେକ କାର୍ଯ୍ୟରେ ବ୍ୟବସ୍ଥିତ ଢଙ୍ଗରେ ଅଗ୍ରସର ହେବେ। କ୍ରୋଧ ଓ ଶୀଘ୍ରତା ଠାରୁ ଦୂରେଇ ରହନ୍ତୁ।

**ତୁଳା** ଆଣ୍ଠୁଗଣ୍ଠି ଜନିତ ସମସ୍ୟା ଦେଖାଦେଇପାରେ। ଆୟ ଓ ବ୍ୟୟରେ ବୃଦ୍ଧି ହେବ। କାର୍ଯ୍ୟର ବୋଝ ଯୋଗୁ ପରିବାର ଠାରୁ ଦୂରେଇ ରହିପାରନ୍ତି। ଛାତ୍ରମାନେ ପାଠରୁ ଦୂରେଇ ରହିବେ। ଦମ୍ପତିମାନେ ପରିବାରରେ ସୁଖର ଆନନ୍ଦ ନେବେ।

**ବିଛା** ପେଟ ସମ୍ବନ୍ଧୀୟ କଷ୍ଟ ପାଇପାରନ୍ତି। ଅନେକ ଦିନରୁ ପଡି ରହିଥିବା କାର୍ଯ୍ୟ ପୁରା ହୋଇପାରେ। ଆଧାତ୍ମିକ କାର୍ଯ୍ୟରେ ରୁଚି ବଢ଼ିବ। କାର୍ଯ୍ୟ କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି। ପତିପତ୍ନୀଙ୍କ ସମ୍ପର୍କ ମଧୁର ରହିବ।

**ଧନୁ** ପ୍ରଚୁର ଧନପ୍ରାପ୍ତି ଯୋଗ ଅଛି। ଛାତ୍ରମାନଙ୍କୁ କିଛି ଶୁଭ ସୂଚନା ମିଳିପାରେ। ଉପରିସ୍ଥ କର୍ମଚାରୀଙ୍କ ସହ ସମ୍ପର୍କ ବଢ଼ିବ। ଦମ୍ପତିମାନଙ୍କ ପାଇଁ ସମୟ ଅନୁକୂଳ। ଖାଦ୍ୟପେୟ ଉପରେ ସତର୍କତା ଅବଲମ୍ବନ କରନ୍ତି।

**ମକର** ମାନସିକ ଅଶାନ୍ତିରୁ ବାହାରକୁ ଆସନ୍ତୁ। ମନମୁତାବକ ଅର୍ଥପ୍ରାପ୍ତିର ମାର୍ଗ ପାଇପାରନ୍ତି। ଯୋଜନା ଗୁଡିକ ସଫଳ ହେବ। ପିତାଙ୍କ ସ୍ୱାସ୍ଥ୍ୟ ବିଗିଡିପାରେ। ଦାମ୍ପତ୍ୟ ଜୀବନ ସାମାନ୍ୟ ଅଶାନ୍ତ ହୋଇପାରେ।

**କୁମ୍ଭ** ରକ୍ତଚାପ ବଢ଼ିପାରେ। ମତିଭ୍ରମ ହେଲା ପରି ଅନୁଭବ କରିପାରନ୍ତି। ଅଭିମାନ ଓ କ୍ରୋଧ ପରିତ୍ୟାଗ କରନ୍ତୁ। ବ୍ୟବସାୟରେ ଲାଭ ଯୋଗ ଅଛି। ବାଣୀ ଉପରେ ଲଗାମ ଦିଅନ୍ତୁ। ପତିପତ୍ନୀଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇପାରେ।

**ମୀନ** ଉତ୍ତମ ସ୍ୱାସ୍ଥ୍ୟ ଅନୁଭବ କରିବେ। ଅର୍ଥପ୍ରାପ୍ତି ଯୋଗ ଅଛି। କିନ୍ତୁ ବ୍ୟୟ ଉପରେ ନିୟନ୍ତ୍ରଣ ରଖନ୍ତୁ। ଛାତ୍ରମାନେ ନୂତନ ଦିଗ ଚୟନରେ ସଫଳତା ପାଇବେ। ପ୍ରେମୀମାନେ ଅନ୍ୟ ଜଣକୁ ଉପହାର ଦେଇପାରନ୍ତି। ବିଦେଶ ଭ୍ରମଣର ଯୋଗ ଅଛି।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ଅରବପତିଙ୍କ ରାଜଧାନୀ ମୁମ୍ବାଇ

**ମୁମ୍ବାଇ :** ଭାରତର ରାଜଧାନୀ ତ ନୂଆଦିଲ୍ଲୀ। କିନ୍ତୁ ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇକୁ କୁହାଯାଏ। ଇତି ମଧ୍ୟରେ ଏହି ମୁମ୍ବାଇ ସହର ଆଉ ଏକ ସୁଖ୍ୟାତି ଅର୍ଜନ କରିଛି। ଆଜ୍ଞା ହଁ, ଭାରତର ଆର୍ଥିକ ରାଜଧାନୀ ମୁମ୍ବାଇ ଏସିଆର 'ଅରବପତିଙ୍କ ରାଜଧାନୀ' ପାଲଟିଛି। ହୁରୁନ ଇଣ୍ଡିଆ ଧନୀ ତାଲିକା ୨୦୨୪ ଅନୁସାରେ, ଚୀନର ରାଜଧାନୀ ବେଜିଂ ଅପେକ୍ଷା ମୁମ୍ବାଇରେ ଅଧିକ ଅରବପତି ଅଛନ୍ତି। ହୁରୁନ ଇଣ୍ଡିଆ ଧନୀ ତାଲିକା ୨୦୨୪ ପ୍ରକାଶ ପାଇଛି। ଏଥିରେ କୁହାଯାଇଛି ଯେ, ଏସିଆର ୨୫% ଅରବପତିଙ୍କ ଘର ମୁମ୍ବାଇରେ। ଅର୍ଥାତ୍ ଏହି ସହର ହେଉଛି ଏସିଆର ଅରବପତିଙ୍କ ନୂଆ ରାଜଧାନୀ। ଏହି ସହର ଚୀନର ରାଜଧାନୀ ବେଜିଂକୁ ଏ କ୍ଷେତ୍ରରେ ପଛରେ ପକାଇ ଦେଇଛି। କେବଳ ଏତିକି ନୁହେଁ, ହୁରୁନ୍ ଇଣ୍ଡିଆ ଧନୀ ତାଲିକାରେ ସ୍ଥାନ ପାଇଥିବା ବ୍ୟକ୍ତିଙ୍କର ମୁମ୍ବାଇ ହେଉଛି ପ୍ରିୟ



ସହର। ତାଲିକାରେ ଏହି ସହର ପରେ ନୂଆଦିଲ୍ଲୀ ଏବଂ ହାଇଦ୍ରାବାଦ ରହିଛି। ଚଳିତ ବର୍ଷର ତାଲିକା ଅନୁଯାୟୀ, ମୁମ୍ବାଇରେ ୫୮ ଜଣ ଅରବପତି ବ୍ୟକ୍ତିଙ୍କ ସମ୍ପତ୍ତି ମଧ୍ୟ ବୃଦ୍ଧି ପାଇଛି। ସେଥିପାଇଁ ତ ଏହି ସହର ଅରବପତିଙ୍କ ରାଜଧାନୀ ପାଲଟିଛି। ଏହି ତାଲିକାରେ ଆହୁରି କୁହାଯାଇଛି ଯେ, ଅରବପତିଙ୍କ କ୍ଷେତ୍ରରେ ଭାରତ ଚୀନ୍‌କୁ ମଧ୍ୟ ପଛରେ ପକାଇ ଦେଇଛି। ଏହି ତାଲିକା ଅନୁଯାୟୀ, ସମୀକ୍ଷା ସମୟରେ ଭାରତରେ ୨୯ ପ୍ରତିଶତ ଅଧିକ ଅରବପତି ରେକର୍ଡ କରାଯାଇଥିବାବେଳେ ଚୀନରେ ଅରବପତିଙ୍କ ସଂଖ୍ୟା ୨୫ ପ୍ରତିଶତ ହ୍ରାସ ପାଇଛି। ହୁରୁନ୍ ଇଣ୍ଡିଆର ପ୍ରତିଷ୍ଠାତା ତଥା ମୁଖ୍ୟ ଗବେଷକ ଅନସ ରହମାନ ଜୁନୈଦ କହିଛନ୍ତି ଯେ, ଏସିଆର ଧନ ସୃଷ୍ଟିକାରୀ ଇଞ୍ଜିନ୍ ଭାବରେ ଉଭା ହେଉଛି ଭାରତ। ସେ କହିଛନ୍ତି, ଚୀନରେ ବିଲିୟନେଆରଙ୍କ ସଂଖ୍ୟା ୨୫% ହ୍ରାସ ପାଇଥିବାବେଳେ ଭାରତରେ ସେମାନଙ୍କ ସଂଖ୍ୟା ୨୯% ବୃଦ୍ଧି ପାଇଛି। ଏହା ସହ ଅରବପତିଙ୍କ ସଂଖ୍ୟା ୩୩୪ ରେକର୍ଡ ସଂଖ୍ୟାରେ ପହଞ୍ଚିଛି।

### ଜାପାନ ସରକାରଙ୍କ ନୂଆ ଘୋଷଣା; ଅବିବାହିତ ଝିଅଙ୍କୁ ମିଳିବ ଟଙ୍କା

## ସହର ଛାଡ଼ି ଗାଁରେ ବିବାହ କରିବାକୁ ପରାମର୍ଶ

**ଟୋକିଓ :** ଜାପାନ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଅବିବାହିତ ଝିଅମାନଙ୍କୁ ଟଙ୍କା ଦିଆଯିବା ସହ ସହର ଛାଡ଼ି ଗାଁକୁ ଯାଇ ବିବାହ କରିବାକୁ ସରକାର ପରାମର୍ଶ ଦେଇଛନ୍ତି। ଗାଁରେ ମହିଳାଙ୍କ ସଂଖ୍ୟା ହ୍ରାସକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି, ତେଣୁ ଜାପାନ ସରକାର ଅବିବାହିତା ଯୁବତୀଙ୍କୁ ବିବାହ ପାଇଁ ବିପୁଳ ପରିମାଣର ଅର୍ଥ ଦେଉଛନ୍ତି। ଏକ ରିପୋର୍ଟ ଅନୁଯାୟୀ,ସରକାର ଏଭଳି ଯୁବତୀଙ୍କୁ ୭୦୦୦ ଡଲାର ପର୍ଯ୍ୟନ୍ତ ଦେଉଛନ୍ତି। ବାସ୍ତବରେ ଜାପାନର ଗ୍ରାମାଞ୍ଚଳରେ ମହିଳାଙ୍କ ସଂଖ୍ୟା କମ୍ ଅଟେ। ୨୦୨୦ ଜନଗଣନା ଅନୁଯାୟୀ, ଏଠାରେ ୯୧ ଲକ୍ଷ ଅବିବାହିତା ଯୁବତୀ ଥିବାବେଳେ ପୁରୁଷଙ୍କ ସଂଖ୍ୟା ହେଉଛି ୧.୧୧ କୋଟି। ସେହି ଅନୁଯାୟୀ, ମହିଳାଙ୍କ ସଂଖ୍ୟା ୨୦ ପ୍ରତିଶତ କମ୍ ଅଟେ। ଅନେକ କ୍ଷେତ୍ର ଅଛି ଯେଉଁଠାରେ ଏହି ପାର୍ଥକ୍ୟ ୩୦ ପ୍ରତିଶତରେ ପହଞ୍ଚିଛି। ରିପୋର୍ଟରେ କୁହାଯାଇଛି, ଆଜିକାଲି ଝିଅମାନେ ଅଧ୍ୟୟନ ଶେଷ କରିବା ପରେ ସହରକୁ ଯାଉଛନ୍ତି, ଯେଉଁଥିପାଇଁ ଗାଁରେ ମହିଳାଙ୍କ ସଂଖ୍ୟା ହ୍ରାସ ପାଇଛି। ତେଣୁ ସେମାନଙ୍କୁ ଉତ୍ସାହିତ କରିବା ପାଇଁ ସରକାର ପ୍ରାୟ ୫.୮୭ ଲକ୍ଷ ଟଙ୍କା ଦେଉଛନ୍ତି। ଜାପାନର ଅଧିକାରୀମାନେ କହିଛନ୍ତି,ଗତ ବର୍ଷ ଏଠାରେ କେବଳ ୭୨୭,୨୭୭ଟି ଜନ୍ମ ରେକର୍ଡ କରାଯାଇଥିଲା ଏବଂ ପ୍ରଜନନ ହାର ୧.୨୦ ଥିଲା। ଏକ ଦେଶ କିମ୍ବା ଅଞ୍ଚଳର ଜନସଂଖ୍ୟାକୁ ସ୍ଥିର ରଖିବା ପାଇଁ ଆବଶ୍ୟକ ଜନ୍ମ ହାର ହେଉଛି ୨.୧, ଅର୍ଥାତ୍ ପ୍ରତ୍ୟେକ ମହିଳା ହାରାହାରି ୨.୧ ସନ୍ତାନ ଜନ୍ମ କରିବା ଉଚିତ, ଏହା ସନ୍ତୁଳନ ବଜାୟ ରଖେ। ଏହାପୂର୍ବରୁ ସ୍ୱିଡେନ ମଧ୍ୟ ଏହାର ଗୋଟିଏ ନିଷ୍ପତ୍ତି ହେତୁ ଚର୍ଚ୍ଚାରେ ରହିଥିଲା। ଦେଶ ଛାଡ଼ିବାକୁ ନାଗରିକଙ୍କୁ ଟଙ୍କା ଦେବାକୁ ଏଠାରେ ସରକାର ଘୋଷଣା କରିଥିଲେ। ଶରଣାର୍ଥୀ ଏବଂ ପ୍ରବାସୀମାନେ ଦେଶ ଛାଡ଼ିବା ସମୟରେ ଭାରତୀୟ ମୁଦ୍ରାରେ ପ୍ରାୟ ୮୦ ହଜାର ଟଙ୍କା ପାଇଥାନ୍ତି। ଏହି ଟଙ୍କା ସମସ୍ତଙ୍କୁ ଥରେ ଦିଆଯାଏ। ବର୍ତ୍ତମାନ ଜାପାନରୁ ମଧ୍ୟ ଏହି ପ୍ରକାରର ଖବର ଆସୁଛି, ଯାହାକୁ ନେଇ ଅନେକ ଚର୍ଚ୍ଚା ହେଉଛି।

## ଆଇଏନ୍‌ଏସ୍ ଅରିଘାତ ନୌସେନାରେ ସାମିଲ

**ନୂଆଦିଲ୍ଲୀ :** ଭାରତ ବିଶାଖାପାଟଣାରେ ନିଜର ଦ୍ୱିତୀୟ ପରମାଣୁ ବୁଡ଼ାଜାହାଜ ଆଇଏନଏସ ଅରିଘାତକୁ ନୌସେନାରେ ସାମିଲ କରିଛି। ଅରିହନ୍ତ ଶ୍ରେଣୀର ଏହି ବୁଡ଼ାଜାହାଜ ଭାରତର ଆଣବିକ ଶକ୍ତିକୁ ସୁଦୃଢ଼ କରିବା ସହ ପରମାଣୁ ପ୍ରତିରୋଧ ଶକ୍ତି ବୃଦ୍ଧି କରିବ। ଆଇଏନଏସ ଅରିଘାତ ରଣନୈତିକ ସନ୍ତୁଳନ ଓ ଶାନ୍ତି ପ୍ରତିଷ୍ଠା କରିବାରେ ସହାୟକ ହେବ ଏବଂ ଦେଶର ସୁରକ୍ଷାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ଆଣବିକ କ୍ଷେପଣାସ୍ତ୍ର ଉତ୍ପାଦନ ସମାରୋହରେ ଯୋଗଦେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ନୌସେନାର ଏହି ମାଇଲଖୁଣ୍ଟକୁ ଦେଶ ପାଇଁ ଏକ ଉପଲବ୍ଧି ବୋଲି ବର୍ଣ୍ଣନା କରିବା ସହ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ହାସଲ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରଙ୍କ ଅତୁଟ ସଂକଳ୍ପର ପ୍ରମାଣ ବୋଲି କହିଛନ୍ତି। ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ



ଆଇଏନଏସ ଅରିଘାତ ନିର୍ମାଣରେ ଉନ୍ନତ ଡିଜାଇନ ଏବଂ ଉତ୍ପାଦନ ପ୍ରଯୁକ୍ତି, ବିସ୍ତୃତ ଗବେଷଣା ଏବଂ ବିକାଶ, ସ୍ୱତନ୍ତ୍ର ସାମଗ୍ରୀର ବ୍ୟବହାର, ଜଟିଳ ଇଞ୍ଜିନିୟରିଂ ଏବଂ ଉଚ୍ଚ କୁଶଳୀ କାରିଗରୀ ବ୍ୟବହାର ହୋଇଛି। ଦେଶର ଆଣବିକ ବୁଡ଼ାଜାହାଜରେ ସ୍ୱଦେଶୀ ପ୍ରଣାଳୀ ଏବଂ ଉପକରଣ ରହିଛି ଯାହାକୁ ଭାରତୀୟ ବୈଜ୍ଞାନିକ, ଶିଳ୍ପ ଏବଂ ନୌସେନା କର୍ମଚାରୀମାନେ ପରିକଳ୍ପନା, ଡିଜାଇନ୍ ଏବଂ ଉତ୍ପାଦନ କରିଛନ୍ତି।


## ଭାରତରେ ନୂଆ କ୍ୟାମ୍ପସ ଖୋଲିବ ସାଉଥମ୍ପଟନ୍ ବିଶ୍ୱବିଦ୍ୟାଳୟ

**ନୂଆଦିଲ୍ଲୀ :** ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ–ୟୁଜିସି ସାଉଥମ୍ପଟନ୍ ବିଶ୍ୱବିଦ୍ୟାଳୟକୁ ସମ୍ମତି ପତ୍ର ପ୍ରଦାନ କରିଛି। ଜାତୀୟ ଶିକ୍ଷା ନୀତି ୨୦୨୦ ଅଧୀନରେ ସାଉଥମ୍ପଟନ୍ ବିଶ୍ୱବିଦ୍ୟାଳୟ ଭାରତରେ ଏକ କ୍ୟାମ୍ପସ ପ୍ରତିଷ୍ଠା କରିବ। ନୂଆଦିଲ୍ଲୀରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଏସ୍ ଜୟଶଙ୍କରଙ୍କ ଉପସ୍ଥିତିରେ ୟୁଜିସି ଅଧ୍ୟକ୍ଷ ଏମ୍ ଜଗଦେଶ କୁମାର ଏହି ସମ୍ମତି ପତ୍ର ହସ୍ତାନ୍ତର କରିଛନ୍ତି। ଡ. ଜୟଶଙ୍କର ତାଙ୍କ ଅଭିଭାଷଣରେ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମ ଭାରତ ଏବଂ ବ୍ରିଟେନ ମଧ୍ୟରେ ସୁଦୃଢ଼ ଏବଂ ବହୁମୁଖୀ ଦ୍ୱିପାକ୍ଷିକ ସମ୍ପର୍କର ପ୍ରମାଣ, ଯେଉଁଥିରେ ଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଅଟେ। ସେ କହିଛନ୍ତି, ଏହି ପ୍ରଗତିର ମୂଳରେ ରହିଛି ଜାତୀୟ ଶିକ୍ଷାନୀତି ଏନଇପି ୨୦୨୦। ଏହା ଏକ ନୀତି ଯାହା ଅନ୍ତର୍ଜାତୀୟକରଣକୁ ପ୍ରୋତ୍ସାହିତ କରେ ଏବଂ ଶିକ୍ଷା କ୍ଷେତ୍ରରେ ଭାରତକୁ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗୀ ଭାବରେ ସ୍ଥାନିତ କରିବାକୁ ଲକ୍ଷ୍ୟ ରଖିଛି ବୋଲି ମନ୍ତ୍ରୀ କହିଥିଲେ। ସେ କହିଛନ୍ତି ଯେ ଏନଇପି ୨୦୨୦ କେବଳ ଏକ ନୀତି ନୁହେଁ ବରଂ ଏହା ଭାରତରେ ଶିକ୍ଷାର ଭବିଷ୍ୟତ ପାଇଁ ଏକ ଦୃଷ୍ଟିକୋଣ, ଯାହା ଏହି ମାନଦଣ୍ଡକୁ ସର୍ବୋଚ୍ଚ ବିଶ୍ୱସ୍ତରୀୟ ସ୍ତରରେ ଉନ୍ନତ କରିବାକୁ ଚାହୁଁଛି। ଡ. ଜୟଶଙ୍କର କହିଛନ୍ତି ଯେ ଭାରତକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା, ବିଶ୍ୱର ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିବା, ବିଦେଶୀ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପ୍ରତିଷ୍ଠା କରିବା ଏବଂ ଭାରତୀୟ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକମାନଙ୍କ ମଧ୍ୟରେ ବିଶ୍ୱସ୍ତରୀୟ ଦକ୍ଷତା ବୃଦ୍ଧି କରିବା ଏହାର ଲକ୍ଷ୍ୟ। ଶିକ୍ଷା କ୍ଷେତ୍ରରେ ବ୍ରାଣ୍ଡ ଇଣ୍ଡିଆର ଏକ ଦୃଢ଼ ଆନ୍ତର୍ଜାତିକ ପାଦଚିହ୍ନ ପ୍ରତିଷ୍ଠା କରିବାରେ ଏହି ପଦକ୍ଷେପ ସହାୟକ ହେବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବୈଦେଶିକ ସଚିବ ବିକ୍ରମ ମିଶ୍ରୀ, ଭାରତରେ ଅବସ୍ଥାପିତ ବ୍ରିଟିଶ ଡେପୁଟି ହାଇକମିସନର କ୍ରିଷ୍ଟିନା ସ୍କଟ୍ ଏବଂ ଉଚ୍ଚଶିକ୍ଷା ସଚିବ କେ ସଞ୍ଜୟ ମୂର୍ତ୍ତି ଉପସ୍ଥିତ ଥିଲେ।

### ଏନ୍‌ସିଆରବି ରିପୋର୍ଟରେ ଉଦ୍‌ବେଗଜନକ ତଥ୍ୟ

## ବୃଦ୍ଧି ପାଉଛି ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା


**ନୂଆଦିଲ୍ଲୀ :** ଭାରତରେ ଦିନକୁ ଦିନ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ବଢିବାରେ ଲାଗିଛି। ବାର୍ଷିକ ସ୍ତରରେ ଏଭଳି ଆତ୍ମହତ୍ୟା ହାର ଯେଉଁ ସ୍ତରରେ ପହଞ୍ଚିଛି ତାହା ବିଭିନ୍ନ ମହଲରେ ଉଦବେଗ ସୃଷ୍ଟି କରିଛି ବୋଲି ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନସିଆରବି) ପକ୍ଷରୁ ପ୍ରକାଶ କରାଯାଇଥିବା ସଦ୍ୟତମ ରିପୋର୍ଟ ସୂତ୍ରରୁ ଜଣାପଡ଼ିଛି। ଏନସିଆରବି ପକ୍ଷରୁ 'ଷ୍ଟୁଡେଣ୍ଟ ସୁଇସାଇଡ୍ : ଆନ୍ ଏପିଡେମିକ୍ ସ୍ୱିପିଂ ଇଣ୍ଡିଆ' ଶୀର୍ଷକ ରିପୋର୍ଟ ବୁଧବାର ପ୍ରକାଶ କରାଯାଇଥିଲା ବେଳେ ଭାରତରେ ଛାତ୍ରଛାତ୍ରୀ ଆତ୍ମହତ୍ୟା ବାର୍ଷିକ ହାର ଦେଶର ମୋଟ ଜନସଂଖ୍ୟା ଅଭିବୃଦ୍ଧି ଏବଂ ସାମୂହିକ ଆତ୍ମହତ୍ୟା ହାର ଠାରୁ ଯଥେଷ୍ଟ ଅଧିକ ରହିଥିବା କୁହାଯାଇଛି। ଦେଶରେ ଘଟୁଥିବା



ସାମୂହିକ ଆତ୍ମହତ୍ୟା ବାର୍ଷିକ ହାରରେ ୨ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ ଛାତ୍ରଛାତ୍ରୀ ଆତ୍ମହତ୍ୟା ହାର ୪ ପ୍ରତିଶତ ବୃଦ୍ଧି ପାଇଛି ବୋଲି ଏହି ରିପୋର୍ଟରେ କୁହାଯାଇଛି। ବିଶେଷକରି ବିଗତ ଦୁଇ ଦଶନ୍ଧିରେ ଛାତ୍ରଛାତ୍ରୀ ଆତ୍ମହତ୍ୟ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି। ଜାତୀୟ ସ୍ତରରେ ହାରାହାରି ଭାବେ ରହିଥିବା ଆତ୍ମହତ୍ୟା ସଂଖ୍ୟା ଠାରୁ ଏହି ସଂଖ୍ୟା ଦୁଇ ଗୁଣ ଅଧିକ ରହିଛି। ୨୦୨୨ରେ ମୋଟ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ସଂଖ୍ୟା ମଧ୍ୟରୁ ୫୩ ପ୍ରତିଶତ କେବଳ ଛାତ୍ର ଆତ୍ମହତ୍ୟା କରିଛନ୍ତି। ଅନ୍ୟପକ୍ଷରେ ୨୦୨୧ ରୁ ୨୦୨୨ ମଧ୍ୟରେ ଛାତ୍ର ଆତ୍ମହତ୍ୟା ହାର ୬ ପ୍ରତିଶତ ହ୍ରାସ ପାଇଥିଲା ବେଳେ ଛାତ୍ରୀ ଆତ୍ମହତ୍ୟା ହାର ୭ ପ୍ରତିଶତ ବୃଦ୍ଧି ପାଇଥିବା ଏହି ରିପୋର୍ଟରେ କୁହାଯାଇଛି। ମହାରାଷ୍ଟ୍ର, ତାମିଲନାଡୁ ଏବଂ ମଧ୍ୟପ୍ରଦେଶ ଆଦି ରାଜ୍ୟରେ ଦେଶର ଅନ୍ୟ ଯେକୌଣସି ରାଜ୍ୟ ତୁଳନାରେ ଛାତ୍ରଛାତ୍ରୀମାନେ ଅଧିକ ହାରରେ ଆତ୍ମହତ୍ୟା କରୁଥିବା ଏହି ରିପୋର୍ଟରେ କୁହାଯାଇଛି। ଏହି ତିନୋଟି ରାଜ୍ୟର ଛାତ୍ରଛାତ୍ରୀ ଆତ୍ମହତ୍ୟା ହାର ଜାତୀୟ ସ୍ତରରେ ହେଉଥିବା ଆତ୍ମହତ୍ୟା ସଂଖ୍ୟାର ଏକ ତୃତୀୟାଂଶ ବୋଲି କୁହାଯାଇଛି।

# ୨୩୪ ସହରରେ ଖୋଲିବ ୭୩୦ ଏଫ୍‌ଏମ୍ ଚ୍ୟାନେଲ

**ନୂଆଦିଲ୍ଲୀ, (ପିଆଇବି):** କେନ୍ଦ୍ର ସରକାର ଦେଶର ଅପହଞ୍ଚ ଇଲାକାକୁ ଯୋଡିବା ନିମନ୍ତେ ତଥା ସେଠାକାର ଲୋକମାନଙ୍କୁ ସୂଚନା ଦେବା ଲକ୍ଷ୍ୟରେ ୨୩୪ଟି ନୂଆ ସହରରେ ୭୩୦ଟି ଘରୋଇ ଏଫ୍‌ଏମ୍ ଚ୍ୟାନେଲ୍ ଖୋଲିବା ନିମନ୍ତେ ଇ-ନିଲାମ ପ୍ରସ୍ତାବକୁ ଅନୁମୋଦନ କରିଛି। ଏଥିପାଇଁ ରିଜର୍ଭ ମୂଲ୍ୟ ୭୮୪.୮୭ କୋଟି ଟଙ୍କା ରଖାଯାଇଛି। ଏହି ନୂଆ ୭୩୦ ଘରୋଇ ଏଫ୍‌ଏମ୍ ଚ୍ୟାନେଲ୍ ମଧ୍ୟରେ ଓଡିଶାର ୬ଟି ସହରରେ ୧୯ଟି ଘରୋଇ ଏଫ୍‌ଏମ୍ ଚ୍ୟାନେଲ୍ ଖୋଲିବ। ବାଲେଶ୍ୱର ଜିଲ୍ଲାରେ ୩ଟି ଘରୋଇ ଏଫ୍‌ଏମ୍ ଚ୍ୟାନେଲ ଖୋଲିବାକୁ ଥିବା ବେଳେ ବାରିପଦାରେ ୩ଟି, ବ୍ରହ୍ମପୁରରେ ୪ଟି, ଭଦ୍ରକରେ ୩ଟି, ପୁରୀରେ ୩ଟି ଏବଂ ସମ୍ବଲପୁରରେ ୩ଟି ଘରୋଇ ଏଫ୍‌ଏମ୍



ଚ୍ୟାନେଲ ଖୋଲିବ। ମାତୃଭାଷାରେ ସ୍ଥାନୀୟ ବିଷୟବସ୍ତୁକୁ ପ୍ରୋତ୍ସାହିତ କରିବା ଏବଂ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏହି ପଦକ୍ଷେପର ଲକ୍ଷ୍ୟ। ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ କ୍ୟାବିନେଟ ନିଷ୍ପତ୍ତି ଏଫଏମ ରେଡିଓକୁ ଟାୟାର ୨ ଏବଂ ଟାୟର ୩ ସହରକୁ ନେଇଯିବ। ସେ କହିଛନ୍ତି ଯେ ଏହି ପ୍ରକଳ୍ପ ସ୍ଥାନୀୟ ପ୍ରତିଭାଙ୍କ ଉପରେ ଧ୍ୟାନ ଦେବ। ଏଥିରେ ଆନ୍ଧ୍ର ପ୍ରଦେଶର ୨୨ଟି ସହରରେ ୬୮ଟି ଚ୍ୟାନେଲ, ଆସାମରେ ୬ଟି ସହରରେ ୧୮ଟି ଚ୍ୟାନେଲ, ବିହାରରେ ୧୮ଟି ସହରରେ ୫୭ଟି ଚ୍ୟାନେଲ, ଗୁଜୁରାଟରେ ୮ଟି ସହରରେ ୨୪ଟି ଚ୍ୟାନେଲ, ହରିୟାଣାରେ ୯ଟି ସହରରେ ୨୭ଟି ଚ୍ୟାନେଲ, ତାମିଲନାଡୁରେ ୧୧ଟି ସହରରେ ୩୩ଟି ଚ୍ୟାନେଲ, ମଧ୍ୟପ୍ରଦେଶରେ ୨୦ଟି ସହରରେ ୬୧ଟି ଚ୍ୟାନେଲ, ମହାରାଷ୍ଟ୍ରରେ ୧୧ଟି ସହରରେ ୩୬ଟି ଚ୍ୟାନେଲ, ପଞ୍ଜାବରେ ୯ଟି ସହରରେ ୨୮ଟି ଚ୍ୟାନେଲ, ରାଜସ୍ଥାନରେ ୧୯ଟି ସହରରେ ୫୯ଟି ଚ୍ୟାନେଲ, ତେଲେଙ୍ଗାନାରେ ୧୦ଟି ସହରରେ ୩୧ଟି ଚ୍ୟାନେଲ, ଉତ୍ତର ପ୍ରଦେଶରେ ୩୨ଟି ସହରରେ ୧୦୦ଟି ଚ୍ୟାନେଲ, ପଶ୍ଚିମବଙ୍ଗରେ ୧୩ଟି ସହରରେ ୪୨ଟି ଚ୍ୟାନେଲ, ଛତିଶଗଡ଼ରେ ୩ଟି ସହରରେ ୯ଟି ଚ୍ୟାନେଲ, ଝାଡ଼ଖଣ୍ଡରେ ୬ଟି ସହରରେ ୧୯ଟି ଚ୍ୟାନେଲ, କେରଳରେ ୨ଟି ସହରରେ ୬ଟି ଚ୍ୟାନେଲ, ମିଜୋରାମରେ ଗୋଟିଏ ସହରରେ ୩ଟି ଚ୍ୟାନେଲ, ମେଘାଳୟର ଗୋଟିଏ ସହରରେ ୩ଟି ଚ୍ୟାନେଲ, ମଣିପୁରରେ ଗୋଟିଏ ସହରରେ ୪ଟି ଚ୍ୟାନେଲ, ନାଗାଲାଣ୍ଡରେ ୩ଟି ସହରରେ ୯ଟି ଚ୍ୟାନେଲ, ତ୍ରିପୁରାରେ ୧ଟି ସହରରେ ୩ଟି ଚ୍ୟାନେଲ, ଉତ୍ତରାଖଣ୍ଡରେ ୨ଟି ସହରରେ ୬ଟି ଚ୍ୟାନେଲ, ଆଣ୍ଡାମାନ ଓ ନିକୋବରରେ ଗୋଟିଏ ସହରରେ ୩ଟି ଚ୍ୟାନେଲ, ଦାମନରେ ୧ଟି ସହରରେ ୩ଟି ଚ୍ୟାନେଲ, ଜାମ୍ମୁ କାଶ୍ମୀରରେ ୧ଟି ସହରରେ ୩ଟି ଚ୍ୟାନେଲ ଓ ଲାକ୍ଷାଦ୍ୱୀପରେ ୧ଟି ସହରରେ ୩ଟି ଏଫ୍‌ଏମ୍ ଚ୍ୟାନେଲ୍ ଖୋଲିବ।

## ଆଦାନୀ ଦେଶର ସବୁଠୁ ଧନୀ

**ନୂଆଦିଲ୍ଲୀ :** ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀ ଦେଶର ସବୁଠୁ ଧନୀ ବ୍ୟକ୍ତି ଭାବେ ମାନ୍ୟତା ପାଇଛନ୍ତି। ମୁକେଶ ଅମ୍ବାନୀଙ୍କୁ ହଟାଇ ସେ ଦେଶର ୧ ନମ୍ବର ଧନୀ ହେବାର ସୁଯୋଗ ଲାଭ କରିଛନ୍ତି। ହୁରୁନ ଇଣ୍ଡିଆ ପକ୍ଷରୁ ପ୍ରକାଶିତ ଧନୀ ତାଲିକା ୨୦୨୪ ରିପୋର୍ଟରେ ଏହା କୁହାଯାଇଛି। ତାଲିକା ଅନୁସାରେ, ଆଦାନୀଙ୍କ ମୋଟ ସମ୍ପତ୍ତିର ପରିମାଣ ୧୧ ଲକ୍ଷ ୬୦ ହଜାର କୋଟି ଟଙ୍କା। ୨ୟ ସ୍ଥାନରେ ଥିବା ମୁକେଶ ଅମ୍ବାନୀଙ୍କ ମୋଟ ସମ୍ପତ୍ତି ପରିମାଣ ୧୦ ଲକ୍ଷ ୧୪ ହଜାର ୭୦୦ କୋଟି ରହିଛି। ହୁରୁନ ଇଣ୍ଡିଆର ପ୍ରତିଷ୍ଠାତା ତଥା ମୁଖ୍ୟ ଗବେଷକ ଅନସ ରହମନ ଜୁନୈଦ କହିଛନ୍ତି, ଭାରତ ଏସିଆର ଧନୀ ସୃଷ୍ଟିକାରୀ ମେସିନ ପାଲଟିଛି। ଚୀନରେ ଧନୀଙ୍କ ସଂଖ୍ୟା ୨୫ ପ୍ରତିଶତ ହ୍ରାସ ପାଇଥିବାବେଳେ ଭାରତରେ ଏଥିରେ ୨୯ ପ୍ରତିଶତ ବୃଦ୍ଧି ଘଟିଛି।

# ଦେଶର ୯ ରାଜ୍ୟରେ ସ୍ଥାପନ ହେବ ୧୨ ଶିଳ୍ପ ସ୍ମାର୍ଟ ସିଟି

**ନୂଆଦିଲ୍ଲୀ,(ପିଆଇବି) :** କେନ୍ଦ୍ର ସରକାର ବିକଶିତ ଭାରତର ନକ୍ସା ପ୍ରସ୍ତୁତ କରୁଛନ୍ତି। ଏହି ଅଞ୍ଚଳରେ ନିବେଶ ପାଇଁ ନିବେଶକଙ୍କୁ ଲାଲ୍ ଗାଲିଚା ବିଛାଇ ଆମନ୍ତ୍ରଣ କରୁଛନ୍ତି। ଭାରତ ଦେଶ ଗଳାରେ ୯ ରାଜ୍ୟର ୧୨ଟି ଶିଳ୍ପ ସ୍ମାର୍ଟ ସିଟି ହାର ପରି ଶୋଭା ପାଇବ ବୋଲି ଘୋଷଣା କରିଛନ୍ତି। ଏ ବାବଦରେ କେନ୍ଦ୍ର ସରକାର ୨୮୬୦୨ କୋଟି ଟଙ୍କା ବ୍ୟୟ ପ୍ରସ୍ତାବକୁ କ୍ୟାବିନେଟ୍ରେ ମଞ୍ଜୁରି ଦେଇଛନ୍ତି। ମାତ୍ର ବିଡ଼ମ୍ବନା ହେଉଛି ନିର୍ବାଚନ ବେଳେ ଯେଉଁ ରାଜ୍ୟକୁ ଅର୍ଥନୈତିକ ସମୃଦ୍ଧ କରି ୫ ବର୍ଷରେ ୩.୫ ଲକ୍ଷ ଲୋକଙ୍କୁ ନିଯୁକ୍ତି ଦେବାକୁ ଘୋଷଣା କରି ୨୦ଟି ସଂସଦ ଆସନ ନେଇଥିଲେ, ସେହି ଓଡ଼ିଶାକୁ ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପରୁ ବାଦ ଦେଇଛନ୍ତି। ସାରା ଦେଶରେ ଉତ୍ପାଦିତ ଇସ୍ପାତର ବଡ଼ ଅଂଶ ଓଡ଼ିଶାରୁ ଉତ୍ପାଦିତ ହେଉଛି; କୋଇଲା ଭିତ୍ତିକ ଶିଳ୍ପ ସ୍ଥାପନରେ ଓଡ଼ିଶା ଅଗ୍ରଣୀ। ମାତ୍ର ରାଉରକେଲା, ସମ୍ବଲପୁର, ଧାମରା, ପାରାଦ୍ୱୀପ, କଳିଙ୍ଗନଗର ପରି ଶିଳ୍ପ ସମୃଦ୍ଧ ସହର ଡବଲ ଇଞ୍ଜିନର ବିକଶିତ ଭାରତ ନକ୍ସାରେ ସ୍ଥାନ ପାଇପାରିଲା ନାହିଁ। ଦେଶରେ ସ୍ୱର୍ଣ୍ଣ ଚତୁର୍ଭୁଜ ପରି ଦେଶରେ ବିଶ୍ୱସ୍ତରୀୟ ଗ୍ରୀନଫିଲ୍ଡ ଶିଳ୍ପ ସ୍ମାର୍ଟ ସିଟି ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଶିଳ୍ପ ସ୍ମାର୍ଟ ସିଟିର ଏକ ବିଶାଳ ଶୃଙ୍ଖଳା ସାରା ଦେଶର ୯ଟି ରାଜ୍ୟରେ ସ୍ଥାପନ ହେବ ଓ ଏଥିପାଇଁ ୨୮,୬୦୨ କୋଟି ଟଙ୍କା ଖର୍ଚ୍ଚ କରାଯିବ। ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ଜାତୀୟ ଶିଳ୍ପ କରିଡର ବିକାଶ କାର୍ଯ୍ୟକ୍ରମ (ଏନ୍‌ଆଇସିଡିପି) ଅଧୀନରେ ଏ ସମ୍ପର୍କିତ ପ୍ରସ୍ତାବକୁ ମଞ୍ଜୁରି ପ୍ରଦାନ କରିଛି। କୁହାଯାଉଛି ଯେ ପୁଞ୍ଜିନିବେଶ ଏବଂ ସନ୍ତୁଳିତ ଆଞ୍ଚଳିକ ବିକାଶକୁ ପ୍ରୋତ୍ସାହନ ଦେବା ପାଇଁ କେନ୍ଦ୍ର ସରକାର ଏହି ପଦକ୍ଷେପ ଗ୍ରହଣ



କରିଛନ୍ତି। ଏହି ଶିଳ୍ପ ସ୍ମାର୍ଟ ସିଟିଗୁଡିକ ଉତ୍ତରାଖଣ୍ଡର ଖୁର୍ପିଆ, ପଞ୍ଜାବର ରାଜପୁରା-ପଟିଆଲା, ମହାରାଷ୍ଟ୍ରର ଦିଘୀ, କେରଳର ପଲକ୍କଡ, ଉତ୍ତରପ୍ରଦେଶର ଆଗ୍ରା ଓ ପ୍ରୟାଗରାଜ, ବିହାରର ଗୟା, ତେଲଙ୍ଗାନାର ଜାହିରାବାଦ, ଆନ୍ଧ୍ରପ୍ରଦେଶର ଓର୍ଭାକଲ ଓ କୋପ୍ପର୍ତି ଏବଂ ରାଜସ୍ଥାନର ଯୋଧପୁର-ପାଲିରେ ପ୍ରତିଷ୍ଠା ହେବ ବୋଲି କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ୯ଟି ରାଜ୍ୟରେ ୬ଟି ପ୍ରମୁଖ କରିଡର ସହିତ ଏହି ପ୍ରକଳ୍ପଗୁଡ଼ିକ ଭାରତର ଉତ୍ପାଦନ କ୍ଷମତା ଏବଂ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ଏକ ବଡ଼ ପଦକ୍ଷେପ ହେବ ଏବଂ ଏନଆଇସିଡିପିକୁ ଉଭୟ ବୃହତ ଉଦ୍ୟୋଗ ଓ ଏମଏସଏମଇରେ ପୁଞ୍ଜିନିବେଶ ପାଇଁ ସୁବିଧା ପ୍ରଦାନ କରି ଏକ ଜୀବନ୍ତ ଶିଳ୍ପ ପରିବେଶକୁ ପ୍ରୋତ୍ସାହିତ କରିବା ଏହାର ଉଦ୍ଦେଶ୍ୟ ବୋଲି କେନ୍ଦ୍ର ସରକାର କହୁଛନ୍ତି। ସ୍ମାର୍ଟ ସିଟି ଏବଂ ଆଧୁନିକ ଭିତ୍ତିଭୂମି ଦ୍ୱାରା ନୂଆ ଶିଳ୍ପ ସହରଗୁଡିକୁ ବିଶ୍ୱସ୍ତରୀୟ ମାନର ଗ୍ରୀନଫିଲ୍ଡ ସ୍ମାର୍ଟ ସିଟି ଭାବରେ ବିକଶିତ କରାଯିବ ଓ ପିଏମ ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନ ଅନୁଯାୟୀ ପ୍ରକଳ୍ପଗୁଡିକରେ ବହୁମୁଖୀ ସଂଯୋଗ ଭିତ୍ତିଭୂମି ରହିବ, ଯାହା ଲୋକ, ଦ୍ରବ୍ୟ ଏବଂ ସେବାଗୁଡିକର ନିରବଚ୍ଛିନ୍ନ ପରିବହନକୁ ସୁନିଶ୍ଚିତ କରିବ। ସମଗ୍ର ଅଞ୍ଚଳର ପରିବର୍ତ୍ତନ ପାଇଁ ଶିଳ୍ପ ସହରଗୁଡିକୁ ଅଭିବୃଦ୍ଧି କେନ୍ଦ୍ର ଭାବରେ ପରିକଳ୍ପନା କରାଯାଇଛି। ଏଥିରୁ ୧ ନିୟୁତ ପ୍ରତ୍ୟକ୍ଷ ଏବଂ ୩ ନିୟୁତ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମଧ୍ୟ କେନ୍ଦ୍ର ସରକାର ଆଶା ରଖିଛନ୍ତି।

### ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଡ଼କ ସୁରକ୍ଷା ସଂପର୍କିତ ସମୀକ୍ଷା ବୈଠକ

# ବ୍ୟବସ୍ଥାରେ ଅଧିକ ଉନ୍ନତି ପାଇଁ ପଦକ୍ଷେପ ନେବାକୁ ପରାମର୍ଶ

**ଭୁବନେଶ୍ୱର :** ସଡ଼କ ଦୁର୍ଘଟଣା ଘଟିଲେ ଦୁର୍ଘଟଣା ସ୍ଥଳରେ ଦୁର୍ଘଟଣାଗ୍ରସ୍ତଙ୍କ ନିକଟରେ ତୁରନ୍ତ ପହଞ୍ଚି ସହାୟତା ପ୍ରଦାନର ଆବଶ୍ୟକତା ରହିଛି। ଏଥିପାଇଁ ଆମ୍ବୁଲାନ୍ସ, ପୁଲିସ୍ ଟିମ୍, ଅଗ୍ନିଶମ ବ୍ୟବସ୍ଥା, ସ୍ୱେଚ୍ଛାସେବୀ ତଥା ସଂପୃକ୍ତ ସମସ୍ତେ ଯେପରି କ୍ରିୟାଶୀଳ ହୋଇ କମ୍ ସମୟ ମଧ୍ୟରେ ସେଠାରେ ସହାୟତା ପାଇଁ ପହଞ୍ଚିବେ, ସେଥିପ୍ରତି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗୁରୁତ୍ୱାରୋପ କରିଛନ୍ତି। ଫଳରେ ଦୁର୍ଘଟଣାରେ ମୂଲ୍ୟବାନ ଜୀବନକୁ ରକ୍ଷା କରାଯାଇପାରିବ। ଅନ୍ୟପକ୍ଷରେ ଦୁର୍ଘଟଣାକୁ କମାଇବା ପାଇଁ ଦୃଢ ପଦକ୍ଷେପ, ଆନୁଷ୍ଠାନିକ ପରିଚାଳନା ବ୍ୟବସ୍ଥାରେ ଅଧିକ ଉନ୍ନତି ଅଣାଯିବା ନିମନ୍ତେ ପ୍ରସ୍ତାବ ଦେବା ଓ କାର୍ଯ୍ୟକାରିତା ଉପରେ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ପରାମର୍ଶ ଦେଇଛନ୍ତି। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେବାଣିଜ୍ୟ ଓ ପରିବହନ ବିଭାଗ ତରଫରୁ ଆହୂତ ସଡ଼କ ସୁରକ୍ଷା ସଂପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକରେ



ଅଧ୍ୟକ୍ଷତା କରି ମୁଖ୍ୟ ଶାସନ ସଚିବଏ ସଂପର୍କରେ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆ, କ୍ରୁଟର ପରିଚାଳନା ନିର୍ଦ୍ଦେଶକ ଅରୁଣ ବୋଥ୍ରା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ୍, ପରିବହନ କମିଶନର ଅମିତାଭ ଠାକୁର, ପୂର୍ତ୍ତବିଭାଗ, ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏବଂ ଅନ୍ୟ ସଂପୃକ୍ତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତଥିଲେ। ବୈଠକ ସଂପର୍କରେ ସୂଚନା ଦେଇ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଥିଲେ ଯେ ସର୍ବୋଚ୍ଚ ନ୍ୟାୟଳୟଙ୍କ ଦ୍ୱାରା ସଡ଼କ ସୁରକ୍ଷା ନିମନ୍ତେ ୨୦୧୪ ମସିହାରୁ ଏକ କମିଟିଗଠନ କରାଯାଇ ବିଭିନ୍ନ ରାଜ୍ୟରେ ସଡ଼କ ସୁରକ୍ଷା ସଂପର୍କିତ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବାକୁ ତଦାରଖ କରାଯାଉଛି। ମୁଖ୍ୟତଃ ଏ ସଂପର୍କିତ ଶିକ୍ଷା, ସଡକ ନିର୍ମାଣରେ ଯାନ୍ତ୍ରିକୀ ଜ୍ଞାନକୌଶଳ, ଆଇନ୍ ଖିଲାପକାରୀଙ୍କ ବିରୁଦ୍ଧରେ ଚଢଉ ଏବଂ ଦୁର୍ଘଟଣା ସମୟରେ ଜରୁରୀକାଳୀନ ସହାୟତା ଉପରେ ଗୁରୁତ୍ୱ ଦେଇଛନ୍ତି। ଆମ ରାଜ୍ୟରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ କମିଟିର ନିର୍ଦ୍ଦେଶନାମା ଅନୁପାଳନ କରାଯାଇ ସଡକ ସୁରକ୍ଷା ସମ୍ପର୍କିତ ନିଆଯାଉଥିବା ସମସ୍ତ ପଦକ୍ଷେପ ସଂପର୍କରେ ଶ୍ରୀମତୀ ପାଢୀ ଅବଗତ କରିଥିଲେ। ରାଜ୍ୟ ପରିବହନ କମିଶନର ୨୦୨୨ମସିହାରେ ଓଡ଼ିଶାରେ ସଡ଼କ ସୁରକ୍ଷା ସଂପର୍କିତ କାର୍ଯ୍ୟାନୁଷ୍ଠାନ ସଂପର୍କିତ ପ୍ରଦର୍ଶନ ଉପରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ସଡକ ସୁରକ୍ଷା କମିଟି ଉଚ୍ଚ ପ୍ରଦର୍ଶନ କାରୀ ରହିଥିବା ସଂପର୍କରେ ପ୍ରକାଶ କରିଥିଲେ। ବୈଠକରେ ବିଗତ ୫ବର୍ଷରେ ରାଜ୍ୟରେ ସଡ଼କ ଦୁର୍ଘଟଣା ସଂପର୍କିତ ଏକ ତୁଳନାତ୍ମକ ଦୃଷ୍ଟିପାତ କରାଯାଇଥିଲା। ରାଜ୍ୟରେ ବର୍ଷକୁ ପ୍ରାୟ ୫ହଜାର ଓ ଦିନକୁ ପ୍ରାୟ ୧୬ ଜଣଙ୍କର ସଡ଼କ ଦୁର୍ଘଟଣାରେ ପ୍ରାଣହାନୀ ଘଟୁଛି। ଦୁର୍ଘଟଣାରେ ଜାତୀୟ ମୃତ୍ୟୁ ସଂଖ୍ୟାହାର ୩୭% ଥିବାବେଳେ ଓଡ଼ିଶାରେ ଏହା ୪୭% ରହିଛି। ୨୦୨୩ ମସିହାରେ ଗ୍ରାମାଞ୍ଚଳରେ ଅଧିକ ଦୁର୍ଘଟଣା (୬୩.୧%) ଘଟିଥିବାବେଳେ ମୃତ୍ୟୁସଂଖ୍ୟା ୬୭.୭% ରହିଥିଲା। ସେହିପରି ସହରାଞ୍ଚଳରେ ଦୁର୍ଘଟଣା ସଂଖ୍ୟା ୩୬.୯% ଥିବାବେଳେ ମୃତ୍ୟୁ ସଂଖ୍ୟା ୩୨.୩% ରହିଥିଲା। ଚଳିତ ବର୍ଷ ୨୦୨୪ ଜାନୁଆରୀରୁ ମଇ ମାସ ସୁଦ୍ଧା ୫୩୬୦ ଦୁର୍ଘଟଣା ଘଟି ୨୬୫୭ ଜଣଙ୍କର ମୃତ୍ୟୁ ହୋଇଛି। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୧୧ଜଣଙ୍କ ମୃତ୍ୟୁ ଘଟିଛି। ପ୍ରାୟ ୬୩ ପ୍ରତିଶତ ମୃତ୍ୟୁ ହେଲମେଟ୍ ପିନ୍ଧିନଥିବା ଯୋଗୁଁ ଘଟିଛି। ଅନ୍ୟ ବିଭିନ୍ନ ଦୁର୍ଘଟଣାର କାରଣ ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା।

## ବନ୍ୟଜନ୍ତୁ ଶିକାର ରୋକିବାକୁ ନିୟୋଜିତ ହେବେ ସନ୍ଧାନୀ କୁକୁର: ପିସିସିଏଫ୍



**ଭୁବନେଶ୍ୱର :** ଜଙ୍ଗଲ ଜଗିବେ ସନ୍ଧାନୀ କୁକୁର। ଓଡ଼ିଶାରେ ଥିବା ଅଭୟାରଣ୍ୟ ତଥା ସଂରକ୍ଷିତ ଜଙ୍ଗଲରେ ବନ୍ୟଜନ୍ତୁ ଶିକାର ରୋକିବାକୁ ସନ୍ଧାନୀ କୁକୁର ନିୟୋଜିତ ହେବେ। ଏ ସମ୍ପର୍କରେ ପିସିସିଏଫ୍ ସୁଶାନ୍ତ ନନ୍ଦ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଅଭୟାରଣ୍ୟ ତଥା ସଂରକ୍ଷିତ ଜଙ୍ଗଲରେ ବେଟ୍ ବମ୍ ବା ଶିକାର ପାଇଁ ପକାଯାଉଥିବା ବମର ସନ୍ଧାନ କରିବେ ଏହି କୁକୁର। ଶିକାର ପାଇଁ ବିଛା ଯାଇଥିବା ତାର ବା ଜନ୍ତା ବି ସନ୍ଧାନ କରିବେ। ପ୍ରାରମ୍ଭିକ ପର୍ଯ୍ୟାୟରେ ରାଜ୍ୟର ୫ଟି ବନ୍ୟପ୍ରାଣୀ ବନଖଣ୍ଡରେ ୧୦ଟି ତାଲିମପ୍ରାପ୍ତ ସନ୍ଧାନୀ କୁକୁର ନିୟୋଜିତ କରିବାକୁ ବନ ବିଭାଗ ନିଷ୍ପତ୍ତି ନେଇଛି। ଏହି ୫ ବନଖଣ୍ଡ ହେଲା ଶିମିଳିପାଳ, ସାତକୋଶିଆ, ଡେବ୍ରିଗଡ଼, ହିନ୍ଦୋଳ ଓ ଆଠଗଡ଼। ଏଥିପାଇଁ ସର୍ବଭାରତୀୟ ସ୍ତରରେ ଟେଣ୍ଡର ଆହ୍ୱାନ କରାଯିବ। ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରର ସଂସ୍ଥା ଏଥିରେ ସାମିଲ୍ ହୋଇ ସନ୍ଧାନୀ କୁକୁର ଯୋଗାଇବା, ସେମାନଙ୍କୁ ତାଲିମ୍ ଦେବା ଭଳି କାର୍ଯ୍ୟ କରିବେ ବୋଲି ପିସିସିଏଫ୍ ସୂଚନା ଦେଇଛନ୍ତି।

## କଟକରେ ସର୍ବାଧିକ ଶିଳ୍ପ ବନ୍ଦ



**ଭୁବନେଶ୍ୱର :** ରାଜ୍ୟରେ ୧୫ହଜାର ୩୧୫ ପଞ୍ଜୀକୃତ ଶିଳ୍ପ ବନ୍ଦ ରହିଛି। ସେଥିମଧ୍ୟରୁ କଟକରେ ସର୍ବାଧିକ ୨୪୦୨ ଓ ସୁନ୍ଦରଗଡ ଜିଲାରେ ୨୦୨୦ ଶିଳ୍ପ ବନ୍ଦ ରହିଥିବା ସୂଚନା ଦିଆଯାଇଛି। ଏନେଇ ବିଧାନସଭାରେ ଉତ୍ତର ଦେଇଛନ୍ତି ଏମ୍ଏସ୍ଏମ୍ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ଖୋର୍ଦ୍ଧା ଜିଲାରେ ୧୫୦୪ ପଞ୍ଜୀକୃତ ଶିଳ୍ପ ବନ୍ଦ ରହିଥିବା ମନ୍ତ୍ରୀ କହିଛନ୍ତି। ଉଦ୍ୟମ ପୋର୍ଟାଲରେ ୮ଲକ୍ଷ ୬୦ହଜାର ୬୪୯ ଅଣୁ ଶିଳ୍ପ ପଞ୍ଜୀକୃତ, ୧୪ହଜାର ୫୦୩ କ୍ଷୁଦ୍ର ଶିଳ୍ପ, ୧୦୮୧ ମଧ୍ୟମ ଉଦ୍ୟୋଗ ଶିଳ୍ପ ପଞ୍ଜୀକୃତ ହୋଇଥିଲା। ସେଥିରୁ ବିଭିନ୍ନ କାରଣରୁ ମୋଟ ୧୫ହଜାର ୩୧୫ ଶିଳ୍ପ ବନ୍ଦ ରହିଥିବା ମନ୍ତ୍ରୀ କହିଛନ୍ତି।

## ସୋସିଆଲ ମିଡିଆ ସାମ୍ବାଦିକଙ୍କ ପାଇଁ ସରକାରଙ୍କ କୌଣସି ନୀତି ନାହିଁ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ରାଜ୍ୟରେ ସାମ୍ବାଦିକମାନଙ୍କୁ ପଞ୍ଜିକୃତ କରିବା ନୀତି ଉପରେ ବଡ଼ ତଥ୍ୟ ଉପସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଗୃହରେ ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ପ୍ରଶ୍ନରେ ଉତ୍ତର ରଖି ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆ ଓ ୱେବ୍ ସାମ୍ବାଦିକଙ୍କ ପଞ୍ଜିକରଣ ନେଇ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଛନ୍ତି। ବିଧାୟକ ରମେଶ ବେହେରା ପ୍ରଶ୍ନ କରିଥିଲେ ଯେ, ରାଜ୍ୟରେ ସାମାଜିକ ଗଣମାଧ୍ୟମକୁ



ବ୍ୟବସ୍ଥିତ କରିବା ତଥା ସେଥିରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ପଞ୍ଜିକୃତ କରିବା ପାଇଁ ନିର୍ଦ୍ଦିଷ୍ଟ ନୀତି ପ୍ରଣୟନ କରିବା ପାଇଁ ଯୋଜନା ଥିଲେ ଏ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଇଛି ? ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ସୋସିଆଲ ମିଡିଆ ସାମ୍ବାଦିକଙ୍କ ପାଇଁ ସରକାରଙ୍କ କୌଣସି ନୀତି ନାହିଁ। ଏହା ମଧ୍ଯ ସୂଚନା ଓ ଲୋକସମ୍ପର୍କ ବିଭାଗର କାର୍ଯ୍ୟ ଅନ୍ତର୍ଭୁକ୍ତ ନୁହେଁ। କିନ୍ତୁ ୱେବ୍ ମିଡିଆ ପାଇଁ ରାଜ୍ୟ ସରକାର ୱେବ୍ ମିଡିଆ ପଲିସି ପ୍ରଣୟନ କରିଛନ୍ତି। ସେଥିରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ପଞ୍ଜିକୃତ କରିବା ପାଇଁ କୌଣସି ବ୍ୟବସ୍ଥା ନାହିଁ।

## ଖୁବଶୀଘ୍ର ଆରମ୍ଭ ହେବ 'ସିଏମ କିଷାନ'

**ଭୁବନେଶ୍ୱର :** ରାଜ୍ୟରେ ଖୁବଶୀଘ୍ର ଆରମ୍ଭ ହେବ ସିଏମ କିଷାନ ଯୋଜନା। ଏନେଇ ବିଧାନସଭାରେ ବିଧାୟକ ମାନସ ଦତ୍ତଙ୍କ ପ୍ରଶ୍ନରେ ଉତ୍ତର ଦେଇ ଏହା କହିଛନ୍ତି କୃଷି ମନ୍ତ୍ରୀ କେ.ଭି ସିଂହଦେଓ। ଯୋଜନାରେ ବର୍ଷକୁ ଦୁଇଟି କିସ୍ତିରେ ମିଳିବ ଦୁଇ ହଜାର ଲେଖାଏଁ ୪ହଜାର ଟଙ୍କା। ସିଏମ୍ କିଷାନ ଯୋଜନାରେ ଭୂମିହୀନ ଚାଷୀଙ୍କୁ ୩ଟି




କିସ୍ତିରେ ମିଳିବ ୧୨ହଜାର ୫ଶହ ଟଙ୍କା। ନୂଆ ହିତାଧିକାରୀ ସାମିଲ ହେବାକୁ ହେଲେ ସିଏମ୍ କିଷାନ ପୋର୍ଟାଲରେ ଆବେଦନ କରିପାରିବେ। ରାଜ୍ୟରେ ପୂର୍ବ ସରକାର ସମୟରେ ଚାଷୀଙ୍କ ପାଇଁ କାଳିଆ ଯୋଜନା ହୋଇଥିଲା। ଏଥିରେ ଚାଷୀମାନଙ୍କୁ ୧୨ହଜାର ଟଙ୍କା ଲେଖାଏଁ ଚାରୋଟି କିସ୍ତିରେ ଅର୍ଥ ପ୍ରଦାନ କରାଯାଉଥିଲା।

## ପାଣ୍ଡିଆନଙ୍କ ମଠ, ମନ୍ଦିରକୁ ଟଙ୍କା ବଣ୍ଟାର ତଦନ୍ତ କରିବ ଟାସ୍କଫୋର୍ସ : ପ୍ରଭାତୀ ପରିଡ଼ା

**ଭୁବନେଶ୍ୱର :** ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡି ସରକାର ସମୟରେ ଭିକେ ପାଣ୍ଡିଆନଙ୍କ ଦ୍ୱାରା ବିଭିନ୍ନ ମଠ ମନ୍ଦିରକୁ ଟଙ୍କା ବଣ୍ଟନର ତଦନ୍ତ ପାଇଁ ଟାସ୍କଫୋର୍ସ ଗଠନ କରାଯିବ। ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ଶ୍ରୀମତୀ ପରିଡ଼ା କହିଛନ୍ତି ଯେ, ସିଏମଓର ଜଣେ ଅଧିକାରୀ ରାଜ୍ୟ ତମାମ ବୁଲିବୁଲି ନିଜ ପକେଟରୁ ଦେଲା ଭଳି ଟଙ୍କା ବାଣ୍ଟିଲେ। ପର୍ଯ୍ୟଟନ ବିଭାଗରୁ ମଠ ମନ୍ଦିରକୁ ଟଙ୍କା ବାଣ୍ଟିଲେ। କିନ୍ତୁ ବିଭାଗୀୟ ଅଧିକାରୀମାନଙ୍କୁ ବିଶ୍ୱାସକୁ ନେଲେ ନାହିଁ। ୩-୪ଜଣ ସଚିବ ସବୁ କଲେ। ଏହାର ତଦନ୍ତ ହେବାର ଆବଶ୍ୟକତା ରହିଛି। ଆମ ସରକାର ନିଶ୍ଚିତ ଟାସ୍କଫୋର୍ସ ଗଠନ କରିବେ ଓ ଏସବୁର ତଦନ୍ତ ହେବ। ସେହିପରି ପିପିପି ମୋଡରେ ପର୍ଯ୍ୟଟନ ଭିତ୍ତିଭୂମିକୁ କିଏ ବିକ୍ରି କରିଥିଲା ତା'ର ମଧ୍ଯ ତଦନ୍ତ ହେବ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ପୂର୍ବ ବିଜେଡି ସରକାର ସମୟରେ ପାଣ୍ଡିଆନ ବିଭିନ୍ନ ଅଞ୍ଚଳ ଗସ୍ତରେ ଯାଇ ମଠ-ମନ୍ଦିର ଓ ବିଭିନ୍ନ ସ୍ଥାନକୁ ମନଇଚ୍ଛା ପାଣ୍ଠି ଆବଣ୍ଟନ କରୁଥିଲେ। ଏପରିକି ଏନେଇ ପ୍ରଶାସନିକ ବିଭାଗ ପାଖରେ କିଛି ଖବର ରହୁନଥିଲା। ପାଣ୍ଡିଆନଙ୍କୁ ଖୁସି କରିବାକୁ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ଏକତରଫା ଭାବେ ସବୁ ନୀତିନିୟମକୁ ଦଳିଚକଟି ଦେଇଥିଲା ବୋଲି ଅଭିଯୋଗ ହେଉଥିଲା।

## ଭୁବନେଶ୍ୱରରେ ମାଟିରେ ମିଶିବ ୧୯୧ ଆପାର୍ଟମେଣ୍ଟ ଓ ଘର



**ଭୁବନେଶ୍ୱର :** ରାଜଧାନୀ ଭୁବନେଶ୍ୱରରେ ବେଆଇନ ଭାବେ ନିର୍ମାଣ ହୋଇଥିବା ୧୯୧ଟି ଆପାର୍ଟମେଣ୍ଟ ଓ ଘରକୁ ସମ୍ପୂର୍ଣ୍ଣ ଭୂମିସାତ୍ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ବିଧାନସଭାରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରଶ୍ନର ଲିଖିତ ଉତ୍ତର ଦେଇ ଶ୍ରୀ ମହାପାତ୍ର କହିଛନ୍ତି ଯେ, ଭୁବନେଶ୍ୱର ଉନ୍ନୟନ ପ୍ରାଧିକରଣ (ବିଡିଏ) ଅଞ୍ଚଳରେ ବେଆଇନ ଭାବେ ଆପାର୍ଟମେଣ୍ଟ ଓ କୋଠା ନିର୍ମାଣ ହୋଇଥିବାରୁ ମୋଟ ୪୯୧ଟି ମାମଲା ରୁଜୁ ହୋଇଛି। ସେଥିରୁ ୧୯୧ଟି ମାମଲାରେ ଉଭୟ ଆପାର୍ଟମେଣ୍ଟ ଓ ଘର ଭୂମିସାତ୍ କରିବାକୁ ଆଦେଶ ଦିଆଯାଇଛି। ୬୩ଟି ମାମଲାକୁ ଖାରଜ କରାଯାଇଛି। ବାକି ୨୩୭ଟି ମାମଲା ଏବେବି ବିଚାରାଧୀନ ରହିଛି। ଏହି ବେଆଇନ ଆପାର୍ଟମେଣ୍ଟ ଓ କୋଠା ନିର୍ମାଣକାରୀଙ୍କ ବିରୁଦ୍ଧରେ ମୋଟ ୧୪୪୪ଟି ମାମଲା ରୁଜୁ ହୋଇଥିଲାବେଳେ ସେଥିରୁ ୪୫୧ଟି ମାମଲାର ଫଇସଲା ସରିଛି। ୯୯୩ଟି ମାମଲା ଏବେବି ବିଚାରାଧୀନ ରହିଛି। ଆଇନ ଉଲ୍ଲଘଂନ କରୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଅଧିନିୟମ-୧୯୮୨ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି।

## ୨୩ ଲକ୍ଷ କର୍ମଚାରୀଙ୍କୁ ଉପକୃତ କରିବ ୟୁନିଫାଏଡ୍ ପେନସନ୍ ସ୍କିମ୍

**ଭୁବନେଶ୍ୱର :** ୟୁନିଅନ କ୍ୟାବିନେଟ୍ ଦ୍ୱାରା ନିକଟରେ ୟୁନିଫାଏଡ୍ ପେନସନ୍ ସ୍କିମ୍ (ୟୁପିଏସ୍)କୁ ଅନୁମୋଦନ କରାଯାଇଛି, ଯାହାକି ନୂତନ ପେନସନ୍ ଯୋଜନା (ଏନ୍‌ପିଏସ୍) ଅଧୀନରେ ଥିବା ୨୩ ଲକ୍ଷ କେନ୍ଦ୍ରୀୟ ସରକାରୀ କର୍ମଚାରୀଙ୍କୁ ଉପକୃତ କରିବ। ଖୋର୍ଦ୍ଧା ରୋଡ଼ ମଣ୍ଡଳ ରେଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଖୋର୍ଦ୍ଧା ରୋଡ଼ ମଣ୍ଡଳ ରେଳ ପ୍ରବନ୍ଧକ, ଶ୍ରୀ ଏଚ୍ ଏସ ବାଜ୍ୱା, ନୂତନ ଭାବରେ ପରିଚିତ ୟୁନିଫାଏଡ୍ ପେନସନ୍ ଯୋଜନାର ବିଭିନ୍ନ ବୈଶିଷ୍ଟ୍ୟ ବିଷୟରେ ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ପ୍ରଦାନ କରି ଖୋର୍ଦ୍ଧା ରୋଡ଼ ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ଏଚ୍ ଏସ ବାଜବା କହିଛନ୍ତି ଯେ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବର୍ତ୍ତମାନ ମୋଟ ୧୮,୮୯୩ କର୍ମଚାରୀ କାର୍ଯ୍ୟ କରୁଛନ୍ତି।



ସେଥିମଧ୍ୟରୁ ୧୩୮୫୨ କର୍ମଚାରୀ ନୂତନ ପେନସନ୍ ସ୍କିମ୍ ଅଧୀନରେ ଅଛନ୍ତି। ବର୍ତ୍ତମାନ ଏହି କର୍ମଚାରୀମାନେ ୟୁନିଫାଏଡ୍ ପେନସନ୍ ସ୍କିମ୍ ଚୟନ କରିବାକୁ ଯୋଗ୍ୟ ହେବେ, ଯେଉଁଥିପାଇଁ ସେମାନେ ନିଶ୍ଚିତ ପେନ୍‌ସନ୍‌ର ସୁବିଧା ପାଇବେ। ସାମ୍ବାଦିକ ସମ୍ମିଳନୀରେ ପୂର୍ବ ତଟ ରେଳବାଇ ଶ୍ରମିକ ୟୁନିଅନର ମଣ୍ଡଳ ସଂଯୋଜକ ରଞ୍ଜିତ କୁମାର ଦାସ, ପୂର୍ବ ତଟ ରେଳବାଇ ଶ୍ରମିକ କଂଗ୍ରେସର ମଣ୍ଡଳ ସଂଯୋଜକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ରାଜ୍ୟ ସରକାରଙ୍କ ବିରୁଦ୍ଧରେ ୧୩୧୨ କୋର୍ଟ ଅବମାନନା ମାମଲା

**ଭୁବନେଶ୍ୱର :** ରାଜ୍ୟରେ ବିଜେଡି ସରକାର ଅମଳରେ ଅଫିସରମାନଙ୍କ ମନମୁଖୀ କାରବାର ଯୋଗୁ ଓଡ଼ିଶା ସରକାରଙ୍କ ବିରୁଦ୍ଧରେ ୧୩୧୨ଟି କୋର୍ଟ ଅବମାନନା ମାମଲା ପଡ଼ିରହିଛି। ଏବେ ମୋହନ ମାଝୀ ସରକାର କ୍ଷମତାକୁ ଆସିବା ପରେ ପଡ଼ିରହିଥିବା କୋର୍ଟ ଅବମାନନା ମାମଲାଗୁଡ଼ିକୁ ତୁରନ୍ତ ଫଇସଲା ପାଇଁ ପଦକ୍ଷେପ ନେବାକୁ ସଚିବମାନଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ରାଜ୍ୟ ସରକାରଙ୍କ ୧୨ଟି ବିଭାଗ ବିରୁଦ୍ଧରେ ବିଭିନ୍ନ କୋର୍ଟରେ ୧୩୧୨ଟି ଅବମାନନା ମାମଲା ପଡ଼ିରହିଛି। ଧାର୍ଯ୍ୟ ସମୟରେ କୋର୍ଟଙ୍କ ନିର୍ଦ୍ଦେଶ ପାଳନ ନକରିବା ଓ ଅନ୍ୟାନ୍ୟ କାରଣ ଯୋଗୁ ଏହି ଅବମାନନା ମାମଲା ପଡ଼ିରହିଛି। ବିଜେଡି ସରକାର ସମୟରେ ଆଇଏଏସ୍ ଅଫିସରମାନେ ନିଜର ମନମୁଖୀ କାର୍ଯ୍ୟ କରୁଥିବାରୁ କୋର୍ଟରେ ଅବମାନନା ମାମଲା ବୃଦ୍ଧି ପାଇଥିବା ପାୱାର କରିଡରରେ ଚର୍ଚ୍ଚା ହେଉଛି। ଏପଟେ ମୁଖ୍ୟସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତମାସ ପ୍ରଥମ ସପ୍ତାହ ସୁଦ୍ଧା ରାଜ୍ୟ ସରକାରଙ୍କ ବିରୁଦ୍ଧରେ ୧୩୧୨ଟି ମାମଲା ପଡ଼ି ରହିଥିବା ନେଇ ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ବିସ୍ତୃତ ସୂଚନା ଦିଆଯାଇଥିଲା। ସ୍କୁଲ ଓ ଗଣଶିକ୍ଷା ବିଭାଗ ବିରୁଦ୍ଧରେ ସର୍ବାଧିକ ୯୮୫ କୋର୍ଟ ଅବମାନନା ମାମଲା ଥିବାବେଳେ ଉଚ୍ଚଶିକ୍ଷା ବିଭାଗ ବିରୁଦ୍ଧରେ ୮୮, ପଞ୍ଚାୟତିରାଜ ଉପରେ ୭୨, ନଗର ଉନ୍ନୟନ ବିଭାଗ ଉପରେ ୬୨, ରାଜସ୍ୱ ବିଭାଗ ଉପରେ ୪୩, ଜଳସମ୍ପଦ ବିଭାଗ ଉପରେ ୨୯, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଉପରେ ୨୩, ଜଙ୍ଗଲ ଓ ପରିବେଶ ବିଭାଗ ଉପରେ ୬ କୋର୍ଟ ଅବମାନନା ମାମଲା ରହିଛି। କୃଷି ଓ କୃଷକ କଲ୍ୟାଣ, ଅବକାରୀ, ଶ୍ରମ ଓ ଇଏସଆଇ, ଅନୁସୂଚିତ ଜାତି-ଜନଜାତି ବିଭାଗ ବିରୁଦ୍ଧରେ ଗୋଟିଏ ଲେଖାଏଁ କୋର୍ଟ ଅବମାନନା ମାମଲା ରହିଥିବା ଜଣାପଡ଼ିଛି। ଏହି ସମସ୍ତ କୋର୍ଟ ଅବମାନନା ମାମଲାକୁ ପ୍ରଶାସନିକ ବିଭାଗଗୁଡ଼ିକ ଗୁରୁତ୍ୱର ସହ ନେଇ ଚଳିତମାସ ଶେଷ ସୁଦ୍ଧା ସେସବୁର ସମାଧାନ ପାଇଁ ପଦକ୍ଷେପ ନେବାକୁ ମୁଖ୍ୟ ସଚିବ ଶ୍ରୀ ଆହୁଜା ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## '୯୧ଜଣ ପୂର୍ବତନ ବିଡିଓଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବିଚାରାଧୀନ ଅଛି'



**ଭୁବନେଶ୍ୱର :** ରାଜ୍ୟର ୯୧ଜଣ ପୂର୍ବତନ ବିଡିଓଙ୍କ ବିରୁଦ୍ଧରେ ଏବେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ବିଚାରାଧୀନ ରହିଛି। ଏହି କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟାର ସମାପ୍ତି ପାଇଁ ରାଜ୍ୟ ସରକାର ଆବଶ୍ୟକୀୟ ପଦକ୍ଷେପ ନେଉଛନ୍ତି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ସୂଚନା ଦେଇଛନ୍ତି। ବିଧାନସଭାରେ ବିଜେଡି ବିଧାୟକ ପ୍ରଶାନ୍ତ କୁମାର ବେହେରାଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀ ନାଏକ ରାଜ୍ୟରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବିଚାରାଧୀନ ଥିବା ପୂର୍ବତନ ବିଡିଓଙ୍କ ତାଲିକାକୁ ସାର୍ବଜନୀନ କରିଛନ୍ତି। ଏହି ସମାପନା ପାଇଁ ସରକାର ଆବଶ୍ୟକୀୟ ପଦକ୍ଷେପ ନେଉଛନ୍ତି। ତେବେ ଏହି ବିଡିଓମାନଙ୍କ ବିରୁଦ୍ଧରେ କେବେ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା ସେନେଇ ମନ୍ତ୍ରୀ କିଛି ସୂଚନା ଦେଇନାହାନ୍ତି। ମନ୍ତ୍ରୀ ଶ୍ରୀ ନାଏକ ଯେଉଁ ୯୧ଜଣ ବିଡିଓଙ୍କ ତାଲିକା ଦେଇଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ଏବେ ସମସ୍ତେ ସମ୍ପୃକ୍ତ ବ୍ଲକର ପୂର୍ବତନ ବିଡିଓ ବୋଲି ନିଜେ ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।


### ଆକ୍ସନ୍ ମୁଡ୍‌ରେ ମୋହନ ସରକାର

# ଓଡ଼ିଶାରେ ଶୀଘ୍ର ପୂରଣ ହେବ ଖାଲି ପଡିଥିବା ପଦବୀ

**ଭୁବନେଶ୍ୱର :** ରାଜ୍ୟରେ ଖାଲି ପଡ଼ିଥିବା ସରକାରୀ ପଦବୀଗୁଡ଼ିକୁ ପୂରଣ କରିବା ପାଇଁ ମୋହନ ମାଝୀଙ୍କ ନେତୃତ୍ୱାଧୀନ ସରକାର ଏବେ ପୁରା ଆକ୍ସନ ମୁଡ୍‌କୁ ଆସିଛନ୍ତି। ରାଜ୍ୟରେ ମୋଟ ମଞ୍ଜୁରୀପ୍ରାପ୍ତ ୩ଲକ୍ଷ ୯୯ହଜାର ୬୬୬ଟି ମୂଳ ପଦବୀ ମଧ୍ୟରୁ ଖାଲିପଡ଼ିଥିବା ୧ଲକ୍ଷ ୩୨ହଜାର ୪୫୯ଟି ପଦବୀ ପୂରଣ ପାଇଁ ସରକାର ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ କରିଛନ୍ତି। ଡିସେମ୍ବର ସୁଦ୍ଧା ଖାଲି ପଡ଼ିଥିବା ସମସ୍ତ ସରକାରୀ ପଦବୀ ନିମନ୍ତେ ବିଜ୍ଞାପନ ଜାରି କରିବାକୁ ରାଜ୍ୟ ସରକାରଙ୍କ ନିଯୁକ୍ତି ଏଜେନ୍ସୀଗୁଡ଼ିକୁ କୁହାଯାଇଛି। ଏହାସହିତ ଆସନ୍ତା ସେପ୍ଟେମ୍ବର ମାସରେ ରାଜ୍ୟ ସରକାର ନିଯୁକ୍ତି ମେଳା ମାଧ୍ୟମରେ ୧୮୭୮୮ଜଣ କନିଷ୍ଠ ଶିକ୍ଷକ (ସ୍କିମେଟିକ)ଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିବେ ବୋଲି ଜଣାପଡ଼ିଛି। କେବଳ ସେପ୍ଟେମ୍ବର ମାସରେ ୭ଟି ନିଯୁକ୍ତି ମେଳାର ଆୟୋଜନ କରାଯାଇ ମୋଟ ୨୧୯୧୮ଟି ବିଭିନ୍ନ ବର୍ଗର ପଦବୀ ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରାଯିବାକୁ ସରକାର ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି। ରାଜ୍ୟ ସରକାରଙ୍କ ସୂଚନା ଅନୁସାରେ, ରାଜ୍ୟର ମୋଟ ୩ଲକ୍ଷ ୯୯ହଜାର ୬୬୬ଟି ମୂଳ ସରକାରୀ ପଦବୀ ମଧ୍ୟରୁ ୧ଲକ୍ଷ ୩୨ହଜାର ୪୫୯ଟି ପଦବୀ ଖାଲି ପଡ଼ିଛି। ସେଥିରୁ ୯୨୨୦୩ଟି ପଦବୀକୁ ପୂରଣ ନିମନ୍ତେ କ୍ଷମତାପ୍ରାପ୍ତ କମିଟିର ଅନୁମୋଦନ ମିଳିସାରିଥବା ବେଳେ ବାକି ୪୦୨୫୬ଟି ପଦବୀକୁ ଅନୁମୋଦନ ପ୍ରକ୍ରିୟା ସେପ୍ଟେମ୍ବର ମାସ ସୁଦ୍ଧା ସାରିବା ପାଇଁ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ୯୨୨୦୩ଟି ପଦବୀକୁ କ୍ଷମତାପ୍ରାପ୍ତ କମିଟି ଅନୁମୋଦନ କରିଛନ୍ତି ସେଥିରୁ ୭୮୯୧୯ଟି ପଦବୀକୁ ପୂରଣ ପାଇଁ ସରକାରଙ୍କ ବିଭିନ୍ନ ନିଯୁକ୍ତି ଏଜେନ୍ସୀକୁ ଚିଠି ଲେଖି ଅବଗତ କରାଯାଇଥିବାବେଳେ ବାକି ଥିବା ୧୩୨୮୪ଟି ପଦବୀ ପୂରଣ ପାଇଁ ଚଳିତମାସ ସୁଦ୍ଧା ନିଯୁକ୍ତି



ଏଜେନ୍ସୀକୁ ରିକ୍ୟୁଜିସନ୍ ପଠାଇବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଖାଲି ପଡ଼ିଥିବା ସମସ୍ତ ମୂଳ ସରକାରୀ ପଦବୀକୁ ପୂରଣ ନିମନ୍ତେ ନିଯୁକ୍ତି ଏଜେନ୍ସୀଗୁଡ଼ିକୁ ଆସନ୍ତା ଅକ୍ଟୋବର ସୁଦ୍ଧା ସମସ୍ତ ବିଭାଗ ଦ୍ୱାରା ରିକ୍ୟୁଜିସନ୍ ନିଶ୍ଚିତ ଭାବେ ପଠାଯିବ ଓ ସମ୍ପୃକ୍ତ ନିଯୁକ୍ତି ଏଜେନ୍ସୀଗୁଡ଼ିକ ଡିସେମ୍ବର ସୁଦ୍ଧା ଏସବୁ ପଦବୀ ନିମନ୍ତେ ବିଜ୍ଞାପନ ଜାରି କରିବେ ବୋଲି ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ଆକ୍ସନ ପ୍ଲାନରୁ ଜଣାପଡ଼ିଛି। ତେବେ ଯେଉଁ ୪୦୨୫୬ଟି ମୂଳ ପଦବୀକୁ ଏପର୍ଯ୍ୟନ୍ତ କ୍ଷମତାପ୍ରାପ୍ତ କମିଟିଙ୍କ ଅନୁମୋଦନ ମିଳିନାହିଁ ସେଥିରେ ସ୍କୁଲ ଓ ଗଣଶିକ୍ଷା ବିଭାଗର ସର୍ବାଧିକ ୧୬୭୩୮ଟି ପଦବୀ, ଗୃହ ବିଭାଗର ୬୧୫୦ଟି ପଦବୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣର ୪୬୧୨ଟି ପଦବୀ, କୃଷି ଓ କୃଷକକଲ୍ୟାଣ ବିଭାଗର ୨୦୫୦ଟି, ଉଚ୍ଚଶିକ୍ଷା ବିଭାଗର ୧୬୯୩ଟି ପଦବୀ ରହିଛି। କେବଳ ସେତିକି ନୁହେଁ ସେପ୍ଟେମ୍ବରରୁ ଡିସେମ୍ବର ମାସ ମଧ୍ୟରେ ରାଜ୍ୟ ସରକାର ମୋଟ ୪୬ଟି ନିଯୁକ୍ତି ମେଳା ଆୟୋଜନ କରି ନିଯୁକ୍ତି ଏଜେନ୍ସୀଗୁଡ଼ିକ ଦ୍ୱାରା ୩୪୬୮୬ଟି ସରକାରୀ ପଦବୀ ପାଇଁ ଯୋଗ୍ୟ ବିବେଚିତ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ବାଣ୍ଟିବେ ବୋଲି ଜଣାପଡ଼ିଛି। ଏଥିରେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା-୨୦୨୨ରେ କୃତକାର୍ଯ୍ୟ ୬୮୩ଟି ପଦବୀ, ଟିଜିଟି ଟିଚର(ଆର୍ଟସ) ୯୧୨ଟି ପଦବୀ, ୩୦୦ କନେଷ୍ଟବଳ (କମ୍ୟୁନିକେସନ), ୪୮ଜଣ ଜୁନିୟର ଏମଭିଆଇ, ୧୯୬ଜଣ ମାଇନିଂ ଅଫିସର, ୬ଟି ସିଧାସଳଖ ଡିଏସପି ପଦବୀ, ୬୦୯ଜଣ ପୁଲିସ ଏସଆଇ, ବିଭିନ୍ନ ବାଟାଲିୟନ ପାଇଁ ୧୫୧୩ଜଣ କନେଷ୍ଟବଳ, ୨୭୧୨ଜଣ ପ୍ରାଣୀଧନ ନିରୀକ୍ଷକ,ଫରେଷ୍ଟର ଓ ଫରେଷ୍ଟ ଗାର୍ଡ, ୫୬୯ଜଣ କ୍ଲାସିକାଲ ଟିଚର ଆଦି ପାଇଁ ନିଯୁକ୍ତି ମେଳା ଆୟୋଜନ ହେବ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, ରାଜ୍ୟରେ ଖାଲି ପଡ଼ିଥିବା ସରକାରୀ ମୂଳପଦବୀକୁ ପୂରଣ କରିବା ଦିଗରେ ପୂର୍ବର ବିଜେଡି ସରକାର ବିଶେଷ ଆନ୍ତରିକତା ନଦେଖାଇ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃଥଇଥାନ କରି କାର୍ଯ୍ୟ ଚଳାଉଥିବାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏପରିକି ନିଯୁକ୍ତି ଆଶାୟୀମାନେ ବାରମ୍ବାର ରାଜରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରୁଥିଲେ। ଏବେ ବିଜେପି ସରକାର ଖାଲି ପଡ଼ିଥିବା ମୂଳ ସରକାରୀ ପଦବୀକୁ ପୂରଣ କରିବା ଉପରେ ପ୍ରାଥମିକତା ଦେଉଥିବାରୁ ପ୍ରଶାସନିକସ୍ତରରେ ଏଭଳି ଆକ୍ସନ ପ୍ଲାନ୍ ପ୍ରସ୍ତୁତ ହୋଇଥିବା ଜଣାପଡ଼ିଛି।



କାହା କଥାରେ ଯଦି କୌଣସି ଭୁଲ୍ କିମ୍ବା ଠିକ୍ ହୋଇଯାଉଥାନ୍ତା, ତେବେ ଦୁନିଆ ସ୍ୱର୍ଗ ପାଲଟି ଯାଇଥାନ୍ତା।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨ - ୮ ସେପ୍ଟେମ୍ବର, ୨୦୨୪

# ଈଶ୍ୱରଙ୍କ ଅନୁଭବ ଶ୍ରେଷ୍ଠ ମନ୍ତ୍ର

ସମ୍ପାଦକୀୟ



ତାରକ ମହାନ୍ତି

ଜୀବନ ଗୋଟେ ଖରା ଛାଇର ଖେଳ ସଦୃଶ। ସେଥିରେ ଆଶା ନିରାଶା ଦୁଇଟି ଦିଗ ରହିଛି। ତେଣୁ ଯେଉଁମାନେ ସଫଳ ବ୍ୟକ୍ତିତ୍ୱ ସେମାନେ ଅଧିକ ଆଶାବାଦୀ ହୋଇଥାନ୍ତି। ସୁଖ ଦୁଃଖର ଅନୁଭବ ସେହି ଅନୁସାରେ ମଣିଷ ଭୋଗ କରିଥାଏ। ସେଥିରେ ବନ୍ଧୁ ପରିବାର ଓ ସାଥି ସହୋଦର କିଏ କେଉଁ ଭୂମିକାରେ ଅବତୀର୍ଣ୍ଣ ହୁଅନ୍ତି ତାହା ସମୟ ଅନୁସାରେ ପ୍ରତୀତ ହୋଇଥାଏ। ପ୍ରତ୍ୟେକ ବ୍ୟକ୍ତି ମାନ ସନମାନ ଓ ଧନ ଦୌଲତ ଲୋଡୁଥାନ୍ତି। ହେଲେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ପ୍ରାପ୍ତ ହୋଇନଥାଏ। ଯେଉଁମାନେ ସୁଖ ସମୃଦ୍ଧି ହାସଲ କରିବାରେ ବିଫଳ ହୁଅନ୍ତି ତାଙ୍କ ଭିତରେ ନୈରାଶ୍ୟବୋଧ ଜାତ ହୋଇଥାଏ। ଏହା ସ୍ଥଳ ବିଶେଷରେ କାହାକୁ ପରିବର୍ତ୍ତନ ଆଡକୁ ନିଏ ତ ଆଉ କେହି କେହି ସେହି ଚିନ୍ତାରେ ଜୀବନଟିକୁ ସାରିଦେବାରେ ହିଁ ସମାପ୍ତ ହୋଇଥାଏ। ମଣିଷ ପ୍ରତ୍ୟେକ କ୍ଷେତ୍ରରେ ଯେତେ ଯେତେ ଆଶାବାଦୀ ହୋଇପାରିବ ତାଙ୍କ ସାମ୍ନାରେ ଭବିଷ୍ୟତ ରାସ୍ତା ସେତିକି ଉଜ୍ଜଳ ହୋଇଉଠେ। କିନ୍ତୁ ଯେଉଁ ବ୍ୟକ୍ତି ନିରାଶାର ଅନ୍ଧାର ଭିତରେ ରହି ବାସ୍ତବ ଜୀବନ ଠାରୁ ଦୂରେଇ ଯିବାକୁ ଚେଷ୍ଟା କରେ ସେ ସେତିକି ସେତିକି ଦୂରକୁ ଚାଲିଯାଆନ୍ତି। ଏହାର ଯଥେଷ୍ଟ ଉଦାହରଣ ଆମ ସାମ୍ନାରେ ରହିଅଛି। ଆମେ ଯେତେବେଳେ ଅନ୍ୟର ପ୍ରତିଷ୍ଠାକୁ ଦେଖି ଅସହଣି ହୋଇଉଠୁ ସେତେବେଳେ ମନ ଭିତରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଖାଦିଏ। ସେତେବେଳେ ଆମେ ଅନ୍ଧ ଭାବେ ଏଭଳି କିଛି ଚିନ୍ତା ମନ ଭିତରକୁ ଆଣିଥାଉ ଯେ ଆମକୁ ଜୀବନ ଅନ୍ଧାର ଲାଗୁଥିଲେ ମଧ୍ୟ ଆଲୋକର ସନ୍ଧାନ ପାଇଁ ଚେଷ୍ଟିତ ହୋଇନଥାଉ। ଯାହାକୁ ସବୁ ଦିଗରୁ ମଣିଷକୁ ଦୁର୍ବଳ କରିଚାଲେ। ଯାହାକି ଈଶ୍ୱରଙ୍କ ବିଚାରରେ ଆଦୌ ଠିକ ନୁହେଁ। କାରଣ ମଣିଷ ନିକଟରେ ଈଶ୍ୱର ବୁଦ୍ଧି ବିବେକ ଜ୍ଞାନ ସବୁକିଛି ଦେଇଛନ୍ତି। ଏହାର ସଠିକ ପରିଚାଳନା ଆମ ସମସ୍ତଙ୍କ ଉପରେ ନିର୍ଭର କରେ। ଯେଉଁ ମାର୍ଗରେ ଗଲେ ମଣିଷକୁ ଶାନ୍ତି ମିଳିଥାଏ ସମସ୍ତେ ଏହି ମାର୍ଗକୁ ବାଛିନଥାନ୍ତି। ଅଧିକନ୍ତୁ ସୁଖ ଓ ବିଳାସ ବ୍ୟସନରେ ବଞ୍ଚିବାକୁ ଜୀବନ ବୋଲି ଭାବି ବହୁତ ବଡ଼ ଭୁଲ କରନ୍ତି। ପ୍ରକୃତି ମଣିଷକୁ ସବୁକିଛି ଦେଇଛି। ହେଲେ ମଣିଷ ପ୍ରକୃତିର ସୁରକ୍ଷା ବଦଳରେ ନିଜ ସ୍ୱାର୍ଥ ପାଇଁ ପ୍ରକୃତିର ବିନାଶ କରିଚାଲିଛି। ଏହା ପଛର କାରଣ ତ ଅନେକ ରହିଛି, ହେଲେ ସାରାଂଶ ଏଇଆ ଯେ ମଣିଷ ନିଜର ସ୍ୱାର୍ଥ ହାସଲ ପାଇଁ ପ୍ରକୃତି ଉପରେ ଅତ୍ୟାଚାର କରିଚାଲୁଛି। ପାହାଡ଼ ଜଙ୍ଗଲ ନଈ ଝରଣା ସବୁ ଯଦିଓ ପ୍ରକୃତିର ଦାନ ଏହାରି ଉପରେ କବ୍‌ଜା କରୁଛି କିନ୍ତୁ ମଣିଷ। ପାହାଡ଼ କାଟି ଶିଳ୍ପ କରୁଛି, ଜଙ୍ଗଲ କାଟି ବିଳାସମୟ ପ୍ରାସାଦ କରୁଛି, ନଈ ଶୁଖେଇ ବଗିଚା କରୁଛି, ମାଟି ଖୋଳି ଅପୂର୍ବ ଓ ଦୁର୍ଲ୍ଲଭ ପ୍ରାକୃତିକ ସମ୍ପଦ ଲୁଟି ଚାଲିଛି। ଫଳସ୍ୱରୂପ ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ଆମ ଉପରେ ପଡୁଛି। ଋତୁ ପରିବର୍ତ୍ତନରେ ଅସ୍ୱାଭିକ ପାଣିପାଗ ମଣିଷ ଶରୀର ପାଇଁ କ୍ଷତି କରୁଛି ଓ ନାନାଦି ବ୍ୟାଧି ଜାତ ହେଉଛି।

ଠିକ ସମୟରେ ଠିକ ଫସଲ ଉପୁଜୁନାହିଁ। ଚାଷ ଉପରେ ଜଳବାୟୁ ପରିବର୍ତ୍ତନର ବ୍ୟାପକ କୁପ୍ରଭାବ ପଡୁଛି। ଶୁଦ୍ଧ ବାୟୁ ଟିକେ ମିଳୁନାହିଁ। ଶିଳ୍ପାୟନ ଦ୍ୱାରା ପରିବେଶ ପ୍ରଦୂଷିତ ହେଉଛି ହେଲେ ଏହାର ଉପଚାର ନହେବା ଫଳରେ ପ୍ରଦୂଷଣକୁ ନେଇ ଚିନ୍ତା ବଢିଚାଲିଛି। ଏବେ ଯାହା ତଥ୍ୟ ସାମ୍ନାକୁ ଆସୁଛି, ତାହା ହେଉଛି ଗ୍ଲେସିଅର ତରଳିବା ବୃଦ୍ଧି ପାଇଛି। ଏହା କେବଳ ଭାରତ ପାଇଁ ଚିନ୍ତାର କାରଣ ନୁହେଁ, ସମଗ୍ର ବିଶ୍ୱ ପାଇଁ ଏହା ସତର୍କ ଘଣ୍ଟି। ପର୍ଯ୍ୟାବରଣ ଠିକ ନରହିଲେ ଜଳବାୟୁରେ ବ୍ୟାପକ ଅନିୟମିତତା ସୃଷ୍ଟି ହେବ। ଯାହାକି ମାନବ ସଭ୍ୟତା ପାଇଁ ବିପଦ କିଣିଆଣିବ। ଦେଖନ୍ତୁ, ଭାଦ୍ରବ ମାସରେ ଏବେ ଯେଉଁ ଅନୁପାତରେ ବର୍ଷା ହେଉଛି ତାହା ସ୍ୱାଭାବିକ ନୁହେଁ ଲଘୁଚାପ କାରଣରୁ ଏହି ବର୍ଷା ହେଉଛି। କିନ୍ତୁ ଆଷାଢ଼ ଓ ଶ୍ରାବଣ ଏହି ଦୁଇମାସରେ ନିୟମିତ ବ୍ୟବଧାନରେ ବର୍ଷା ହେଲେ ଏହା ଧାନ ଚାଷ ପାଇଁ ଯଥେଷ୍ଟ ଉପଯୋଗୀ ହୋଇଥାଏ। ମାତ୍ର ଉକ୍ତ ଦୁଇମାସରେ ଯଦି ବର୍ଷା ନିଅଣ୍ଟିଆ ହୁଏ ବା ଏଥିରେ ଅନିୟମିତତା ଦେଖାଦିଏ ତେବେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୁଏ। ଏଥିରେ ଧାନ ତଳି ପକାଇବା ଓ ରୋଇବା କ୍ଷେତ୍ରରେ ନାନାଦି ସମସ୍ୟା ଦେଖାଦିଏ। ଯାହାଫଳରେ ଆଶା କରାଯାଉଥିବା ଫସଲ ଅମଳ ମଧ୍ୟ ଠିକ ହୁଏନାହିଁ। ଇଯେ ତ ଗଲା ଗୋଟିଏ ପ୍ରକାର ଫସଲ କଥା। ସେହିଭଳି ରବି ଫସଲ ଠାରୁ ଆରମ୍ଭ କରି ପନିପରିବା ଚାଷ ମଧ୍ୟ ଉତ୍ତମ ପାଗ ଉପରେ ନିର୍ଭର କରେ। ତେଣୁ ଜଳବାୟୁ ପରିବର୍ତ୍ତନ ଫଳରେ ଅନେକ ସମସ୍ୟା ସୃଷ୍ଟି ହେଉଛି। ତେଣୁ ବ୍ୟାପକ ଜଙ୍ଗଲ କ୍ଷୟ ରୋକିବା ଦିଗରେ ଯଦି ଏବେଠାରୁ କାର୍ଯ୍ୟ କରାନଯାଏ, ଏହା ଭବିଷ୍ୟତ ପାଇଁ ଅନେକ ସଙ୍କଟ ନେଇଆସିବ। ଏଭଳି ସଂକଟରୁ ମୁକ୍ତି ପାଇବାକୁ ଓ ଭବିଷ୍ୟତ ବଂଶଧରମାନଙ୍କୁ ସୁରକ୍ଷିତ ରଖିବା ଆମ ପ୍ରତ୍ୟେକଙ୍କର କର୍ତ୍ତବ୍ୟ। ତେଣୁ ନିଜର କର୍ତ୍ତବ୍ୟ ପାଳନ କରିବା ସହିତ ପୃଥିବୀକୁ ଶସ୍ୟ ଶ୍ୟାମଳ ରଖିବାକୁ ଏବେଠାରୁ ଉଦ୍ୟମ ଜରୁରୀ। ଈଶ୍ୱରଙ୍କ ସୃଷ୍ଟିକୁ ନଷ୍ଟ କରି ଆମେ ଯେଉଁ ଆନନ୍ଦ ଭୋଗ କରୁଛେ ତାହାର ପରିଣାମ ଆଖି ସାମ୍ନାରେ ଦେଖୁଥିଲେ ମଧ୍ୟ ଆମର ଚେତନା ଜାଗ୍ରତ ନହେବା ସବୁଠୁ ଦୁର୍ଭାଗ୍ୟ। ଜାଣି ଜାଣି ନିଜ ପାଦରେ କୁରାଢ଼ୀ ମାରି ଅନ୍ୟ ଉପରେ ଦୋଷ ଲଦିବାର ହୀନ ଚିନ୍ତାଧାରା ଦିନେ ଏ ସୁନ୍ଦର ପୃଥିବୀର ବିନାଶ କାରଣ ପାଲଟିବା ଆଗରୁ ଆସନ୍ତୁ ଏହାକୁ ସଜାଡି ଦେବା। ଯେତିକି ଯେତିକି ଜଙ୍ଗଲ କ୍ଷୟ ଘଟିଛି ତାହାର ପୁନଃରୁଦ୍ଧାର କରି ପୁଣିଥରେ ଏ ପୃଥିବୀ ମୁହଁରେ ନୂଆ ହସ ଦେଇଦେବା। ଜୀବନରେ ପ୍ରଗତିକୁ ଯେଭଳି ସମସ୍ତେ ଅଧିକ ଗୁରୁତ୍ୱ ଦେଉଛନ୍ତି, ସେଭଳି ଗୁରୁତ୍ୱ ପ୍ରକୃତି ଓ ଈଶ୍ୱରଙ୍କ ଉପରେ ଦେବା ହେଉଛି ମାନବ ଧର୍ମ। କାରଣ ଈଶ୍ୱର ମଣିଷକୁ ସମାଜ ଓ ପ୍ରକୃତିର ସୁରକ୍ଷା ନିମନ୍ତେ ସଂସାରକୁ ପଠାଇଛନ୍ତି। ହେଲେ ମଣିଷ ଯେବେଠାରୁ ଜ୍ଞାନପ୍ରାପ୍ତ ହେଉଛି ସେବେଠାରୁ କେବଳ ନିଜ ଚିନ୍ତା କରିଚାଲିଛି। ନିଜର ସମ୍ପତ୍ତି କିଭଳି ଅଧିକରୁ ଅଧିକ ବୃଦ୍ଧି ପାଇବ ଓ ଅଧିକ ସୁଖ ସୌଭାଗ୍ୟ ପ୍ରାପ୍ତ ହୋଇପାରିବ ସେହି ଚିନ୍ତାରେ ସମୟ ଅତିବାହିତ କରୁଛି। ହେଲେ ସେ ଭୁଲିଯାଉଛି ଯେଉଁ ପୃଥିବୀ ବିନା ସ୍ୱାର୍ଥରେ ଜଳ ବାୟୁ ଆଲୋକ ପ୍ରଦାନ କରିବା ସହିତ ମଣିଷର ସୁସ୍ଥ ଜୀବନ ପାଇଁ ପ୍ରଚୁର ପ୍ରାକୃତିକ ସମ୍ପଦ ଦାନ କରିଛି। ହେଲେ ମଣିଷ କରୁଛି କଣ? ଈଶ୍ୱରଙ୍କ ସୃଷ୍ଟିକୁ ବିଦୀର୍ଣ୍ଣ କରି ନୂଆ ସୃଷ୍ଟି ସର୍ଜନା ଚିନ୍ତାରେ ଅଧିକ ଗବେଷଣା କରିଚାଲିଛି। ଅଥଚ ପ୍ରକୃତିର ଦାନ ଠାରୁ ଗବେଷଣା ଲବ୍ଧ ଜ୍ଞାନ କୌଣସି ଗୁଣରେ ସମାନ ହୋଇପାରିବ ନାହିଁ। ସେଭଳି ହୋଇପାରୁଥିଲେ ନୂଆ ନୂଆ ଅନେକ ଘାତକ ବ୍ୟାଧି ମଣିଷକୁ ଛୁଇଁ ପାରୁନଥାନ୍ତା କିମ୍ବା ରୋଗର ଚିକିତ୍ସା ପାଇଁ ନିଜର ସଞ୍ଚିତ ସମସ୍ତେ ଅର୍ଥ ସରିଯିବା ପରେ ମଧ୍ୟ ମଣିଷ ଜୀବନ ହରାଉନଥାନ୍ତା। ତେଣୁ ଈଶ୍ୱରୀୟ ସତ୍ତା ଉପଲବ୍ଧି ବ୍ୟତୀତ ମଣିଷ ନିକଟରେ ଅନ୍ୟ କୌଣସି ସ୍ୱତନ୍ତ୍ର ରାସ୍ତା ନାହିଁ ଯାହାକୁ ନେଇ ସେ ସ୍ୱର୍ଗ ବିଜୟ କରିପାରିବ। ବିଜ୍ଞାନ ଅର୍ଜିତ ଜ୍ଞାନ ବିକାଶର ମାଧ୍ୟମ ହୋଇଥିଲେ ବି ବୌଦ୍ଧିକ ଜ୍ଞାନ ମଣିଷକୁ ନିଜକୁ ଚିହ୍ନିବାର, ସଂସାରକୁ ବୁଝିବାରେ ସହଯୋଗ କରିଥାଏ।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# କିଭ୍‌ରେ ଯୁଦ୍ଧଭୂମିରେ ମୋଦିଙ୍କ ଶାନ୍ତିବାର୍ତ୍ତା



ସୌମେନ୍ଦ୍ର ଜେନା

ୟୁକ୍ରେନର ରାଷ୍ଟ୍ରପତିଙ୍କ ନିମନ୍ତ୍ରଣକ୍ରମେ ପୋଲାଣ୍ଡର ରାଜଧାନୀ ୱାରସରୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଦୁଇରାଷ୍ଟ୍ର ଗସ୍ତର ଦ୍ୱିତୀୟ ସୋପାନରେ ରେଳଯୋଗେ ୟୁକ୍ରେନର ରାଜଧାନୀ କିଭ୍‌ରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ୧୯୯୧ରେ ସୋଭିଏତ ରୁଷିଆଠାରୁ ଅଲଗା ହୋଇ ସ୍ୱାଧୀନ ରାଷ୍ଟ୍ର ୟୁକ୍ରେନ ଗଠନ ହେବାପରେ ନରେନ୍ଦ୍ର ମୋଦି ହେଉଛନ୍ତି ୟୁକ୍ରେନ ଗସ୍ତ କରିବାରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ। ଅଗଷ୍ଟ ୨୩ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୟୁକ୍ରେନରେ ରାଷ୍ଟ୍ରପତି ଭୋଲୋଦିମିର ଜେଲେନ୍‌ସ୍କିଙ୍କୁ ସାକ୍ଷାତ କରିବା ସହ କିଭ୍‌ଠାରେ ଥିବା ସହିଦଙ୍କ ପୀଠ ମାର୍ଟିରୋଲୋଜିଷ୍ଟ ଏକ୍ସପୋଜିସନଠାରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଜେନେଲସ୍କି ମୋଦିଙ୍କୁ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ମୃତ ସେନାଙ୍କ ଉଦ୍ଦେଶ୍ୟରେ ନିର୍ମିତ ସଂଗ୍ରହାଳୟକୁ ଦେଖିବାକୁ ନେଇଥିଲେ। କିଭ୍‌ରେ ଥିବା ମହାତ୍ମାଗାନ୍ଧିଙ୍କ ପ୍ରତିମୂର୍ତ୍ତିରେ ମୋଦି ମାଲ୍ୟାର୍ପଣ କରିଥିଲେ। ମୋଦି ରହୁଥିବା ହୋଟେଲଠାରେ ଭାରତୀୟ ପ୍ରବାସୀ ଲୋକେ ମୋଦିଙ୍କୁ ସ୍ୱାଗତ କରିଥିଲେ। ୟୁକ୍ରେନ ଜାତୀୟ ଦିବସ ଅଗଷ୍ଟ ୨୪ରେ ହେବାକୁ ଥିବାରୁ ମୋଦି ୟୁକ୍ରେନବାସୀଙ୍କ ପାଇଁ ଶୁଭେଚ୍ଛା ଜଣାଇଥିଲେ।

ଦୁଇଦେଶ ମଧ୍ୟରେ କୃଷି, ବିଜ୍ଞାନ, ସଂସ୍କୃତି ଏବଂ ସ୍ୱାସ୍ଥ୍ୟସେବା ସଂକ୍ରାନ୍ତରେ ଚାରିଗୋଟି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ୟୁକ୍ରେନର ରାଷ୍ଟ୍ରପତିଙ୍କୁ ସାକ୍ଷାତ ବେଳେ ମୋଦି ଭାରତର ସ୍ପଷ୍ଟ ଆଭିମୁଖ୍ୟ ସଂପର୍କରେ ଜଣାଇଥିଲେ। ସଙ୍କଟର ସମାଧାନ ଯୁଦ୍ଧର ରଣଭୂମିରେ ହୋଇପାରେ ନାହିଁ ବୋଲି ସେ କହିଥିଲେ। ସମସ୍ତ ଦ୍ୱନ୍ଦ୍ୱର ସମାଧାନ ପାଇଁ ଶାନ୍ତି ଆବଶ୍ୟକ। ତେଣୁ କୂଟନୀତି ଓ ଆଲୋଚନା ହେଉଛି ଏଥିପାଇଁ ସବୁଠୁ ଉତ୍ତମ ମାର୍ଗ ବୋଲି ସେ କହିଥିଲେ। ୟୁକ୍ରେନ ଯୁଦ୍ଧ ସମୟରେ ଭାରତର ପ୍ରାୟ ୨୨୦୦୦ ଛାତ୍ରଛାତ୍ରୀ ଡାକ୍ତରୀଶିକ୍ଷା ପାଉଥିଲେ। ସେମାନଙ୍କୁ ସୁରକ୍ଷିତ ଭାବେ ଭାରତ ସରକାର ଉଦ୍ଧାର କରିବାରେ କିଭ୍‌ର ସରକାର ସାହାଯ୍ୟ କରିଥିବା ହେତୁ ଶ୍ରୀ ମୋଦି କୃତଜ୍ଞତା ଜ୍ଞାପନ କରିଥିଲେ। ଭାରତର ୧୪୦କୋଟି ଜନତାଙ୍କ ପକ୍ଷରୁ ଶାନ୍ତିର ବାର୍ତ୍ତା ନେଇ ସେ ୟୁକ୍ରେନକୁ ଆସିଥିବା ବିଷୟ ପ୍ରକାଶ କରିଥିଲେ। ଜାତିସଂଘର ନିୟମ ଅନୁଯାୟୀ ସୀମାର ଅଖଣ୍ଡତା ରକ୍ଷାରେ ଭାରତ ବିଶ୍ୱାସ କରେ ବୋଲି ସେ କହିଥିଲେ। ବିଶେଷକରି ପିଲାମାନଙ୍କ ଜୀବନକୁ ସଂଘର୍ଷ ଅସ୍ତବ୍ୟସ୍ତ କରିପକାଏ ବୋଲି ସେ ଉଲ୍ଲେଖ କରିବା ସହ ଯୁଦ୍ଧରେ ପ୍ରାଣ ହରାଇଥିବା ନିଷ୍ପାପ ଶିଶୁମାନଙ୍କ ପରିବାରବର୍ଗଙ୍କ ଲୋକେ ଦୁଃଖକୁ ସହ୍ୟ କରିବା ପାଇଁ ଈଶ୍ୱର ଶକ୍ତିପ୍ରଦାନ କରିବାକୁ ସେ ପ୍ରାର୍ଥନା କରିଥିଲେ।

ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ବିଦେଶମନ୍ତ୍ରୀ ଏସ୍.ଜୟଶଙ୍କର, ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ବିଦେଶ ସଚିବ ବିକ୍ରମ ମିଶ୍ରି, ପଶ୍ଚିମ ରାଷ୍ଟ୍ର ବିଦେଶ ସଚିବ ତନ୍ମୟ ଲାଲ ପ୍ରମୁଖ ୟୁକ୍ରେନ ଯାତ୍ରା କରିଥିଲେ। କିଭ୍‌ର ସାମ୍ବାଦିକ ସମ୍ମିଳନୀରେ ଏସ୍.ଜୟଶଙ୍କର ବିବିସିର ସାମ୍ବାଦିକଙ୍କୁ କଟାକ୍ଷ କରିଥିଲେ। ବିବିସି ସମ୍ବାଦଦାତା ଜୟଶଙ୍କରଙ୍କୁ ପ୍ରଶ୍ନ କରିଥିଲେ ଯେ ମୋଦି ମସ୍କୋକୁ ଯାତ୍ରା କରିବା ଘଟଣାକୁ ଅନେକ ରାଷ୍ଟ୍ର ପସନ୍ଦ କରିନଥିଲେ। ଉତ୍ତରରେ ଜୟଶଙ୍କର କହିଥିଲେ ଏହା ଆପଣଙ୍କ ସଂସ୍କୃତିରେ ନାହିଁ। ଯୁଦ୍ଧଗ୍ରସ୍ତ ଅଞ୍ଚଳର ଚିକିତ୍ସାସେବା ଯୋଗାଇଦେବାଲାଗି ଭାରତ ପକ୍ଷରୁ ନିର୍ମିତ ଭୀଷ୍ମ କ୍ୟୁବ ୨୦ଟି ସଂଖ୍ୟାରେ କିଭ୍‌ର ସରକାରଙ୍କୁ ହସ୍ତାନ୍ତରିତ କରାଯାଇଥିଲା। ପ୍ରଧାନମନ୍ତ୍ରୀ ମୋଦିଙ୍କ ଗସ୍ତକୁ ମସ୍କୋ ଓ କିଭ୍‌ରେ ସକାରାତ୍ମକ ଦୃଷ୍ଟିରେ ଦେଖାଯାଇଥିଲା ବେଳେ ଚୀନ ସରକାର ନକାରାତ୍ମକ ଦୃଷ୍ଟିରେ ଦେଖିଥିଲେ। ମୋଦିଙ୍କ କିଭ୍ ଗସ୍ତକୁ ଲକ୍ଷ୍ୟ କରି ରୁଷିଆର 'ଦି ମସ୍କୋ ଟାଇମସ୍' ଲେଖିଥିଲା, ମୋଦି ଜଣେ ସନ୍ଦେଶବାହକ ଭାବେ ୟୁକ୍ରେନ ଯାତ୍ରା କରୁଛନ୍ତି। ମୋଦିଙ୍କ ଏହି ଗସ୍ତରୁ ସେ ନିଜର ବନ୍ଧୁତାକୁ ଉପଯୋଗ କରି ଯୁଦ୍ଧକୁ ବନ୍ଦ କରିବାକୁ ଚେଷ୍ଟା କରନ୍ତୁ ବୋଲି ପାଶ୍ଚାତ୍ୟ ରାଷ୍ଟ୍ରଙ୍କ ମନରେ ବିଶ୍ୱାସ ସୃଷ୍ଟି ହୋଇପାରେ। ରୁଷିଆର କୁର୍ସ୍କରେ ଆକ୍ରମଣ ପରେ ଜେଲେନ୍‌ସ୍କିଙ୍କ ସହ କୌଣସି ପ୍ରକାର ଆଲୋଚନା କରିବାକୁ ପୁଟିନ ମନା କରି ଦେଇଥିଲେ। ଏବେ ଶାନ୍ତି ବୁଝାମଣା ମାମଲାରେ ମୋଦିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇପାରେ। "ସେମିତି ୟୁକ୍ରେନର କିଭ୍ ଇଣ୍ଡିପେଣ୍ଡେଣ୍ଟ ଲେଖିଥିଲା ଭାରତର ପ୍ରଧାନମନ୍ତ୍ରୀ ମୋଦି ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଆଲିଙ୍ଗନ କଲାପରେ ୟୁକ୍ରେନ ଆସିଛନ୍ତି। ଗତ ୩୦ ବର୍ଷରେ ପ୍ରଥମଥର ପାଇଁ ଭାରତର ପ୍ରଧାନମନ୍ତ୍ରୀ ୟୁକ୍ରେନ ଆସିଛନ୍ତି। ବିଶ୍ୱ ରାଜନୀତିରେ ଭାରତ ଦ୍ରୁତଗତିରେ ଶକ୍ତିଶାଳୀ ହେଉଛି। ରୁଷର ୟୁକ୍ରେନ ଆକ୍ରମଣ ଆରମ୍ଭରୁ ଆଜିଯାଏଁ ଭାରତ କୌଣସି ଗୋଟିଏ ପକ୍ଷର ସମର୍ଥନ କରିନାହିଁ।"

କିନ୍ତୁ ଶ୍ରୀ ମୋଦିଙ୍କ ଗସ୍ତ ଯୋଗୁ ସବୁଠୁ ଅଧିକ ଚିନ୍ତିତ ହୋଇଛି ଚୀନ। ଚୀନର ସରକାରୀ ମୁଖପତ୍ର 'ଗ୍ଲୋବାଲ ଟାଇମସ୍'ରେ ଉଲ୍ଲିଖିତ ମନ୍ତବ୍ୟରୁ ଏହା ଜାଣି ହେବ। ସେଥିରେ କୁହାଯାଇଥିଲା, "ଗତ କିଛିବର୍ଷରେ ଭାରତ ନିଜର ଯୋଗ କୂଟନୀତି ପ୍ରଦର୍ଶନ କରିଆସୁଛି। ଏହା ସହ ଭାରତ ନିଜର କ୍ରମବର୍ଦ୍ଧିଷ୍ଣୁ ବୈଶ୍ୱିକ ପ୍ରଭାବକୁ ବ୍ୟବହାର କରି ଅନେକ ଦେଶକୁ ନିଜ ସପକ୍ଷରେ ଆଣିବାକୁ ଚେଷ୍ଟା ଚଳାଇଛି। ମୋଦିଙ୍କ ୟୁକ୍ରେନ ଯାତ୍ରା ମଧ୍ୟ ଯୋଗ କୂଟନୀତିକୁ ଦର୍ଶାଉଛି। ଏହା ମାଧ୍ୟମରେ ଭାରତ ଦର୍ଶାଇବାକୁ ଚାହୁଁଛି ଯେ ଗୋଟିଏ ସମୟରେ ସେ ରୁଷିଆ ଓ ୟୁକ୍ରେନ ଉଭୟଙ୍କ ସହ ଆଲୋଚନା କରିପାରେ। ଏହି ସମୟରେ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କୁ ମୋଦିଙ୍କ ରୁଷିଆ ଯାତ୍ରାପରେ ସୃଷ୍ଟି ହୋଇଥିବା ଚିନ୍ତାକୁ ମଧ୍ୟ ହ୍ରାସ କରିପାରିବ। କିନ୍ତୁ ଭାରତର ଯୋଗ କୂଟନୀତି ୟୁକ୍ରେନରେ ଫେଲମାରିବ।" ଗ୍ଲୋବାଲ ଟାଇମସ୍‌ର ସ୍ୱରରେ ସ୍ୱର ମିଳାଇ ଚୀନର ପ୍ରଫେସର ୟଙ୍ଗ୍ ଆଉ ଏକ ପାଦ ଆଗେଇଯାଇ କହିଛନ୍ତି, "ଭାରତ ନିକଟରେ ଏବେ ନା ଶକ୍ତି ଅଛି ନା ପ୍ରଭାବ, ଯାହା ଫଳରେ ସେ ମସ୍କୋ ଓ କିଭ୍ ମଧ୍ୟରେ ଥିବା ମତଭେଦକୁ ହ୍ରାସ କରିପାରିବ। ଏହାଛଡା ୟୁରୋପରେ ଭାରତର ପ୍ରଭାବ ବହୁତ ସୀମିତ। ଏବେ ୟୁକ୍ରେନ ରୁଷିଆର କୁର୍ସ୍କ ଅଞ୍ଚଳରେ ଆକ୍ରମଣ କରିବା ପରେ ଦୁଇପକ୍ଷଙ୍କ ମଧ୍ୟରେ ଆଲୋଚନା କରିବାର ସମ୍ଭାବନା ଆହୁରି କମ୍ ହୋଇଯାଇଛି।" ଏଠାରେ ଉଲ୍ଲେଖନୀୟ ବିଷୟ ହେଲା ଯେ ଯେଉଁ ସାତଘଣ୍ଟା ପାଇଁ ମୋଦି ୟୁକ୍ରେନରେ ରହିଥିଲେ ସେହି ସମୟରେ କୌଣସି ପ୍ରକାର ଆକ୍ରମଣ ନକରିବା ପାଇଁ ପୁଟିନ ତାଙ୍କ ସେନାବାହିନୀକୁ ନିର୍ଦ୍ଦେଶ ଦେଇଥିଲେ।

୨୦୧୯ରେ ଜେଲେନ୍‌ସ୍କିଙ୍କ ସହ ପ୍ରଧାନମନ୍ତ୍ରୀ ମୋଦିଙ୍କର ପ୍ରଥମ ସାକ୍ଷାତ ହୋଇଥିଲା ବୋଲି ମୋଦି ଜେଲେନ୍‌ସ୍କିଙ୍କୁ ଭେଟିବା ସମୟରେ ମନେପକାଇ କହିଥିଲେ। ଏଭଳି ପରିସ୍ଥିତିରେ ସେ ପୁଣିଥରେ ତାଙ୍କୁ ସାକ୍ଷାତ କରିବେ ବୋଲି କେବେ ଭାବିନଥିଲେ ବୋଲି ଉଲ୍ଲେଖ କରିଥିଲେ। ଭାରତ ସବୁବେଳେ ୟୁକ୍ରେନ ସହ ଛିଡା ହେବ ବୋଲି ମୋଦି ଜେଲେନ୍‌ସ୍କିଙ୍କୁ ଆଶ୍ୱାସନା ଦେଇଥିଲେ। ଭାରତ ଗାନ୍ଧି ଓ ବୁଦ୍ଧଙ୍କ ଦେଶ ହୋଇଥିବାରୁ ମୋଦି କିଭ୍‌ରେ ଭାରତର ଶାନ୍ତିର ପରମ୍ପରା ସଂପର୍କରେ କହିଥିଲେ। ଯୁଦ୍ଧର ବାଟଛାଡି ରୁଷିଆ ୟୁକ୍ରେନ ଆଲୋଚନା ଆରମ୍ଭ କରିବା ଲାଗି ସେ ପରାମର୍ଶ ଦେଇଥିଲେ। ମୋଦି ଓ ଜେଲେନ୍‌ସ୍କିଙ୍କ ମଧ୍ୟରେ ପ୍ରାୟ ତିନିଘଣ୍ଟାର ବ୍ୟାପକ ଆଲୋଚନା ହୋଇଥିଲା। ମୋଦିଙ୍କ ସହ ହୋଇଥିବା ଆଲୋଚନା ଐତିହାସିକ ବୋଲି ଜେଲେନସ୍କି ସ୍ୱୀକାର କରିଥିଲେ।

୨୦୨୪ରେ ଜୁଲାଇ ମାସ ସୁଦ୍ଧା ଭାରତ-ୟୁକ୍ରେନ ମଧ୍ୟରେ ୧.୭ ବିଲିଅନ ଡଲାର ମୂଲ୍ୟର ବାଣିଜ୍ୟ ହୋଇଥିବା ଜଣାଯାଏ। ୨୯ମାର୍ଚ୍ଚ ୨୦୨୪ରେ ଭାରତ-ୟୁକ୍ରେନ ମଧ୍ୟରେ ସହଯୋଗ ବୃଦ୍ଧି ପାଇଁ ନୂଆଦିଲ୍ଲୀଠାରେ ଦ୍ୱିପାକ୍ଷିକ ବୈଠକ ହୋଇଥିଲା। ଏଥିରେ ଭାରତ ଓ ୟୁକ୍ରେନର ବିଦେଶମନ୍ତ୍ରୀ ମିଳିତଭାବେ ଅଧ୍ୟକ୍ଷତା କରିଥିଲେ। ଅତୀତରେ ୧୯ଏପ୍ରିଲ ୧୯୯୪ରେ ଦୁଇଦେଶ ମଧ୍ୟରେ ଶିଳ୍ପ, ବାଣିଜ୍ୟ, ସଂସ୍କୃତି ଓ ବିଜ୍ଞାନ କ୍ଷେତ୍ରରେ ସହଯୋଗ ବୃଦ୍ଧିପାଇଁ ମନ୍ତ୍ରିସ୍ତରୀୟ ବୈଠକ ହୋଇଥିଲା। ଏହାର ୬ଷ୍ଠ ଅଧିବେଶନ ୫-୬ ଫେବୃଆରୀ ୨୦୧୮ରେ ୟୁକ୍ରେନର ରାଜଧାନୀ କିଭ୍‌ଠାରେ ହୋଇଥିଲା। ଚଳିତବର୍ଷ ୧୫ମଇ ୨୦୨୪ରେ ମିଳିତ କାର୍ଯ୍ୟଗୋଷ୍ଠୀ ବୈଠକ ଆର୍ଥିକ ଓ ବାଣିଜ୍ୟିକ ସଂପର୍କ ବୃଦ୍ଧିପାଇଁ ଅନ୍‌ଲାଇନ୍ ମାଧ୍ୟମରେ ହୋଇଥିଲା। ୨୦ଜୁନ୍ ୨୦୨୪ରେ ବିଜ୍ଞାନ ଓ ଟେକ୍‌ନୋଲୋଜି କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ଦୁଇରାଷ୍ଟ୍ର ମଧ୍ୟରେ ମିଳିତ କାର୍ଯ୍ୟଗୋଷ୍ଠୀର ବୈଠକ ଅନୁଷ୍ଠିତ ହୋଇଥିଲା। ୨୦୧୨ରେ ପ୍ରତିରକ୍ଷା ସହଯୋଗ ବୃଦ୍ଧିପାଇଁ ଦୁଇଦେଶ ମଧ୍ୟରେ ବୁଝାମଣା ହୋଇଥିଲା। ମିଳିତ କାର୍ଯ୍ୟଗୋଷ୍ଠୀର ୨ୟ ବୈଠକ ଆଗାମୀ ଦିନରେ କରିବାଲାଗି ଦୁଇଦେଶ ଏବେ ରାଜି ହୋଇଛନ୍ତି। ଆନ୍ତର୍ଜାତିକ ସୌର ମେଣ୍ଟରେ ୟୁକ୍ରେନ ଯୋଗଦେବାଲାଗି ଭାରତ ଆଗ୍ରହ ପ୍ରକାଶ କରିଛି। ଜାତିସଂଘ ସୁରକ୍ଷା ପରିଷଦରେ ଭାରତକୁ ସ୍ଥାୟୀ ସଦସ୍ୟତା ଦେବାକୁ ୟୁକ୍ରେନ ସମର୍ଥନ କରିଛି। ଆଗାମୀ ଦିନରେ ୟୁକ୍ରେନର ପୁନର୍ନିର୍ମାଣ କ୍ଷେତ୍ରରେ ଭାରତୀୟ କମ୍ପାନୀମାନଙ୍କ ଦ୍ୱାରା ପୁଞ୍ଜିନିବେଶ ଓ ସହଯୋଗ ପାଇଁ ୟୁକ୍ରେନ କର୍ତ୍ତୃପକ୍ଷ ଆଗ୍ରହ ପ୍ରକାଶ କରିଥିଲେ। ଭାରତର ଆର୍ଥିକ ସହାୟତା ଗୋଷ୍ଠୀଗତ ବିକାଶ କ୍ଷେତ୍ରରେ ବୃଦ୍ଧି ହେବ ବୋଲି ମୋଦିଙ୍କ ଗସ୍ତର ସକାରାତ୍ମକ ଫଳରୁ ଆଶା କରାଯାଉଛି।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ମନୁଷ୍ୟ ଜୀବନ ସହ ସାଙ୍ଘାତିକ ଖେଳ



ଆଶୁତୋଷ ନାୟକ

ବିଗତ କିଛି ବର୍ଷ ମଧ୍ୟରେ ବିଶ୍ୱର ଜନସଂଖ୍ୟା ଯେପରି କ୍ଷିପ୍ର ବେଗରେ ବଢ଼ିଚାଲିଛି ତାର କଳ୍ପନା କରିବା ଅସମ୍ଭବ। ଆମ ରାଷ୍ଟ୍ର ଭାରତ ଆଉ ଅଳ୍ପ କିଛି ଦିନ ମଧ୍ୟରେ ବିଶ୍ୱର ସର୍ବବୃହତ୍ତ ଜନସଂଖ୍ୟା ଥିବା ରାଷ୍ଟ୍ର ଚୀନକୁ ମଧ୍ୟ ପଛରେ ପକାଇ ଦେବ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ। ଜନସଂଖ୍ୟାର ଅହେତୁକ ବୃଦ୍ଧି ଆମ ରାଷ୍ଟ୍ର ଭାରତ ପାଇଁ ଏବେ ମୁଣ୍ଡ ବ୍ୟଥାର କାରଣ ସାଜିଛି। ୧୪୦କୋଟି ଜନସଂଖ୍ୟା ବିଶିଷ୍ଟ ଆମ ରାଷ୍ଟ୍ର ଭାରତର ଖାଦ୍ୟ ଚାହିଦା ପୂରଣ କରିବା ପାଇଁ ଅସାଧୁ ବ୍ୟବସାୟୀ, ଅସାମାଜିକ ତତ୍ତ୍ୱ, କିଛି କଳକାରଖାନାର ମାଲିକଙ୍କ ପ୍ରତେକ୍ଷ୍ୟ ଏବଂ ପରୋକ୍ଷ ପ୍ରରୋଚନାରେ ବିଭିନ୍ନ ଅପମିଶ୍ରିତ ଖାଦ୍ୟର ବିକ୍ରୟ କରାଯାଉଛି। ପ୍ରଚୁର ଅର୍ଥ ଉପାର୍ଜନ ଲାଳସାରେ ଅସାଧୁ ବ୍ୟବସାୟୀ ଖାଦ୍ୟଦ୍ରବ୍ୟ, ପନିପରିବାରେ ଅପମିଶ୍ରଣ କରୁଛନ୍ତି, ଏହା ଛଡା ବିଭିନ୍ନ ରାସାୟନିକ ପଦାର୍ଥର ଉପଯୋଗ ବିଭିନ୍ନ ମସଲା ଜାତ ଦ୍ରବ୍ୟ, ପନିପରିବା, ଶସ୍ୟଜାତୀୟ ଦ୍ରବ୍ୟରେ ବହୁଳ ମାତ୍ରାରେ କରାଯାଉଛି। ଅନେକ ସମୟରେ ଏହା ଦୃଷ୍ଟିଗୋଚର ହୁଏ କି ମାଛକୁ ଅଧିକ ଦିନ ସତେଜ ରଖିବା ପାଇଁ ଏଥିରେ ହାନିକାରକ ଫର୍ମାଲ ଡିହାଇଡ଼୍ ମିଶାଯାଏ। ସାଧାରଣତଃ ମୃତ୍ୟୁ ପରେ ମନୁଷ୍ୟର ଶବକୁ ଅଧିକ ଦିନ ସୁରକ୍ଷିତ ରଖିବା ପାଇଁ ଫର୍ମାଲ ଡିହାଇଡ଼୍ ବ୍ୟବହାର କରାଯାଏ। ଫର୍ମାଲ ଡିହାଇଡ଼୍ ମିଶାଯାଉଥିବା ମାଛର ଗାଲି ଅତ୍ୟଧିକ ଲାଲ ଓ ଆଖି ଅଧିକ ସଫା ଦେଖାଯାଏ। କେମିକାଲ ମିଶା ମାଛକୁ ଚୋବାଇବା ସମୟରେ ଏହା ରବର ଭଳି ଲାଗିଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଫର୍ମାଲ ଡିହାଇଡ଼୍ ବ୍ୟବହାର ଦ୍ୱାରା ଅନେକ ସ୍ୱାସ୍ଥ୍ୟସମସ୍ୟା ଦେଖାଯାଇଥାଏ।

ଏବେ ନିକଟରେ ଅନେକ ଘଟଣା ସାମନାକୁ ଆସିଛି ଯେପରିକି ମାଛରେ ଫର୍ମାଲିନ ପ୍ରଲେପ, ଚିକେନରେ ଆଣ୍ଟିବାୟୋଟିକ ଓ ହରମୋନ ଇଞ୍ଜେକ୍ସନ ବହୁଳ ମାତ୍ରାରେ ବ୍ୟବହାର କରାଯାଉଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଏହିଭଳି ଅପମିଶ୍ରିତ ଖାଦ୍ୟର ସେବନ ଦ୍ୱାରା ଆଖି, ନାକ, ଏବଂ ଗଳାରେ ଗମ୍ଭୀର ସମସ୍ୟା ଦେଖାଯାଏ। ଏବେ ବଜାରରେ ମିଳୁଥିବା ଆମ୍ବ, ପଣସ, କଦଳୀକୁ ପଚାଇବା ପାଇଁ ବହୁଳ ମାତ୍ରାରେ କ୍ୟାଲସିୟମ କାର୍ବାଇଡ଼୍ ବ୍ୟବହାର କରାଯାଉଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ କ୍ୟାଲସିୟମ କାର୍ବାଇଡ଼୍ ବ୍ୟବହାର ଦ୍ୱାରା କ୍ୟାନସର ହେବାର ସମ୍ଭାବନା ଅଧିକ ଥାଏ। କ୍ୟାଲସିୟମ କାର୍ବାଇଡ଼୍ ବ୍ୟବହାର ଉପରେ ନିଷେଧାଦେଶ ଥିବା ସତ୍ତ୍ୱେ ଅସାଧୁ ବ୍ୟବସାୟୀ ମାନେ ସରକାରଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଖୋଲାଖୋଲି ଏହି ବିଷାକ୍ତ ରାସାୟନିକ ପଦାର୍ଥ ବ୍ୟବହାର କରୁଛନ୍ତି। ଏହିଭଳି ଅସାମାଜିକ ତତ୍ତ୍ୱ ସାଧାରଣ ଲୋକଙ୍କ ଜୀବନ ସହ ସାଙ୍ଘାତିକ ଖେଳ ଖେଳୁଛନ୍ତି। ଅନେକ ସମୟରେ ଲୋକମାନେ ଅଭିଯୋଗ କରିଥାନ୍ତି କି ଅସାଧୁ ବ୍ୟବସାୟୀ ଓ ଖାଦ୍ୟସୁରକ୍ଷା ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଏହା ସଂଘଟିତ ହୋଇଥାଏ। ସାଧାରଣ ଲୋକଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ ନେତା, ମନ୍ତ୍ରୀ, ପୋଲିସ ପ୍ରଶାସନ ନୀରବଦ୍ରଷ୍ଟା ଏବଂ ସଦାସର୍ବଦା କୁମ୍ଭକର୍ଣ୍ଣ ନିଦ୍ରାରେ ରହିଥାନ୍ତି।

ବିଭିନ୍ନ ଜାତୀୟ ଓ ଆନ୍ତଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ ଗତ ପାଞ୍ଚ ବର୍ଷ (୨୦୧୯-୨୦୨୪)ମଧ୍ୟରେ ଭାରତରେ ପ୍ରସ୍ତୁତ ହୋଇ ବିଦେଶକୁ ଯାଉଥିବା ୪୦୦ପ୍ରକାରର ବିଭିନ୍ନ ଖାଦ୍ୟ ସାମଗ୍ରୀକୁ ୟୁରୋପୀୟ ସଂଘ (ଇୟୁ) ନିଷିଦ୍ଧ କରିଛି। ଉକ୍ତ ଖାଦ୍ୟ ସାମଗ୍ରୀ ଗୁଡିକରେ କୀଟନାଶକ କବକ ଏବଂ କ୍ୟାଡ଼ମିୟମ୍ ଭଳି କ୍ଷତିକାରକ ଉପାଦାନ ମିଳିବା ପରେ ୟୁରୋପୀୟ ୟୁନିଅନ ପକ୍ଷରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ଇୟୁ ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁସାରେ ଭାରତରେ ପ୍ରସ୍ତୁତ ହେଉଥିବା ଏହି ୪୦୦ଖାଦ୍ୟ ସାମଗ୍ରୀ ମଧ୍ୟରୁ ୧୪ଟିରେ ମର୍କ୍ୟୁରୀ ଓ କ୍ୟାଡ଼ମିୟମ୍ ଭଳି କ୍ଷତିକାରକ ଉପାଦାନ ରହିଛି ଯାହାକି ଆମ ଶରୀରର ଅଙ୍ଗକୁ କ୍ଷତି ପହଞ୍ଚିବା ସହ ନଷ୍ଟ କରିଦେବ। ସେହିପରି ୨୧ଟି ସାମଗ୍ରୀରେ କ୍ୟାଡ଼ମିୟମ୍ ଭଳି ଭାରୀ ଧାତୁ ରହିଛି। ଏହାକୁ ସେବନ କିମ୍ବା ଆଘ୍ରାଣ କରିବା ଫଳରେ ଅତି ମାରାତ୍ମକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇଥାଏ। ଏହାର ଦୀର୍ଘକାଳୀନ ବ୍ୟବହାର କରିବା ଦ୍ୱାରା କିଡ଼ନୀ ନଷ୍ଟ ହେବା ସହିତ ଶରୀରର ଅସ୍ଥି କ୍ଷତିଗ୍ରସ୍ତ ହୋଇଥାଏ ଏବଂ ଶ୍ୱାସପ୍ରଶ୍ୱାସ ଓ ହୃଦରୋଗ ଭଳି ଗମ୍ଭୀର ସମସ୍ୟା ଦେଖାଦେବାର ଅଧିକ ସମ୍ଭାବନା ରହିଛି। ଅଧିକ ଦିନ ଧରି କାଡ଼ମିୟମ୍ ମିଶ୍ରିତ ଖାଦ୍ୟ ସାମଗ୍ରୀ ବ୍ୟବହାର କରିବା ଦ୍ୱାରା ଫୁସଫୁସ କ୍ୟାନସର ହେବାର ଯଥେଷ୍ଟ ସମ୍ଭାବନା ରହିଛି।

ପ୍ରଚୁର ଅର୍ଥ କମାଇବା ଲାଳସାରେ ଅନେକ ଅସାଧୁ ବ୍ୟବସାୟୀ, କମ୍ପାନୀ ମାଲିକ ଖାଦ୍ୟଦ୍ରବ୍ୟକୁ ଅଧିକ ଦିନ ସୁରକ୍ଷିତ ରଖିବା ପାଇଁ ସେଥିରେ ଅନେକ ହାନିକାରକ ରାସାୟନିକ ପଦାର୍ଥର ବ୍ୟବହାର କରୁଛନ୍ତି ଯାହାକି ଅନେକ ନିରୀହ ଲୋକଙ୍କର ଅକାରଣେ ଜୀବନ ପ୍ରଦୀପ ଲିଭିଯାଉଛି। ତେଣୁ ସମୟ ଆସିଛି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର କାଦୁଅପିଙ୍ଗା ରାଜନୀତିରୁ ଊର୍ଦ୍ଧ୍ୱକୁ ଉଠି ପରସ୍ପର ମିଳିତ ସହଯୋଗରେ ସାଧାରଣ ଲୋକଙ୍କ ଜୀବନ ସହ ସାଙ୍ଘାତିକ ଖେଳ ଖେଳୁଥିବା ଅସାମାଜିକ ତତ୍ତ୍ୱ ଯେଉଁମାନେ ଖାଦ୍ୟ ସାମଗ୍ରୀ, ପନିପରିବା, ମସଲା ଦ୍ରବ୍ୟ, ଫଳ, ଶସ୍ୟଜାତୀୟ ଦ୍ରବ୍ୟ ଆଦିରେ ଅପମିଶ୍ରଣ କରୁଛନ୍ତି ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି ଯେପରିକି ଭବିଷ୍ୟତରେ ଆଉ ଏପରି ଘଟଣାର ପୁନରାବୃତ୍ତି ନଘଟୁ।

*ଗୋପାଳପୁର, ବାଲେଶ୍ୱର*
*ଦୂରଭାଷ: ୭୦୨୦୬୧୧୩୦୦*

# ସାଧକ ଶ୍ରୀ ଅରବିନ୍ଦ



ପ୍ରଭାତ କୁମାର ମହାପାତ୍ର

ଆଧ୍ୟାତ୍ମିକ ଜଗତରେ ଚହଳ ସୃଷ୍ଟି କରି ପାରିଥିବା ତଥା ଜଣେ ଅସାଧାରଣ ଯୋଗ ଯନ୍ତ୍ରୀ, ସ୍ୱାଧୀନତା ସଂଗ୍ରାମୀ, ଅପ୍ରତିଦ୍ୱନ୍ଦୀ ବ୍ୟକ୍ତିତ୍ୱର ଅଧିକାରୀ ଏବଂ ଖ୍ୟାତନାମା ଶିକ୍ଷାବିତ୍ ଥିଲେ, ସାଧକ ଶ୍ରୀଅରବିନ୍ଦ ଘୋଷ। ଶ୍ରୀ ଅରବିନ୍ଦ ଘୋଷ ୧୮୭୨ ମସିହା ଅଗଷ୍ଟ ୧୫ ତାରିଖ ଦିନ କଲିକତାର ହୁଗୁଳି ଜିଲ୍ଲାରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଥିଲା ଶ୍ରୀ କୃଷ୍ଣଧନ ଘୋଷ ତଥା ମାତାଙ୍କ ନାମ ଥିଲା ସ୍ୱର୍ଣ୍ଣଲତା ଦେବୀ। ତାଙ୍କର ସମସ୍ତ ଭାବନା, ଅତୁଳନୀୟ ଅବଦାନ ତଥା ଦର୍ଶନ ନିମନ୍ତେ ଏକଦା ଜ୍ଞାନୀ ରୋମାନ୍ ରୋଲାଣ୍ଡ ମତ ଦେଇଥିଲେ, ଶ୍ରୀ ଅରବିନ୍ଦ ହେଉଛନ୍ତି ଭାରତୀୟ ଦାର୍ଶନିକ ମଧ୍ୟରେ ରାଜା। ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି ସେ ସାହିତ୍ୟ, ଇତିହାସ, ଗ୍ରୀକ୍ ଏବଂ ଲାଟିନ ଭାଷାରେ ନିଜର ପାରଦର୍ଶୀତା ଓ ଜ୍ଞାନର ପରାକାଷ୍ଠା ଦେଖାଇ ବହୁବାର ପୁରସ୍କୃତ ହୋଇଥିଲେ। ସେ ସମୟରେ ସେ ଭାରତର ଶ୍ରେଷ୍ଠ ସମ୍ମାନ ଜନକ ପଦବୀ ଆଇସିଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ ମଧ୍ୟ ଅଶ୍ୱାରୋହଣ ପ୍ରତିଯୋଗିତାରେ ଅଂଶ ଗ୍ରହଣ ନ କରି ଏହି ପଦବୀକୁ ପରିତ୍ୟାଗ କରିଥିଲେ। ଯେତେବେଳେ ସେ କେମ୍ବ୍ରିଜ୍‌ରେ ପାଠ ପଢୁଥିଲେ, ପରାଧୀନ ଜନ୍ମଭୂମିର ମମତା ତାଙ୍କୁ ଅଧିକ ଦିନ ସେଠାରେ ରହିବାକୁ ଦେଇ ନ ଥିଲା। ସେ ପରେ ପରେ ଭାରତକୁ ଚାଲି ଆସିଥିଲେ। ଭାରତରେ ପାଦ ଦେଉ ଦେଉ ପରାଧୀନ ଭାରତୀୟ ମାନଙ୍କ ଦୁଃଖ ଦୁର୍ଦ୍ଦଶାକୁ ଦେଖି ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଅଂଶ ଗ୍ରହଣ କରି ୧୯୦୫ରେ ବଙ୍ଗ ଭଙ୍ଗ ଆନ୍ଦୋଳନରେ ଯୋଗ ଦେଇ ଦୃଢ଼ ଭାବରେ ଦମନ କରିବା ପାଇଁ ଅହରହ ଚେଷ୍ଟା କରିଥିଲେ। ବରୋଦା କଲେଜରେ ଅଧ୍ୟକ୍ଷ ଥିବା ସମୟରେ ବନ୍ଦେ ମାତରଂ ପତ୍ରିକାର ସମ୍ପାଦନା କରିବା ସହ ରାଜନୀତି ଓ ସ୍ୱାଧୀନତା ସଂଗ୍ରାମ କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଠିକ୍ ସେତିକି ବେଳେ ଆଲିପୁର୍ ବୋମା ବିସ୍ଫୋରଣ ଘଟଣାରେ ଅଟକ ହୋଇ ଜେଲରେ ପ୍ରାୟ ଏକ ବର୍ଷ କଟାଇଥିଲେ। ଜେଲରେ ଥିବା ଅବସ୍ଥାରେ ଅନେକ ସମୟ ଧରି ଧ୍ୟାନ ମଗ୍ନ ରହୁଥିଲେ। ଏପରି ଧ୍ୟାନ କରୁ କରୁ ସେ ଭଗବାନ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲେ। ସେ ମୁଖ୍ୟତଃ ଯୋଗ ଓ ଧ୍ୟାନକୁ ଜୀବନରେ ଆଧାର କରି ପଣ୍ଡିଚେରୀରେ ଆଶ୍ରମ ଓ ଆରୋଭିଲ ଗଠନ କରିଥିଲେ। ଏହି ଆଶ୍ରମରେ ଯେଉଁ ତପସ୍ୟା କରା ଯାଉଥିଲା, ତାହା ଥିଲା ରୂପାନ୍ତରିତ କ୍ରିୟା। ଯାହା ମନୁଷ୍ୟର ଚେତନାକୁ ଅତି ମାନସରେ ପରିଣତ କରି ପାରେ। ଯୋଗୀ ଶ୍ରୀ ଅରବିନ୍ଦଙ୍କ ମତରେ ପ୍ରତ୍ୟେକ ସାଧକ ପାଇଁ ଶ୍ରଦ୍ଧା, ଅଭିପ୍ସା ଓ ସମର୍ପଣ ଭାବ ରହିବା ଅତି ଆବଶ୍ୟକ। ସେ ଶଙ୍କରଙ୍କ ବ୍ରହ୍ମ ସତ୍ୟ ଜଗତ ମିଥ୍ୟା ପରି ପ୍ରତିଷ୍ଠିତ ମତକୁ ନିଜର ଅକାଟ୍ୟ ଯୁକ୍ତି ବଳରେ ଖଣ୍ଡନ କରି କହିଥିଲେ, ବ୍ରହ୍ମ ଯେପରି ସତ୍ୟ ଜଗତ ମଧ୍ୟ ସତ୍ୟ ଅଟେ। ଏହି ଦୃଷ୍ଟିରୁ ଆମେ ଭାଗବତ ସତ୍ତା ଦର୍ଶନ ନିମନ୍ତେ ଦୂର ଦେବାଳୟ ଯାତ୍ରା କରିବା ଏବଂ ସୁଦୂର ଉଚ୍ଚ ହିମାଳୟ ଯାଇ ତପସ୍ୟାରେ ନିମଗ୍ନ ହେବାର କୌଣସି ଆବଶ୍ୟକତା ନାହିଁ। ଏହି ମରଣଶିଳ ଦୁନିଆରେ ଅମୃତତତ୍ତ୍ୱର ସନ୍ଧାନ ସହିତ ସାଧାରଣ ମାନବକୁ ଅତି ମାନବ ତଥା ଆଧ୍ୟାତ୍ମିକ ମାନବ ରୂପେ ରୂପାନ୍ତରିତ କରିବାର ସ୍ୱପ୍ନ ଦେଖିଥିଲେ ଯାହାକି ତାଙ୍କ ଦର୍ଶନ ତଥା ଚିନ୍ତାଧାରାର ପ୍ରାଣ କେନ୍ଦ୍ର ଭାବେ ଅଭିହିତ କରା ଯାଇଛି। ପ୍ରକୃତରେ ଯୋଗ ମାଧ୍ୟମରେ ପୂର୍ଣ୍ଣ ଜ୍ଞାନ ପ୍ରାପ୍ତି ହିଁ ହେଉଛି ଶ୍ରୀ ଅରବିନ୍ଦଙ୍କ ଜୀବନ ଦର୍ଶନର କେନ୍ଦ୍ର ବିନ୍ଦୁ ସଦୃଶ। ତାଙ୍କର ଧାରଣା ଥିଲା, ଆମ ଦେଶରେ ଯଦି ଲୋକ ମାନେ ଶିକ୍ଷିତ ହେବେ ତାହେଲେ ସେମାନେ ଆଧ୍ୟାତ୍ମିକତା ଓ ବିଜ୍ଞାନର ସଚେତନତାକୁ ନିଜ ଜୀବନରେ ବ୍ୟବହାର କରି ପାରିବେ। ସେ ଚାହୁଁ ଥିଲେ, ଶିକ୍ଷାନୁଷ୍ଠାନରେ ଶିକ୍ଷା ମାତୃଭାଷାରେ ହେବା ସହ ନିଜ ଚେତନାର ଅଭିବୃଦ୍ଧି ଯାହା ଫଳରେ ମନୁଷ୍ୟ ଜୀବନ ଆନନ୍ଦ ମୟ ଓ ମଙ୍ଗଳ ମୟ ହୋଇ ପାରିବ। ତାଙ୍କ ମତରେ ଅତି ମାନସ ଚେତନା ଜାଗ୍ରତ ହେଲେ ଶିକ୍ଷା ପୂର୍ଣ୍ଣାଙ୍ଗ ହୋଇ ପାରିବ। ଶ୍ରୀ ଅରବିନ୍ଦଙ୍କ ସାଧନାର ପ୍ରମୁଖ ଦିଗ ଥିଲା, ନିରବତା ମଧ୍ୟରେ ରହି ଦିବ୍ୟ ଶକ୍ତି ଅତି ମାନସକୁ ନିଜ ମଧ୍ୟରେ ରୂପାନ୍ତର କରିବା। ବୁଦ୍ଧ ଦେବଙ୍କ ପରି ସେ ତାଙ୍କ ଜୀବନରେ ଅନେକ ସମସ୍ୟାକୁ ନିରବତା ମଧ୍ୟରେ ସମାଧାନ କରି ପାରୁଥିଲେ। ସେ ନିଜ ଜୀବନରେ ସ୍ୱାମୀ ବିବେକାନନ୍ଦ ଓ ରାମକୃଷ୍ଣ ପରମହଂସଙ୍କ ଭାବ ଧାରାରେ ଖୁବ୍ ପ୍ରଭାବିତ ହୋଇଥିଲେ। ରାଜନୀତି କ୍ଷେତ୍ରରେ ନେତାଜୀ ସୁଭାଷ ବୋଷଙ୍କ ସାହସ ବିରତ୍ୱ ଓ ପରାକ୍ରମକୁ ପ୍ରଶଂସା କରିଥିଲେ। ଶ୍ରୀ ଅରବିନ୍ଦ ଯେଉଁ ସ୍ୱାଧୀନତା ପାଇଁ ସଂଗ୍ରାମ କରି ଥିଲେ, ତାହା ହେଲା ପୂର୍ଣ୍ଣ ସ୍ୱରାଜ। ଜୀବନର ପ୍ରତିଟି ମୁହୂର୍ତ୍ତ କୌଣସି ନ କୌଣସି ସାଧନା, ଧ୍ୟାନ, ଗ୍ରନ୍ଥ ରଚନା, ଯୋଗ ସାଧନା, କର୍ମ ସାଧନାରେ ବିତାଇ ଥିଲେ ଯାହାକି ସମଗ୍ର ବିଶ୍ୱରେ ସିଦ୍ଧି ଓ ସାଧନାର ଏକ ଶ୍ରେଷ୍ଠ ଉଦାହରଣ ସେ ସୃଷ୍ଟି କରି ଯାଇଛନ୍ତି। ସେ ୧୯୫୦ ମସିହା ଡିସେମ୍ବର ୫ ତାରିଖ ଦିନ ଏକ ଅପୂରଣୀୟ ଶୂନ୍ୟ ସ୍ଥାନ ସୃଷ୍ଟି କରି ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

*ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ, କୋରାପୁଟ*
*ଦୂରଭାଷ : ୭୮୯୪୦୦୫୪୫୫*

ଧାରାବାହିକ ଉପନ୍ୟାସ

# ମୌନ ଯୋଗୀ



ପୁଷ୍ପାରାଣୀ ପଟେଲ

ଭାଗ-୨୯

**ପୂର୍ବାଭାଷ**

*ସ୍ନିଗ୍ଧା ଓ ପୂରବୀ ଆଜି ଖୋଲି ଦେଇଥିଲେ ପରସ୍ପରକୁ ପରସ୍ପର ନିକଟରେ। ପୂରବୀ ଶୁଣୁଥିଲା ଓ ସ୍ନିଗ୍ଧା ବଖାଣି ଚାଲିଥିଲା ନିଜକୁ, ସେ ଭୋଗିଥିବା କିଛି ଦୁଃଖକୁ-କିଛି ସୁଖକୁ। ପୂରବୀ ଭାବୁଥିଲା, 'ଆହା, କେତେ ଦୁଃଖ ଜମାଟ ବାନ୍ଧିଛି ସ୍ନିଗ୍ଧାର କୋମଳ ମନଟିରେ ସତେ। ବାପାଙ୍କର ବିଶ୍ୱାସକୁ, ଭଲ ପାଇବାକୁ ପାଇବା ପାଇଁ ଏତେ ପରିଶ୍ରମ କରି ପ୍ରଥମ ସ୍ଥାନ ଅଧିକାର କଲା ପରେ ମଧ୍ୟ କଣ ସେ ଜିତି ପାରିଲାକି ତା' ବାପାଙ୍କର ବିଶ୍ୱାସକୁ? 'କାହିଁ ପାରିଲାନି ତ!' ତେବେ କ'ଣ ହେଲା ଆଗକୁ ....!!*

*(ପୂର୍ବପ୍ରକାଶ ଉତ୍ତାରୁ)*

*"ହାଏ ... ପୂରବୀ! ମୁଁ କେତେ ମିଛରେ ନିଜ ଭିତରେ ଗୁଡେଇ ହେଉଥିଲି ଏତେ ଦିନ। ଦେଖିପାରି ନଥିଲି, ମୋ' ବାପାଙ୍କ ଭିତରେ ଲୁଚିଥିବା ସେଇ ସାଧାରଣରୁ ଅତି ସାଧାରଣ ବାପାଙ୍କୁ ମୋ'ର। ଭେଟିଲି, ଯେତେବେଳେ ଶୁଣିଲି ସବୁ ସାଧାରଣ ବାପାଙ୍କ ପରି ସେ ବି କହୁଥିଲେ, 'ଝିଅ ଘିଅ! ଯେତେ ଶୀଘ୍ର ଦାୟିତ୍ୱ ମୁକ୍ତ ହେଇଯିବ, ସେତେ ଭଲ।'*

*ମନ, ମସ୍ତିଷ୍କ ସବୁ ଆନ୍ଦୋଳିତ ହେଇ ଉଠିଲା ବାପାଙ୍କ କଥା ଶୁଣି। ହୁଏତ ବିଦ୍ରୋହ ବି କଲା ତେବେ ନିଜ ଭିତରେ। ମୋ' ନିଜ ମନର ପ୍ରଶ୍ନସବୁ ଜମାଟ ବାନ୍ଧି ପାହାଡ ପରି କଠିଣ ରୂପ ନେଉଥିଲା ମୋ' ଭିତରେ। କାହା ପାଖରୁ ବା ଉତ୍ତର ଆଶା କରନ୍ତି, ମୋ'ର ଯେ ପ୍ରଶ୍ନ କରିବାର ହିଁ ସାମର୍ଥ୍ୟ ନଥିଲା। ଛୋଟଟି ବେଳୁ ସଂସ୍କାରୀ, ସୁଶିଳ ଝିଅଟିଏର ମୁକୁଟ ପିନ୍ଧାଇ ସେମାନେ ଯେ ଛଡାଇ ନେଇଥିଲେ ମୋ'ର ସ୍ୱର ମୋ' ପାଖରୁ।*

*ତା' ବୋଲି ମୋ' ପ୍ରଶ୍ନର ମୁଁ ଉତ୍ତର ପାଇଲିନି ବୋଲି ତ ନୁହଁ। ପାଇଲି, ଯେବେ ଯାଇ ବସିଲି ବିବାହ ବେଦୀରେ। ତାଲା ପକାଇଲି ମୋ'ର ସେଇ ଦୁର୍ମୂଲ୍ୟ ସାର୍ଟିଫିକେଟ୍ ମାନଙ୍କୁ ଘରର ପୁରୁଣା କାଠ ଆଲମାରୀ ଭିତରେ ଓ ଚୁପ୍ ଚାପ୍ ଯାଇ ବସିଲି ଜଣେ ଅଜଣା ଅଶୁଣା ମଣିଷର ଡାହାଣ କଡରେ, ତା'ର ଓ ତା' ପରିବାରର ଦାୟିତ୍ୱକୁ ମୁଣ୍ଡରେ ମୁଣ୍ଡାଇ।*

*- ଉତ୍ତର କ'ଣ ଜାଣ?*

*- ମୁଁ ଏ ସମାଜର ସବୁ ଝିଅଙ୍କ ପରି ଏକ ସାଧାରଣ ଝିଅ ହିଁ, ଯାହାର ଜନ୍ମ ପରଠୁ ସଭିଏଁ ଗୋଟିଏ କଥା ଘୋଷି ରଖିଥାନ୍ତି ମନରେ, 'ଝିଅ ଜନମ ଚୁଲି ମୁଣ୍ଡକୁ'। ମୋ' ବାପା ବି ଏ ସମାଜର ସବୁ ବାପାଙ୍କ ପରି ଏକ ସାଧାରଣ ବାପା, ଯିଏ ଝିଅ ଜନ୍ମ ହେବା ପରଠାରୁ ଦାୟିତ୍ୱ ବୋଝରେ ଚାପି ହେଇଯାନ୍ତି। ଝିଅକୁ ସୁରକ୍ଷିତ ଭବିଷ୍ୟତ ଦେବା ନ୍ୟାୟରେ ଖୋଜି ବୁଲନ୍ତି ବରପାତ୍ର।*

*ମୁଁ କ'ଣ ଭୁଲ କହୁଛି, ପୂରବୀ?*

*(ପୂର୍ବପ୍ରକାଶ ଉତ୍ତାରୁ)*

।।ଅମ୍ଳାନ।।

ତାଙ୍କ ମନ ଭିତରେ ଏତେ ଦିନ ଧରି କ'ଣ ଯେ ଚାଲିଥିଲା ସେକଥା ତ ଆଜିଯାଏ ଜାଣି ପାରିଲିନି। ତେବେ ସେ କିନ୍ତୁ ପ୍ରଥମ ମଣିଷ ଯିଏ ମୋତେ ଗାଳ୍ପିକା ସମ୍ବୋଧନରେ ସମ୍ବୋଧିତ କରିଥିଲେ।

ତାଙ୍କର ଏଇ ଦୁଇ ଧାଡିର ଚିଠିକୁ ମୁଁ ପଢ଼ିଲି ହଜାର ଥର। ବାରମ୍ବାର ପଢ଼ିଲି। ପଢ଼ିଲି ଏବଂ ଉଚ୍ଛାଟ ହେଲି

'ଆହା... ମୁଁ ବି କ'ଣ ମୋ' ଅନୁଭବ ମାନଙ୍କୁ ଶବ୍ଦର ରୂପ ଦେଇ କାଗଜରେ ଉତାରି ପାରିବି!!'

।।୫।।

ସେ (ଯୋଗୀ), କ'ଣ ଭାବୁଥିଲେ ଏତେଦିନ ଧରି? ଏତେ ଡେରିରେ ନିଜର ପ୍ରତ୍ୟୁତ୍ତର ରଖିଲେ ଯେ!

ଭାବୁଥିଲେ କି ଆଉ; ଏହାକୁ ଜଣେ ଭଲ ଗାଳ୍ପିକା ହିସାବରେ ଗଢ଼ା ଯାଇପାରେ। ନା... ବୋଧହୁଏ ଭାବୁଥିଲେ, ଏଭଳି ପ୍ରେମିକାଟିଏ ... ସମର୍ପିତା ପ୍ରେମିକାଟିଏ ନଥାଇପାରେ ଏ ଦୁନିଆରେ।

ଛାଡ... ସେ ଯାହାବି ଭାବନ୍ତୁ ... ଆମ ଭିତରେ ବନ୍ଧୁତା କିନ୍ତୁ ଦୃଢ଼ ହେବାରେ ଲାଗିଥିଲା। ନା... ବୋଧହୁଏ ବନ୍ଧୁତା ଧୀରେ ଧୀରେ ପ୍ରେମରେ ରୂପାନ୍ତରଣ ହେବାକୁ ଲାଗିଥିଲା।

ଏମିତି ହିଁ ହୁଏ - ଯେତେବେଳେ ଆମର ପ୍ରିୟତମ ମଣିଷଟି ଆମ ଜୀବନରେ ପାଦ ଦିଏ, ସେ ଆମକୁ ଉନ୍ମୁକ୍ତ କରିଦିଏ ଆମ ନିଜ ପାଖରେ।

ଏତେ ବର୍ଷ ଧରି ନିଜକୁ ଡରକୁଳୀ, ଅସମର୍ଥା ବୋଲି ଭାବି ଆସୁଥିବା ମୁଁ ଦେଖୁଥିଲି ପ୍ରଥମ କରି ନିଜର ସମ୍ପୂର୍ଣ୍ଣ ଅବୟବ। ପରସ୍ତ ପରସ୍ତ ହେଇ ନିଜକୁ ନିଜ ପାଖରେ ଖୋଲିଦେବା ବେଳେ ଭାବୁଥିଲି -

"ଆଃ ... କେତେ ସମର୍ଥା ମୁଁ!"

ଏଇ ଆଙ୍ଗୁଳି ଟିପରେ ଓଗାଳି ଦେଇପାରେ, ମୋ' ଭିତରେ ପ୍ରସ୍ତରୀଭୂତ ହେଇରହିଥିବା ବର୍ଷ ବର୍ଷର ଦୁଃଖ ସବୁକୁ, କ୍ଷୋଭ ମାନଙ୍କୁ।

ମୋ' କଲମ ମୁନରେ ଝରାଇ ଦେଉଥିଲି ବର୍ଷ ବର୍ଷ ଧରି ମଣିଷମାନଙ୍କ ପାଇଁ, ସମାଜ ପାଇଁ ବାନ୍ଧି ରଖିଥିବା ମୋ'ର ଅଭିଯୋଗ, ଅଭିମାନ ସବୁକୁ।

ଗୋଟିଏ କାହାଣୀର ପୂର୍ଣ୍ଣଚ୍ଛେଦ ସହିତ ଛିଣ୍ଡି ଯାଉଥିଲା ଅତୀତର ଗୋଟିଏ ବନ୍ଧନର ଡୋରି। ଏମିତି ଅନେକ ବନ୍ଧନକୁ କାଟି କାଟି ମୁଁ ମୁକ୍ତ ହେଉଥିଲି ଧୀରେ ଧୀରେ।

ମୁଁ କ'ଣ ଜାଣିଥିଲି, ଏମିତି ଅତୀତର ଦୁର୍ବଳ ବନ୍ଧନ ମାନଙ୍କୁ ଛିଣ୍ଡାଇ ଛିଣ୍ଡାଇ ମୁଁ



ଯୋଡି ହେଉଥିଲି ମୋ' ଜୀବନର ସବୁଠାରୁ ଦୃଢ଼ ତଥା ଏକମାତ୍ର ବନ୍ଧନରେ।

ଓଃ ... କେମିତି ବୁଝିପାରିଥାନ୍ତି ଯେ ଏତେ ବଡ଼ କଥା। ଏହାକୁ ବୁଝିବା ପାଇଁ ସମୟ ଓ ସାଧନା ଲୋଡ଼ା। ସହଜରେ କ'ଣ ମିଳେ ଏଭଳି ଅନୁଭବ! ମୋ' ପାଇଁ ଈଶ୍ୱର ସାଧନାର ରାସ୍ତାରେ ଏଇମାତ୍ର ଆଲୋକ ବିଞ୍ଚିବା ଆରମ୍ଭ କରିଥିଲେ। ମୋକ୍ଷ ପ୍ରାପ୍ତିର ଅନୁଭବ ଯାଏଁ ଆଖିକୁ ପହଁରାଇ ପାରିଥାନ୍ତି ବା' କେମିତି!

ହଁ, ମୋ' ଶୈଶବ, କୈଶୋରର କିଛି ମିଠା ମିଠା ସ୍ମୃତି ଏବେ ଗପ ରୂପରେ ଆତ୍ମପ୍ରକାଶ କରିବା ଆରମ୍ଭ କରିଥିଲେ। ଆଉରିବି ବିବାହ ପରର ସଂଘର୍ଷ, ମନ ଭିତରେ ଚାପି ହେଇ ସନ୍ତୁଳି ହେଉଥିବା କ୍ଷୋଭ ଓ ଅଭିମାନ ସବୁ ଶବ୍ଦର ରୂପରେ ତରଳିବା ଆରମ୍ଭ କରିଥିଲେ।

କବି, ଲେଖକ ମାନଙ୍କ ପରି ଭାଗ୍ୟବାନ ଆଉ କ'ଣ କିଏ ଅଛି ସତରେ! ଏମାନଙ୍କୁ ଛାଡିଦେଲେ, ନିଜ ଦୁଃଖମାନଙ୍କୁ ଏମିତି ହୃଦୟରୁ, ଛାତିରୁ ତରଳାଇ ବାହାର କରିଦେବା ଭଳି ଅସାଧାରଣ କ୍ଷମତା ଆଉ କାହାର ବା' ଥାଏ ଯେ? ସେଥିପାଇଁ କିଛି ନଥିଲେ ବି ପାଖରେ ଏମାନେ ପରମ ସୁଖୀ ତାଙ୍କ ଜୀବନରେ। ଏଇ ସଂସାରଟା ଯାକ ମଣିଷ ଦୁଃଖୀ, ସବୁକିଛି ଥାଇ ମଧ୍ୟ।

ମୋ' ସାମ୍ନାରେ ବି ଖୋଲି ଯାଇଥିଲା ଖୁସି ସାଉଁଟିବାର ରାସ୍ତା। ମୁଁ ଖୁସି ଥିଲି। ଢେର ଖୁସି। ସେ ବି ତ ଥିଲେ ମୋ' ସାଥିରେ। ପାଖରେ ପାଖରେ।

ଗପ ଲେଖି ସାରିବା ପରେ ପଠାଉଥିଲି ତାଙ୍କ ପାଖକୁ। ପ୍ରତ୍ୟୁତ୍ତର ଫେରୁଥିଲା ଯଥାଶୀଘ୍ର। ସେ ପ୍ରତ୍ୟୁତ୍ତର ସବୁରେ ଭରି ରହିଥିଲା ନିଚ୍ଛକ ସ୍ନେହ ଓ ଭଲ ପାଇବା। କେତେବେଳେ ଥଟ୍ଟା, ପରିହାସ ରୂପରେ। ପୁଣି କେତେବେଳେ ଜଣେ ଅଭିଜ୍ଞ ବରିଷ୍ଠଙ୍କ ପରି ମାର୍ଗ ପ୍ରଦର୍ଶନ ଓ ଆକଟ କରୁଥିଲେ ସେ। ମୁଁ ଗୋଟିଏ ନୂଆ ଦୁନିଆରେ ପାଦ ଥାପୁଥିଲି। ସାହିତ୍ୟ ଦୁନିଆ। ତାଙ୍କ ସାଥିରେ। ହାତରେ ହାତ ଛନ୍ଦି। ପାଦରେ ପାଦ ମିଶାଇ।

"ଓଃ ...! କି ସୁନ୍ଦର ସେ ଦିନ ସବୁ!"

ଏମିତି ଆତ୍ମିକ ସମ୍ପର୍କ ସବୁ କ'ଣ ଗୋଟିଏ ବିନ୍ଦୁରେ କେବେ ସ୍ଥିର ହେଇ ରହିପାରେ? ସେ ନିଶ୍ଚେ ଆଗକୁ ପ୍ରସରି ଯିବା ପାଇଁ ଏକ ପ୍ରଶସ୍ତ ରାସ୍ତା ଖୋଜିବସେ! ସେଭଳି ବ୍ୟାକୁଳତା ମୁଁ ବି ଭୋଗିଲି ଖୁବ୍।

ଦିନେ ଖୁବ୍ ଇଚ୍ଛା ହେଲା, 'ଥରୁଟିଏ ତାଙ୍କ ସ୍ୱର ଶୁଣନ୍ତି!'

"ଓଃ... ଏତେ ମିଠା କ'ଣ କେବେ କୌଣସି ପୁରୁଷର କଣ୍ଠସ୍ୱର ହୋଇପାରେ!" ବୋଧେ ଆତ୍ମାର ନିର୍ମଳପଣ କଣ୍ଠସ୍ୱରକୁ ଏମିତି ମଧୁର, ଆକର୍ଷଣୀୟ କରିଦିଏ।


*(କ୍ରମଶଃ)*

---

କୈଶୋରୀ କୋରକ



## ଅନ୍ୱେଷଣ



ସୁଧୀର ମେହେର

ପାଇଲି ନାହିଁ,
କେଉଁଠି ପାଇଲି ନାହିଁ
ଗୋଲାପ ପରି ମୁଠାଏ ତାଜା ବିଶ୍ୱାସ,
ସକାଳ ପରି
କାଣିଚାଏ ଧ୍ରୁବ ସତ୍ୟ।
ସବୁଠି କିଛି ନା କିଛି ଖେଦ,
ଜହ୍ନରେ କଳଙ୍କ
ଫୁଲରେ କଣ୍ଟା
ପ୍ରେମରେ ପ୍ରତାରଣା
ବିଶ୍ୱାସରେ ବିଷ।
ସତରେ
ଏତେ ବଡ ଭୂଖଣ୍ଡରେ
କେଉଁଠି ପାଇଲି ନାହିଁ
ଗୋଟେ ବୋଲି ନିଃଷ୍ପାପ ହୃଦୟ।

*ଟିଟୈଗୁଡା, ଜୁନାଗଡ଼, କଳାହାଣ୍ଡି*
*ଦୂରଭାଷ : ୯୫୮୩୫୮୮୮୮୭*

---

## ଏସନ ବଜେଟରେ



ସଞ୍ଜୀବ କୁମାର ଶତପଥୀ

କେତେ କଣ ଭାବିଥିଲି
ସବୁତକ ଆଶା ଓ ଅସୁମାରି ସପ୍ନ
କେତେବେଳେ ଆକାଶର
ତାରା ସବୁକୁ
ଆଣି ବାଣ୍ଟିଦେବି ସେହି ମାନଙ୍କୁ
ଯେଉଁ ମାନଙ୍କ ପାଖରେ
ଏ ଯାଏ ଆଲୋକ ନାହିଁ
ଯାହା ପାଇଁ ଅନେକ
କଥା ଓ ଦିନରେ ସପନ ଦେଖାଇ
କେତେ କଣ କହିଥିଲି
ଏବେ ମୁ ସେମାନଙ୍କୁ କଣ କହିବି ଯେ
ଧେତ୍ ତେରିକି ଏ ବଜେଟଟା
ସବୁ ବିଗେଡେଇ ଦେଲା।

ଆମ ଗାଁ ରଙ୍ଗ ମାଉସୀ ପଚାରିବ ଏଇନା
ପୁଅରେ ମୋ ଭଳି ଉପେକ୍ଷିତ ଲୋକ ପାଇଁ
ଏଥର ଟିକେ ଜାଗା ଅଛି ତ ....।

ମୁ ବି ନା କିଛି ନ ବୁଝି ନ ସୁଝି
ଅନେକ କଥା କହିଦିଏ
ନେତାଙ୍କ ଭଳି ଏବେ ଭୋଗୁଛି
ବାର ଦୁଆର ତେର ପିଣ୍ଡାର ହେଉଥିବା
ଟିକିଏ ବରଷାରେ ବନ୍ୟା
ଖରାରେ ଅଂଶୁଘାତ ହେଉଥିବା
ଏ ଚାଳ ଛପରର କଥା କଣ
ଏ ବଜେଟରେ ଅଛି।

ବର୍ଷକୁ ବାର ମାସ ଦାଦନ ଖଟୁଥିବା
ଲୋକଟି ପଚାରେ ଏଠି ତ
ଟମାଟୋ କିଲୋ ଶହେ ଉପରେ
ତେଲ ଲୁଣର ସଂସାର
କିମିତି କରିବି ଯେ
ମୁଣ୍ଡରେ ପଗଡି ହାତରେ
ଲଙ୍ଗଳ ଧରିଥିବା ମୋ ଗାଁର
ପ୍ରଧାନ ବୁଢ଼ା ଆଁ କରି ଆକାଶକୁ ଚାହିଁଛି
ରାସାୟନିକ ସାରର ଚାପ ସେପଟେ
ବର୍ଷାର ଦାଉ
ଘରେ ଦି ଦି'ଟା ବଢ଼ିଲା ଝିଅ
ଧାନ ଦି ବସ୍ତା ବିକି ପାରିଲେ
ସିନା କେମିତି କଣ କରିବ
ନ ହେଲେ ଏତେ କମ ବଜେଟରେ
ମୋ ଝିଅକୁ କେମିତି ଦେବି।

ମୋ ପରିବାର କେମିତି ଚଳିବ ଯେ
ଏବେଠୁ ତ ଦଲାଲ ବଇନା
ଦେବା ଆରମ୍ଭ କଲାଣି
ଲୋକ ସବୁ ଯେଉଁ ମାନେ
ରାଜନୀତି କୁଟନିତି କରୁଛନ୍ତି
ସେମାନଙ୍କ ଭାଷାରେ ବଜେଟ
ଲୋକଙ୍କର ବୋଲି କହୁଛନ୍ତି
ଏ ପଟେ ଗଣ ମାଧ୍ୟମର ଖବର
ଖାଦ୍ୟ ଅଭାବରୁ ଅଧାରୁ ଅଧିକା ଲୋକ
ଭୋକ ଉପାସରେ ରହୁଛନ୍ତି।

ସେ ସବୁ କଥା ଛାଡ
ମୋ ଘରଣି ବି ଏଥର ମୋତେ ଟାର୍ଗେଟ ଦେଇଛି
ସିମିତ କମାଣିରେ ବଜେଟ ଭିତରେ ରହିବାକୁ
ନ ହେଲେ ହୋମ ମିନିଷ୍ଟର
ରିଜାଇନ ବି କରିପାରେ।
ସେ ବଜେଟ ଫଜେଟରୁ ଆମକୁ କଣ ମିଳିବଯେ
ଚାଲ ଆମେ ଆମ ବଜେଟରେ ଚଳିବା ଶିଖିବା
ଦେଖିବେ ସବୁ ବଜେଟ ଆପଣାର ଲାଗିବେ।

*କେନ୍ଦୁପାଟି, ଜୁନାଗଡ, କଳାହାଣ୍ଡି*
*ଭ୍ରାମ୍ୟଭାଷ : ୯୩୩୭୦୫୯୦୩୮*

---

## ଅଲେଖା କବିତା



ପଲ୍ଲବୀ ଦାସ

ବେଳାଭୂମି ଛାତିରେ
କେମିତି ଗଢାଯାଏ ଦୁଇ ହାତ, ଦୁଇଗୋଡ଼
କଳିଜା, ଆଉ ସଜ ପାନ ପତ୍ରର ଚିତ୍ର
ଜାଣି ପାରିଲିନି,
ଜାଣି ପାରିଲିନି
ଦୁଇଟି ନିଶ୍ୱାସର ମଧ୍ୟବର୍ତ୍ତୀ ସମୟ ସବୁକୁ
କେମିତି ତୋ ନା'ରେ ଉଇଲନାମା କରିବି?
କରି ପାରିବି!
କହି ପାରିବି!
ସକାଳୁ ସକାଳୁ ଅଜଣା ପକ୍ଷୀର ଡ଼ାକରେ
ନିଦ ଭାଙ୍ଗେ, ସ୍ୱପ୍ନ ସବୁ ଭୁଲି ହେଇଯାଏ
ଭୁଲି ହେଇଯାଏ
ତୋର ଶେଷ ଚୁମା,ଓଠ ସନ୍ଧିର ତାତି
ମିଛ କହୁନି, ଦେଖିବୁ ଆ'
କାଲି ରାତି ବାରଟାରେ,ମୋ ପଶ୍ଚିମ କାନ୍ଥରେ
ଆତ୍ମହତ୍ୟା କରିସାରିଛି ପ୍ରଜାପତି।
କବିତା ଲେଖିଛି ବୋଲି ନିଜେ
ନିଜେ ଖାଲି ଖୁସି ହେଉଛି ସିନା
କୋଉ ଲେଖିପାରିଲି ଯେ,
ପ୍ରେମପତ୍ର ଭଳି ଦୁଇଧାଡ଼ି କିଛି
ପ୍ରଥମ ଛୁଆଁର ଭାବ, ଛାତି ଭିତରର ନିଆଁ
ପାରିଲିନି ବୋଲି, ଆଜି ମୋର ଏଇ ଶେଷ
କବିତା
କାହାକୁ କହିବି ଯାହା ସବୁ ଘଟିଗଲା
ହେଲା ନାହିଁ କହି, ବହି ଯାଏ ନଇ
ଦୁଇ କୂଳ ଛୁଇଁ ଛୁଇଁ।
ନଦୀ କାହାର, ଆକାଶର ନା ସମୁଦ୍ରର,
ପାଣି କାହାର, ମେଘ ନା ମାଘର।
ଆଗରେ ଖୁବ୍ ଅନ୍ଧାର
ଏବେ କହ ତୁ ମୋର ବୋଲି
କେତେ ଆଉ ମନରେ ବାନ୍ଧିବି ଗଣ୍ଠିଲି।
ଆଗକୁ ଆଉ ଆମେ ଦୁଇ ରାତି
କବିତା କରିବା, ନିଜ କଥା ଭୁଲି
ଆଉ କାହା ଲାଗି ଗୀତ ଲେଖିବା
ସୁର୍ ଦେଉ ଦେଉ ବଇଁଶୀ ହଜେଇ
କହ କହ କାହା ପାଖେ
ଅଭିଯୋଗ ପତ୍ର ଦାଖଲ କରିବା।
ସବୁ କିଛି ଅଧ୍ୟାୟ, ସାଂଖ୍ୟଯୋଗ
ଅଧା ଅଧା ଥାଉ
ତୋ ଚିନ୍ତା ରେ, ମୋ ଚିନ୍ତନ
ମୋତେ ହାତ ଧରିଥାଉ ।
ଚିରକାଳ ତୁ
ମୋର ପ୍ରଥମ କବିତା
କିଛି କବିତା ଅଲେଖା ରହୁ।

*ଜୁନାଗଡ଼, କଳାହାଣ୍ଡି*
*ଭ୍ରାମ୍ୟଭାଷ : ୮୭୫୮୭୪୦୨୯୧*

---

## ସ୍ୱପ୍ନର ଆଖି



ଐଶ୍ୱର୍ଯ୍ୟା ପ୍ରଧାନ

ପର୍ବତର ଶିଖରକୁ ଚଢ଼ିବାକୁ ଚାହିଁବି ଯଦି
କାଟି ଦିଆଯାଏ ମୋର ଦୁଇ ପାଦ
ଆକାଶକୁ ଉଡ଼ି ଯିବାକୁ ଚାହିଁବି ଯଦି
ତାଡ଼ି ଦିଆଯାଏ ମୋର ଆଖି।

ନିଜର ଅଭିଳାଷକୁ ପୂର୍ଣ୍ଣ କରିବାକୁ
ଚଲେଇବି ଯଦି କଲମ
ଭାଙ୍ଗିଦିଆ ଯିବ ମୋର ହାତ
ଯେବେ ସ୍ୱପ୍ନକୁ ସାକାର କରି
ଉଡାଣ ମେଲିବାକୁ ଚାହିଁବି
ଜାଳି ଦିଆଯିବ ମୋର ସ୍ୱପ୍ନ।

ଆଉ ଯଦି ଏ ସବୁ ଠୁ ବାହାରି
ଯଦି ଆଗେଇ ଯାଏ କେଇ ପାଦ
ମୋର ଶରୀରକୁ ଛିନ୍ ଭିନ୍ କରି ଖାଇଯିବେ
ମାଂସଭକ୍ଷୀ ନର ପିଶାଚ ଗଣ
ଆଉ ଠେଲିଦେବେ
ନର୍କ କୁଣ୍ଡକୁ।

ତା ପରେ ଆରମ୍ଭ ହେବ
କେତେ ଯୁଦ୍ଧ,
ହୋ ହାଲ୍ଲା, ରାଜନୀତି
କେତେ ଜନସଂଖ୍ୟା ଓହ୍ଲେଇ ଆସିବେ
ରାଜରାସ୍ତାକୁ
ମୋ ପାଇଁ ନ୍ୟାୟ ମାଗିବାକୁ।

ତାପରେ
ମୋର ମରଶରୀରକୁ କରାହେବ ପୋଷ୍ଟମର୍ଟମ
ଭିତରୁ ବାହାରିବ ରକ୍ତ,
କାଚର ଟୁକୁଡା ଖଣ୍ଡ ଆଉ କେତେ କ'ଣ?

ଏସବୁ ଦେଖି କେତେ ଆଖି ଜକେଇ ଯିବ
କେତେ ଲୁହ ଝରିବ ବେହିସାବ?
କ'ଣ ଯୁଗ ଯୁଗ ପାଇଁ
ମୋତେ ଝିଅଟିଏ ହେବାର ଶାସ୍ତି ମିଳୁଥିବ?
କେତେ ଦିନ ସାଜିବି କାଚର କଣ୍ଢେଇ?
ଆଉ କେତେଦିନ ଭାଙ୍ଗିରୁଜି ଚାଲିଥିବ
ମୋର ହାଡ଼ ମାଂସରେ ଗଢ଼ା ଦେହକୁ?

*ପୋଷ୍ଟାଲ୍ କଲୋନୀ*
*ଭବାନୀପାଟଣା, କଳାହାଣ୍ଡି*

---

## ଚଲ୍... ଗାଁକୁ ଫେରିଯିବା



ମନୋଜ ମହାନ୍ତି

*(ପୂର୍ବପ୍ରକାଶ ଉତ୍ତାରୁ)*

କାଲି ଜଣେ ଥିଲା, ଏବେ ଦୁଇଜଣ ଆଉ ତା' ପରେ...। ମୁଁ ଭାବିପାରିଲି ନାହିଁ ଆଗକୁ! ନିଜକୁ ବଞ୍ଚାଇ ନେବାର କଳାରେ ଏବେ ମୁଁ ନିଜକୁ ଓସ୍ତାଦ୍ କରି ନେଲି। ମୋ ମନର ଭାବ ତାକୁ ଜଣାଇଲି ନାହିଁ। ବିଶ୍ୱାସ ଜନ୍ମାଇ ଚଳିଲି। ତା ଆଲମିରାର ଚାବିଟା ସେ ଭୁଲ୍‌ରେ ଛାଡ଼ି ଯାଇଥିଲା।

ମୁଁ ମୌକାର ଫାଇଦା ଉଠାଇଲି। ଭୁଲିଗଲି ସେ ମୋତେ ମୁକାବି ଆଣିଥିଲା। ଭୁଲିଗଲି ସେ ମୋତେ ମୋ ପୁରୁଷ ପଣିଆକୁ ଜାଗ୍ରତ କରିଥିଲା। କାହା ପ୍ରତି ବେଇମାନି କରିଥିଲି ନଥିଲି କହିପାରିବି ନାହିଁ ମାତ୍ର ଜୀବନ ପ୍ରତି ନୁହେଁ!

ଆଲମିରାରୁ ଯା'ଥିଲା ଲୁଟି ନେଲି। ଯା'ଥିଲା ମାନେ ଗୋଟେ ସୁପରଭାଇଜରର ଏମ୍‌ତି କମେଇ କେତେ କି? ତା ନାକ-କାନର ସୁନାରେ ହାତମାରିଲି ନାହିଁ। କ୍ୱାର୍ଟର୍‌ର ସାମ୍ନାପଟେ ବନ୍ଦ କରି ମୁଁ ବାହାରି ଆସିଲି ଲାଇନ୍ ଅଟୋରେ ରେଲ୍‌ୱେ ଷ୍ଟେସନ୍।

ସିଧା ମୁହଁଟାଣରେ ହିନ୍ଦୀ ବନ୍ଧୁକଧାରୀ ଗାର୍ଡ଼କୁ ପଚାରିଲି ଟିକେଟ୍ କାଉଣ୍ଟର୍ କେଉଁଠି ଆଉ ଓଡ଼ିଶାର ଯେକୌଣସି ଯାଉଥିବା ଟ୍ରେନ୍‌ର ଠିକଣା। ସେଇଠି ପୁଣି ମୋ ଆଖି ଓଦା ହୋଇଗଲା ଆତ୍ମିୟପଣରେ। ସେ ଓଡ଼ିଆରେ ହିଁ ଉତ୍ତର ଫେରାଇଲା। ମୋତେ ଲାଗିଲା- ମୋ ଓଡ଼ିଶାର କେହି ନା କେହି କେଉଁଠି ନା କେଉଁଠି ଆମ ପାଇଁ ଅଛନ୍ତି...। ଥିବେ ଚିରକାଳ।

ମିଛ କହିନଥିଲି ତାକୁ। ସବୁ ସତକଥା ଗପିଗଲି। ସେ ପିଠି ଥାପୁଡ଼ାଇ ଥିଲା, ଟିକେଟ୍ କରି ଟ୍ରେନ୍‌ରେ ବସାଇ ଗୋଟେ ନୂଆ ଜୀବନର ଆରମ୍ଭ ପାଇଁ ଶୁଭେଚ୍ଛା ଜଣାଇଥିଲା।

ଭୁବନେଶ୍ୱରରୁ ସିଧା ଗାଁକୁ ଯାଇଥିଲି। ଭାବିଥିଲି ଚିହ୍ନିବେ ନାହିଁ କେହି। ଗାଁ ମଣିଷ



ଚିହ୍ନିପାରନ୍ତି, ଅସଜଡ଼ା ଜୀବନକୁ ବୋକ ଦେଇ ଆପଣେଇ ପାରନ୍ତି। ଭାଙ୍ଗିଲା ଘରକୁ ସଜାଡ଼ିବାକୁ ଛଣ ବିଡ଼ାଟାଏ ମଡ଼ାଇ ଦେଇପାରନ୍ତି ଛାତକୁ। ଅକ୍ତିଆର କରିଥିବା ଜମିକୁ ଛାଡ଼ିଦେଇ କହିପାରନ୍ତି - ଏଇ ସନ୍ ତୁ ଚଷ କର, ଜମି ତ ତୋର, ସାର ବିହନ ସବୁ ମୁଁ ଯୋଗାଇ ଦେବି। ଧୂନାଠୁଁ ପାଇଥିଲି ତୋ ଠିକଣା। କହିଥିଲା - ତୋତେ ଢ଼େର ଖୋଜିଥିଲା ମଧୁମିତା!

କାହାଣୀ ସରିଯାଇଥିଲା। ପ୍ଲେଟ୍ ଉପରେ ସେମ୍‌ତି ବାସି ମଡ଼ା ପରି ପଡ଼ି ରହିଥିଲେ ରୋଟି। ନା... ସେ ଖାଇପାରିଥିଲା ନା ମୁଁ। ବହଳ ଅନ୍ଧାର ସବୁଠି ନିରବତାକୁ ଆହୁରି ଜଡ଼ କରୁଥିଲା ଯେମ୍‌ତି ହିମାଳୟର ବରଫ୍।

ସେ ଆରମ୍ଭ କଲା - ନିରବତା ଭଲ ଲାଗୁନାହିଁ। କିଛି କୋଳାହଳ ଲୋଡ଼ା। ଜୀବନର ପ୍ରତି ମୁହୂର୍ତ୍ତରେ କୋଳାହଳ ଦର୍କାର ସନାତନ! ତୁ ଟା ବଦ୍ଧପାଗଳ!

ମୁଁ ନିରବ ଥିଲି। ସେ ପଚାରିଲା - ତୁ କ'ଣ ଫେରିଯିବୁ? ମୁଁ କହିଲି - ନା... ତ! ଚ'କପେ ବସା, ଅଧିକ ଅଦା ପକାଇବୁ ଆଉ ଚିନିକମ୍। ସେ କହିଲା - ଖାଇଲୁ ନି ତ? ମୁଁ କହିଲି - ତୋ ପାଖରେ ମୋର ଭୋକ କ'ଣ ମଧୁମିତା? ତା'ଆଖିରେ ଅବଶ୍ୟ ଭରା ଶ୍ରାବଣ। ସେ ଚ' ବସାଇଲା।

ସେ ଲୁହ ପୋଛି ଆତଙ୍କିତ ସ୍ୱରରେ କହିଲା ତୁ କ'ଣ ଏଇଠି ରହିବାକୁ ଆସିଚୁ?

ମୁଁ କହିଲି - ନା... ନା... ଏଇଠି ରହିଯାଇ ଜୀବନ ପ୍ରବାହକୁ ବନ୍ଦ କରିଦେବାକୁ ମୁଁ କିଏ ମଧୁମିତା? ଭଲ ପାଉଥିବା ମଣିଷଟେ ତୋ ଆଗରେ ଠିଆ। ନଦୀ ତୁ, ରାସ୍ତା ତୁ ତିଆରିବୁ... ମୁଁ ନୁହେଁ!

ଚଲ୍... ଗାଁକୁ ଫେରିଯିବା। ସେଇଠି ଆମକୁ ଅପେକ୍ଷା କରିଛନ୍ତି ଗାଁ ମଣିଷ, ତୋଟାମାଳ, ଅଳକାର ଗଣ୍ଡ, ନଦୀ ପାଣି ଉଠେଇ ଦୋ ଫସଲି ଜମି। ହଁ, ଚଲ୍ ପାରୁଚୁତ ଗାଁକୁ ଫେରିଯିବା!

ସେ ଜଡ଼ ହୋଇଗଲା, ମୂକ ହୋଇଗଲା, କାଠ କବାଟ ଉପରେ ମୁଣ୍ଡ ଥାପିଲା। ସସ୍‌ପେନ୍‌ରୁ ଚ' ଉତୁରି ଗ୍ୟାସ୍‌କୁ ଲିଭାଇ ସାରିଥିଲା। ରାତିଟା ଅଜଗର ହେଉଥିଲା।

(ସମାପ୍ତ)

*ଜୁନାଗଡ଼, କଳାହାଣ୍ଡି-୭୬୬୦୧୪*
*ମୋ.ନଂ.୯୪୩୭୩୨୮୭୫୮*

# ବିଜେପି ନୟାହାଟ ମଣ୍ଡଳ ପକ୍ଷରୁ ସଦସ୍ୟତା ଅଭିଯାନ କର୍ମଶାଳା



**କୋଣାର୍କ :** କୋଣାର୍କ ଥାନା ଅଧିନସ୍ଥ ରାଉଳପାଟଣା ନୟାହାଟ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ରାସ୍ତାର ଧନୀତ୍ରି ଗ୍ରାମ ସ୍ଥିତ ସଖୀ କଲ୍ୟାଣ ମଣ୍ଡପ ଠାରେ କାକଟପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଜେପି ନୟାହାଟ ମଣ୍ଡଳ ପକ୍ଷରୁ ସଦସ୍ୟତା ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବିଜେପି ନୟାହାଟ ମଣ୍ଡଳ ସଭାପତି ଦୀନକୃଷ୍ଣ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ କାକଟପୁର ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ତଥା ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ, ପୁରୀ ଜିଲ୍ଲା ବିଜେପି ଉପସଭାପତି ରତିକାନ୍ତ ବେହେରା, ୧୪ନଂ ଜୋନ ବିଜେପି ଜିଲ୍ଲାପରିଷଦ ପ୍ରାର୍ଥୀ ଲକି ସାହୁ, ବିଜେପି ନୟାହାଟ ମଣ୍ଡଳ ସଦସ୍ୟତା ଅଭିଯାନ ପ୍ରଭାରୀ ତଥା ପୁରୀ ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ମିନଲତା ମହାନ୍ତି, ସିମିଳି ସରପଞ୍ଚ ବିଶ୍ୱଜିତ ସ୍ୱାଇଁ, ବିଜେପି ରାଜ୍ଯ କାର୍ଯ୍ୟ କାରିଣୀ ସଦସ୍ୟା ରାଜଲକ୍ଷ୍ମୀ ଦାଶ, ସୋରଭା ସମିତି ସଭ୍ୟ ପ୍ରଫୁଲ୍ଲ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଦଳର ସଦସ୍ୟତା ଅଭିଯାନରେ ଜୋନର ସମସ୍ତ କର୍ମକର୍ତ୍ତା ଏକ ମନ ଏକ ପ୍ରାଣ ସହିତ କାର୍ଯ୍ୟ କରିବା ସହ କାକଟପୁର ନିର୍ବାଚନ ମଣ୍ଡଳୀରେ ନୟାହାଟ ମଣ୍ଡଳକୁ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିବା ପାଇଁ ଏକ ସାମୁହିକ ଶପଥପାଠ କରିଥିଲେ । ନୟାହାଟ ବିଜେପି ମଣ୍ଡଳ ଅନ୍ତର୍ଗତ ଧୂମାଳ, ଜଙ୍ଗଲବୋରୀ, ଦେସ୍ଥଳୀ, ଇଶାନପୁର, ବଉଲାଙ୍ଗ, ସୋରଭା ଓ ସିମିଳି ଗ୍ରାମପଞ୍ଚାୟତରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନସାଧାରଣ ମାନଙ୍କ ମଧ୍ୟରେ ଜନ ସଚେତନତା ସୃଷ୍ଟି କରିବା ସହ ସରକାରୀ ଯୋଜନାକୁ ଲୋକାଭିମୁଖୀ କରି ଏଥିରୁ ଜନତା କିଭଳି ଭାବେ ଉପକୃତ ହୋଇପାରିବେ ସେଥିପାଇଁ ନିରବଛିନ୍ନ କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ ସୋରଭା ଗ୍ରାମପଞ୍ଚାୟତରେ ପୂର୍ବତନ ସରପଞ୍ଚ ବାବୁଲାଇ ସ୍ୱାଇଁ, ମହଲପଡା ଗ୍ରାମପଞ୍ଚାୟତର ବିଜେପି ସଭାପତି ଗଣେଶ ଜେନା, ବିଜେପି ନେତା ଜୟନ୍ତ କୁମାର ସେଠ, ପୂର୍ବତନ ସମିତି ସଭ୍ୟ ପ୍ରକାଶ ଚନ୍ଦ୍ର ରାଉତ, ବିଦ୍ୟାଧର ବେହେରା, ରକ୍ତପଳ ନାୟକଙ୍କ ସମେତ ୧୪ନଂ ଜୋନର ୭ଗୋଟି ଗ୍ରାମ ପଞ୍ଚାୟତର ୫୦୦ରୁ ଉର୍ଦ୍ଧ୍ୱ ବିସ୍ତାରକ, ପ୍ରମୁଖ, ମଣ୍ଡଳ ସଭାପତି, ବରିଷ୍ଠ କର୍ମକର୍ତ୍ତା ଓ କାର୍ଯ୍ୟକାରୀ କମିଟି ସଦସ୍ୟ ସମେତ ପୂର୍ବତନ ଲୋକପ୍ରତିନିଧି ମାନେ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଆସନ୍ତା ସେପ୍ଟେମ୍ବର ମାସ ୧ ତାରିଖରେ ଦଳୀୟ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଶୁଭାରମ୍ଭ ହେବା ସହ କାକଟପୁର ନିର୍ବାଚନ ମଣ୍ଡଳୀରେ ପ୍ରାୟ ୨ଲକ୍ଷ ସଦସ୍ୟ ସଂଗ୍ରହ କରିବା ପାଇଁ ବିଜେପି ଦଳ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି କାକଟପୁର ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ତଥା ପୂର୍ବତନ ବିଧାୟକ ବାଇଧର ମଲ୍ଲିକ ପ୍ରକାଶ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପାଣ୍ଡିଆନଙ୍କ ...

ତେବେ ଏ ତ ଏବେ ଧରା ପଡ଼ିଥିବା ହିସାବ । ତେବେ ଭି.କେ. ପାଣ୍ଡିଆନ ୫ଟି ସଚିବ ଏବଂ ପରବର୍ତ୍ତୀ ସମୟରେ ୫ଟି ଅଧକ୍ଷ ଦାୟିତ୍ୱରେ ଥିବା ବେଳେ ତାଙ୍କ ଫଟୋ ସବୁ ସରକାରୀ ବିଜ୍ଞାପନରେ ଲାଗୁଥିଲା । ହୋର୍ଡ଼ିଂ, ପୋଷ୍ଟର, ବ୍ୟାନର, ଡିଜିଟାଲ ମିଡିଆ, ସୋସିଆଲ ମିଡିଆରେ ବି ଦେଖିବାକୁ ମିଳୁଥିଲା ତାଙ୍କ ଫଟୋ । ଆଉ ଏଥିପାଇଁ ସରକାରୀ ପାଣ୍ଠିରୁ ବିଭିନ୍ନ ବିଭାଗ ଖର୍ଚ୍ଚ କରିଛନ୍ତି କୋଟି କୋଟି ଟଙ୍କା । ଯାହାର ତଥ୍ୟ ସାମ୍ନାକୁ ଆସିଲେ ପାଣ୍ଡିଆନ ପ୍ରଚାର ପାଇଁ ଖର୍ଚ୍ଚ ହୋଇଥିବା ଅର୍ଥର ପରିମାଣ ଆହୁରି ବହୁଗୁଣିତ ହୋଇପାରେ । ତେବେ କେବଳ ଏତିକି ନୁହେଁ, ୨୦୧୯ ଏପ୍ରିଲରୁ ୨୦୨୪ ଏପ୍ରିଲ ମାସ, ୫ ବର୍ଷରେ ନିଜ ପ୍ରଚାର ଖର୍ଚ୍ଚ ପାଇଁ ପୂର୍ବତନ ବିଜେଡି ସରକାର ଖର୍ଚ୍ଚ କରିଥିଲେ ୪୫୨ କୋଟି ୯୬ ଲକ୍ଷ ୧ ହଜାର ୮୦୦ ଟଙ୍କା । ବିଧାନସଭାର ବିଜେପି ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀଙ୍କ ଲିଖିତ ଉତ୍ତରରୁ ସାମ୍ନାକୁ ଆସିଛି ଏହି ତଥ୍ୟ । କିନ୍ତୁ ୨୪ ବର୍ଷ ଧରି ପ୍ରଚାର ସର୍ବସ୍ୱ ସରକାରର ବ୍ରାଣ୍ଡ ଆମ୍ବାସଡର ସାଜିଥିବା ନିଜ ଦୋଷ ମାନିବାକୁ ନାରାଜ । କେନ୍ଦ୍ର ଓ ଅନ୍ୟ ରାଜ୍ୟ ସରକାର ମାନେ ବି ବିଜ୍ଞାପନ ପାଇଁ ଖର୍ଚ୍ଚ କରୁଛନ୍ତି ବୋଲି କହିଛି ବିଜେଡ଼ି । ସେପଟେ ପାଣ୍ଡିଆନଙ୍କ ପାଇଁ ଓକିଲାତି ଆରମ୍ଭ କରିଛି ବିଜେଡି । ଅନ୍ୟପଟେ ବିଜେଡିରେ ପାଣ୍ଡିଆନ୍‌ଙ୍କର ଏବେ ଯେ, ଦବଦବା ରହିଛି ତାହା ପୁଣିଥରେ ପ୍ରମାଣିତ ହୋଇଛି । ଏଠି ପ୍ରଶ୍ନ ଉଠୁଛି, କୋଟି କୋଟି ଟଙ୍କାର ବିଜ୍ଞାପନ ଦେଇ ଜଣେ ସଚିବଙ୍କ ପ୍ରଚାରରେ କାହିଁକି ମାତିଥିଲା ପୂର୍ବ ବିଜେଡ଼ି ସରକାର ? ସରକାରୀ ବିଜ୍ଞାପନରେ କାହିଁକି ଲାଗୁଥିଲା ଜଣେ ସଚିବଙ୍କ ଫଟୋ ? ବିଜେଡ଼ିର ସର୍ବେସର୍ବା କୁହାଯାଉଥିବା ଏବଂ ପୂର୍ବ ସରକାରକୁ ନିଜ କଣ୍ଟ୍ରୋଲରେ ରଖିଥିବା ପାଣ୍ଡିଆନଙ୍କ ପ୍ରମୋସନ ପାଇଁ ଟିକସ ଦାତାଙ୍କ ଅର୍ଥ ପାଣି ଭଳି ବୁହାଇବାକୁ କିଏ ଦେଇଥିଲା ଅଧିକାର ? ଏଭଳି ଅନେକ ପ୍ରଶ୍ନ ସାଧାରଣରେ ଉକ୍ତି ମାରୁଛି ।

### ଖୋଲିବନି ...

ପରିବେଷଣର ଅନୁମତି ମିଳିବ । କିନ୍ତୁ ସେଠାରେ ନୃତ୍ୟ ପରିବେଷଣ ପାଇଁ ଅନୁମତି ଦିଆଯିବ ନାହିଁ । ଗ୍ରାମାଞ୍ଚଳରେ କେବଳ ଥ୍ରୀ-ଷ୍ଟାର ଓ ତା'ଠୁ ଅଧିକ ବର୍ଗର ହୋଟେଲ ବ୍ୟତୀତ ଅନ୍ୟ କୌଣସି ନୂଆ ଅନ୍ ସପ୍ ଖୋଲାଯିବାର ବ୍ୟବସ୍ଥା କରାଯାଇ ନାହିଁ । ଏସବୁ ବ୍ୟତୀତ ନିଶା ସେବନ ବିରୁଦ୍ଧରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ପାଇଁ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ପାଣ୍ଠିର ବ୍ୟବସ୍ଥା କରଇଛନ୍ତି । ବେଆଇନ ମଦ କାରବାରକୁ ରୋକିବା ଓ ଚଢ଼ାଉ ଜୋରଦାର କରିବା ନିମନ୍ତେ ନୂଆ ଅବକାରୀ କେନ୍ଦ୍ର ପ୍ରତିଷ୍ଠା ସହ ନୂଆ ନିଯୁକ୍ତି, କର୍ମଚାରୀମାନଙ୍କୁ ତାଲିମ ଓ ଅଧିକ ଯାନ ଯୋଗାଇବା ପାଇଁ ନୂଆ ଅବକାରୀ ନୀତିରେ ବ୍ୟବସ୍ଥା ରହିଛି । ସୂଚନାଯୋଗ୍ୟ, ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ବେଆଇନ ଓ ଚୋରା ମଦକାରବାର ଉପରେ କଠୋର ଆଭିମୁଖ୍ୟ ପୋଷଣ କରିଛନ୍ତି ।

### ସାଇବର ...

ଆଉ ଏଥିରୁ ମାତ୍ର ୨.୫୬କୋଟି ଟଙ୍କା ଫେରସ୍ତ ଆଣିବା ଓ ୩.୨୫କୋଟି ଟଙ୍କା ସ୍ଥଗିତ ରଖିବାରେ ଓଡ଼ିଶା ପୁଲିସ ସକ୍ଷମ ହୋଇପାରିଛି । ୩ବର୍ଷ ମଧ୍ୟରେ ୧୨୨.୭୬କୋଟି ଟଙ୍କା ସାଇବର ଠକେଇରେ ପୁଲିସ ମାତ୍ର ପ୍ରାୟ ୫.୮୧କୋଟି ଟଙ୍କାକୁ ସୁରକ୍ଷା ଦେଇପାରିଥିବା ଶ୍ୱେତପତ୍ରରୁ ଜଣାପଡ଼ିଛି । ୨୦୨୨ରେ ରାଜ୍ୟରେ ମୋଟ ୧୯୮୩ଟି ସାଇବର ଅପରାଧ ମାମଲା ପଞ୍ଜିକୃତ ହୋଇଥିଲା । ଯଦିଓ ରାଜ୍ୟରେ ସାଇବର ଓ ଅର୍ଥନୀତିକ ଅପରାଧ ମକଦ୍ଦମାଗୁଡ଼ିକର ସଫଳ ତଦନ୍ତ ପାଇଁ ୧୪ଟି ସାଇବର ଓ ଅର୍ଥନୀତିକ ଅପରାଧ ଥାନା କାର୍ଯ୍ୟ କରୁଛି । ସାଇବର ଅପରାଧ ସହାୟତା କେନ୍ଦ୍ର ତଥା କଲ ସେଂଟର ୨୦୨୧ ମେ'ରୁ କାର୍ଯ୍ୟ କରୁଛି । ଟୋଲଫ୍ରି ନମ୍ବର '୧୯୩୦'କୁ କଲ୍ କରି ସହାୟତା ଯୋଗାଇ ଦିଆଯାଉଛି । ମାତ୍ର ୨୦୨୩ ମସିହା ମଧ୍ୟରେ ଏହି କଲ ସେଂଟକୁ ମୋଟ ୭୧୫୦୮ଟି କଲ୍ ଆସିଥିବାବେଳେ ସେଥିରୁ ମାତ୍ର ୩୧.୩ ପ୍ରତିଶତ କଲ୍ ସମ୍ପର୍କରେ ପୁଲିସ ପକ୍ଷରୁ ଉତ୍ତର ଦିଆଯାଇଥିବା ଜଣାପଡ଼ିଛି । କେବଳ ସେତିକି ନୁହେଁ ଏହି କଲ୍ ସେଂଟର ଖୋଲିବା ଦିନଠୁ ବିଗତ ୩ବର୍ଷ ମଧ୍ୟରେ ମୋଟ ୩.୨୨ଲକ୍ଷ କଲ୍ ଆସିଥିବାବେଳେ ସେଥିରୁ ୫୩.୫୦% କଲ୍ ଉତ୍ତର ଦିଆଯାଇଛି । ୧.୪୯ଲକ୍ଷ କଲ୍ ଉତ୍ତର ଦିଆଯାଇପାରିନାହିଁ । ୨୦୨୩ ମସିହାରେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ମୋଟାମୋଟି ଶାନ୍ତିପୂର୍ଣ୍ଣ ରହିଥିଲା । ଏହିବର୍ଷ ରାଜ୍ୟରେ କୌଣସି ଛାତ୍ର ଅଶାନ୍ତି ଦେଖାଯାଇନାହିଁ କିମ୍ବା ଶ୍ରମ ଓ ସେବା ସଂଗଠନଗୁଡ଼ିକ ଆଇନଶୃଙ୍ଖଳା ପରିସ୍ଥିତି ବ୍ୟାହତ ହେବାଭଳି କୌଣସି ବିଶେଷ ଆନ୍ଦୋଳନ କରିନାହାନ୍ତି । ତେବେ ବିଭିନ୍ନ କାରଣ ପାଇଁ ୨୦୨୩ ମସିହାରେ ପୁଲିସକୁ ମାତ୍ର ୫ଥର ଗୁଳିଚାଳନା କରିବାକୁ ପଡ଼ିଛି । ୨୦୨୩ ମସିହାରେ ରାଜ୍ୟରେ ମୋଟ ୨୩୬ଥର ରାସ୍ତାରୋକ, ୩୦ଥର ରେଳରୋକ, ୧୮୦୫ଥର ଧାରଣା, ୧୧୭୯ଥର ରାଲି, ୨୦୨୩ଥର ବିକ୍ଷୋଭ, ୧୧୭ଥର ଅନଶନ, ୮୦ଥର ବନ୍ଦ ଓ ୧୭୮ଥର ଘେରାଓ ହୋଇଥିଲା । ପୁଲିସର ଦୃଢ଼ କାର୍ଯ୍ୟାନୁଷ୍ଠାନ ଯୋଗୁ କୌଣସିଠାରେ ବିଶେଷ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ । ୨୦୨୩ ମସିହାରେ ରାଜ୍ୟରେ କୌଣସି ସନ୍ତ୍ରାସବାଦୀ କାର୍ଯ୍ୟକଳାପ ହୋଇନାହିଁ । ମାଓବାଦୀ ଗତିବିଧି ନିୟନ୍ତ୍ରଣାଧୀନ ରହିଥିଲା । ୩ଜଣ ସିପିଆଇ(ମାଓବାଦୀ)ଙ୍କ ମୃତ୍ୟୁ ହୋଇଥିବାବେଳେ ୧୩ଜଣ ମାଓବାଦୀଙ୍କୁ ଗିରଫ କରାଯାଇଛି । ୫ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ୨୦୨୩ ମସିହାରେ ରୁଜୁ ହୋଇଥିବା ମୋଟ ୧.୯୯,୯୫୪ଟି ଧର୍ତ୍ତବ୍ୟ ଅପରାଧ ମଧ୍ୟରୁ ୧ଲକ୍ଷ ୯୨ହଜାର ୨୩୮ଟି ମାମଲା ସତ । ସେଥିରୁ ୨୦୨୩ ମସିହା ଶେଷସୁଦ୍ଧା ମୋଟ ୧ଲକ୍ଷ ୩୫ହଜାର ୫୯୬ଟି ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ କରାଯାଇଛି । ୨୦୨୩ ମସିହାରେ ୨୮୨୬ଟି ଦୁଷ୍କର୍ମ ମାମଲା ରୁଜୁ ହୋଇଥିବାବେଳେ ସେଥିରୁ ୨୭୬୨ଟି ମାମଲା ସତ ଏବଂ ବର୍ଷ ଶେଷସୁଦ୍ଧା ସେଥିରୁ ୧୮୪୭ଟି ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ ହୋଇଛି । ୨୦୨୩ ମସିହାରେ ମୋଟ ୧୬୮୫୧ଟି ଚୋରି ମାମଲା ମଧ୍ୟରୁ ବର୍ଷ ଶେଷସୁଦ୍ଧା ମାତ୍ର ୬୧୩୬ଟି ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ ହୋଇଛି । ୯୦୨୫ଜଣ ଅପରାଧୀଙ୍କୁ ଗିରଫ କରାଯାଇ ମାତ୍ର ୪୭କୋଟି ଟଙ୍କାର ଚୋରି ସମ୍ପତ୍ତି ଅର୍ଥାତ୍ ମାତ୍ର ୧୫% ଚୋରି ସମ୍ପତ୍ତିକୁ ପୁଲିସ ଉଦ୍ଧାର କରିଛି । ଯଦିଓ ଏହି ଅବଧି ମଧ୍ୟରେ ୩୦୭.୩୨କୋଟି ଟଙ୍କାର ସମ୍ପତ୍ତି ଚୋରି ହୋଇଛି । ସେହିପରି ୨୦୨୩ ମସିହାରେ ୧୩୬୨ଟି ହତ୍ୟା ମାମଲା ରୁଜୁ ହୋଇଛି ଓ ସେଥିରୁ ୫୬୯ଟି ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ କରାଯାଇଛି । ସେହିପରି ରାଜ୍ୟରେ ୨୩୧ଟି ଯୌତୁକଜନିତ ମକଦ୍ଦମା ରୁଜୁ ହୋଇଛି ଓ ୯୫ଟି ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ ହୋଇଛି । ଯୌତୁକଜନିତ ଆତ୍ମହତ୍ୟାର ୧୦୭ଟି ମକଦ୍ଦାମା ରୁଜୁ ହୋଇ ୮୨ଟି ଦୋଷାରୋପ ଫର୍ଦ୍ଦ ଦାଖଲ ହୋଇଛି । ଯୌତୁକ ନିର୍ଯାତନାର ୪୮୯୬ଟି ମାମଲା ରୁଜୁ ହୋଇ ୩୪୭୯ଟି ଦୋଷାରୋପ ଫର୍ଦ୍ଦ ଦାଖଲ ହୋଇଛି଼ ୨୦୨୩ ମସିହାରେ ରାଜ୍ୟରେ ମହିଳା ଚୋରା ଚାଲାଣର ୧୬୫ଟି ମାମଲା ରୁଜୁ ହୋଇଛି । ୨୦୨୩ ମସିହାରେ ରାଜ୍ୟରେ ମୋଟ ୧୮୬୮ଟି ମାଦକ ଦ୍ରବ୍ୟ ନିରୋଧ ଆଇନରେ ମାମଲା ରୁଜୁ ହୋଇ ୨୪୧୦ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା ।

### ବିଜେପି ...

ସୁଭଦ୍ରା ଯୋଜନା ପାଇଁ କିଏ ଯୋଗ୍ୟ ଆଉ କେଉଁ ମାନେ ଯୋଗ୍ୟ ଅଯୋଗ୍ୟ ତାର ସବିଶେଷ ତଥ୍ୟ ଗାଇଡଲାଇନରେ ଜାରି କରାଯାଇଛି । ରାଜ୍ୟ ତମାମ ସୁଭଦ୍ରାକୁ ସ୍ୱାଗତ କରିଛନ୍ତି ମହିଳା । ତେବେ ନିର୍ବାଚନ ପୂର୍ବରୁ ଗୋଟିଏ ବର୍ଷ ଭିତରେ ୧୪୦ ଯୋଜନା ଆଣିଥିଲା ବିଜେଡି ସରକାର । ଏମିତିକି ବିନା ବଜେଟରେ ବି ଯୋଜନା ପ୍ରସ୍ତୁତ ହୋଇଥିଲା । ୧୦୦୦ ଟଙ୍କାରେ ଯୋଜନା ବନିଥିଲା । ବିଧାନସଭାରେ ମୁଖ୍ୟମନ୍ତ୍ରୀ ଦେଇଥିବା ଲିଖିତ ଉତ୍ତରରେ ଏହାର ପୋଲ ଖୋଲିଛି । ଏ ପୁରା ୧୪୦ ଯୋଜନାର ତାଲିକା ବି କରାଯାଇଛି । କଥା ହେଲା, ବହୁ ଚର୍ଚ୍ଚିତ ଆମ ଓଡିଶା ନବୀନ ଓଡିଶାରେ କୌଣସି ବ୍ୟୟ ବରାଦ ନ କରି ଆରମ୍ଭ କରାଯାଇଥିଲା ବୋଲି କହୁଛି ମୁଖ୍ୟମନ୍ତ୍ରୀଙ୍କ ଉତ୍ତର । ତେଣୁ ଗୋଟିଏ କଥା ସ୍ପଷ୍ଟ, ବିନା ବଜେଟ୍‌ରେ ଅନେକ ଯୋଜନା କରିଥିଲା ବିଜେଡି । ଯେମିତିକି ଶକ୍ତି ସଦନ, ଶକ୍ତି ନିବାସ, ମହିଳା ସଶକ୍ତିକରଣ ପାଇଁ ରାଜ୍ୟ ହବ, ନାରୀ ଅଦାଲତ ଭଳି ଯୋଜନା କେବଳ ଘୋଷଣାରେ ସୀମିତ ରହିଥିଲା । ୨୦୧୯ ନିର୍ବାଚନ ପୂର୍ବରୁ ଆମ ଗାଁ ଆମ ବିକାଶ, କାଳିଆ, ବିଜୁ ଯୁବ ବାହିନୀ ଭଳି ଅନେକ ଯୋଜନା ଆଣିଥିଲେ ନବୀନ ସରକାର, ହେଲେ ନିର୍ବାଚନ ପରେ ବିଜୁ ଯୁବ ବାହିନୀ ଓ ଆମ ଗାଁ ଆମ ବିକାଶ ବନ୍ଦ ହୋଇଯାଇଥିବା ବେଳେ କାଳିଆ ଟଙ୍କାକୁ ୧୦ ହଜାର ଟଙ୍କାରୁ ୪ ହଜାର ଟଙ୍କାକୁ କମାଇ ଦେଇଥିଲେ । ମୋଟ୍ ଉପରେ, ସରକାର ବଦଳିବା ପରେ ବିଜେଡିର ପୋଲ ଖୋଲିଦେଇଛି ନୂଆ ସରକାର । ତେଣୁ ନୂଆ ସରକାର ଆଣୁଥିବା ସ୍କିମକୁ ନେଇ ପ୍ରଶ୍ନ କରୁଛି ବିରୋଧୀ ବିଜେଡି । ହେଲେ ତାହାର କଡା ଉତ୍ତର ରଖୁଛନ୍ତି ଶାସକ ଦଳର ନେତା । ଯାହାକୁ ନେଇ ଏବେ ଚର୍ଚ୍ଚା ଜୋର ।

### ବନ୍ଦ ହେଲା ...

ହେଲେ ସୁଭଦ୍ରା ଯୋଜନା ଭଳି ଏ ଯୋଜନାରେ ମଧ୍ୟ ଯେମିତି ନ ଠକନ୍ତୁ । ବିଜେପି କହିଛି ସରକାରଙ୍କ ନୂଆ ଯୋଜନା ଦ୍ୱାରା ଛାତ୍ରଛାତ୍ରୀ ପ୍ରକୃତରେ ଲାଭବାନ ହେବେ । ନିର୍ବାଚନ ପୂର୍ବରୁ ନୂଆ ଓ ଯୁବ ଭୋଟ୍ ଗୋଟେଇବାକୁ ବିନା ବଜେଟରେ ନୂଆ ଓ ଯୋଜନା ଆଣିଥିଲେ ନବୀନ ସରକାର । ଆଳଥିଲା ମେଧାବୃତ୍ତି । ହେଲେ ମାହୋଲ ବନେଇବାକୁ ଭୋଟ ରାଜନୀତିର ଯେମିତି ଗୋଟିଏ ଚାଲିଥିଲା କ୍ୟାମ୍ପେନ । ପିଲାଙ୍କ ଭିତରେ କ୍ରୀଡ଼ା, ସାଂସ୍କୃତିକ ପ୍ରତିଯୋଗିତା ନାଁରେ ସେଲିବ୍ରିଟିଙ୍କୁ ଆଣି ମଞ୍ଚରେ ଆଲବମ୍ ଗୀତରେ ଠୁମକା ଲାଗାଉଥିଲେ । ଭୋଟ୍ ବାତାବରଣ ଭିତରେ ପାଖାପାଖି ୪ ମାସ କାଳ ଶୈକ୍ଷିକ ବାତାବରଣକୁ ନଷ୍ଟ କରି ଚାଲିଥିଲା ନାଚ ତାମସା । ଏମିତିକି ପିଲାଙ୍କ ପରୀକ୍ଷା ସମୟରେ ମଧ୍ୟ ନୂଆ ଓ ନାଁରେ କ୍ୟାମ୍ପସରେ ସଭା କରି ପ୍ରଚାରରେ ମାତିଥିଲେ ଭି.କେ ପାଣ୍ଡିଆନ୍ । ଯେଉଁଥିପାଇଁ କେବଳ ଏଇ ନାଚଗୀତ କାର୍ଯ୍ୟକ୍ରମ ପାଇଁ ୯୫ କୋଟି ଟଙ୍କା ଖର୍ଚ୍ଚ କରିଥିଲେ ସରକାର । ଏହାବାଦ୍ ନୂଆ ଓ ସ୍କଲାରସିପ୍ ବାବଦକୁ ୫ ଲକ୍ଷ ୩୦ ହଜାର ୬୩୫ ଛାତ୍ରଛାତ୍ରୀଙ୍କୁ ୫୨୬ କୋଟି ଟଙ୍କା ବଣ୍ଟା ଯାଇଥିଲା । ଛାତ୍ରଙ୍କୁ ୯ ହଜାର ଓ ଛାତ୍ରୀଙ୍କୁ ଦିଆଯାଇଥିଲା ୧୦ ହଜାର ଟଙ୍କା । ତେବେ ନୂଆ ଓ ବଦଳରେ ନୂଆ ସରକାର ନୂଆ ଯୋଜନା ଆଣିବାକୁ ଯାଉଥିବାରୁ ଛାତ୍ରଛାତ୍ରୀ ଏହାକୁ ସ୍ୱାଗତ କରିଥିଲେ ମଧ୍ୟ ସ୍କଲାରସିପ୍ ଜାରି ରହିବା ନେଇ ଆଶା ରଖିଛନ୍ତି । ସେହିପରି କଲେଜ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମଧ୍ୟ ପୂର୍ବ ସରକାର ତରବରିଆ ଭାବେ କରିଥିବା ନୂଆ ଓ ଯୋଜନାରେ କିଛି ଦୋଷତ୍ରୁଟି ଥିବା କହି ନୂଆ ଯୋଜନା ଛାତ୍ରଛାତ୍ରୀଙ୍କ ପାଇଁ ନିଶ୍ଚିତ ଫଳପ୍ରଦ ହେବ ବୋଲି କହିଛନ୍ତି ।

### ଏସ୍‌ଆଇଟି ...

ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । କିଛି ଦିନ ମଧ୍ୟରେ ଭିଜିଲାନସ ହାତରେ ଧରାପଡିଛନ୍ତି ବହୁ କଳା କୁବେର । ଅଭିଯୋଗ ହେଉଛି ଏମାନେ କେବଳ ମୋହରା, ଟଙ୍କା ଯାଉଥିଲା ବବି-ପାଣ୍ଡିଆନ୍-କୁଟେ ଓ ଆସିଷ ସିଂହଙ୍କ ପାଖକୁ । ଏହି କୁବେର ବାବୁ ମାନଙ୍କ ପାଖକୁ କେଉଁଠାରୁ ଟଙ୍କା ଆସିଛି ସେନେଇ ବୈଠକରେ ଆଲୋଚନା ହୋଇଛି । ବୈଠକରେ ଇଡି ନିର୍ଦ୍ଦେଶକ ରାହୁଲ ନବୀନ, ସିବିଡିଟି ଅଧକ୍ଷ ରବି ଅଗ୍ରୱାଲ, ଆୟକର ବିଭାଗ ଅଧିକାରୀ, ଏନସିବି ଅଧିକାରୀ, ସିଜିଜିଏସଟି, ଏକ୍ସିସାଇସ ଓ କଷ୍ଟମ ଅଧିକାରୀ, ଭିଜିଲାନ୍ସ ନିର୍ଦ୍ଦେଶକ ଯଶବନ୍ତ ଜେଠୱା, କ୍ରାଇମବ୍ରାଞ୍ଚ ଆଇଜି ସଫିନ ଅହମଦ, ସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତଦନ୍ତକାରୀ ସଂସ୍ଥା ଅଧିକାରୀ ଏହି ବୈଠକରେ ସାମିଲ ଥିଲେ ।

### ବଜାର ପ୍ରତି ...

ସାଢ଼େ ୬ ପ୍ରତିଶତ ଭିତରେ ସୀମିତ ରହିପାରେ ବୋଲି କହିଛନ୍ତି ଅର୍ଥନୀତି ସମୀକ୍ଷକ ଦିଲ୍ଲୀପ ବିଷୋୟୀ । ଦେଶରେ ଲୋକଙ୍କ ମୁଣ୍ଡପିଛା ଆୟ କମି ଚାଲିଛି । ଦେଶର ସମସ୍ତ ବଡ଼ ବଡ଼ ରେଟିଂ ସଂସ୍ଥାଙ୍କ ରିପୋର୍ଟ କହୁଛି ଲୋକଙ୍କ ବାସ୍ତବ ଆୟ ଧୀରେ ଧୀରେ ହ୍ରାସ ହେବାରେ ଲାଗିଛି । ଜିଡିପିର ୬୮ ପ୍ରତିଶତ ଲୋକଙ୍କ ଆୟବ୍ୟୟ ଉପରେ ନିର୍ଭର କରୁଛି । ରୋଜଗାର କମିଲେ ଚାହିଦା କମିବ ଓ ବଜାରରେ କାରବାର ବି ପ୍ରଭାବିତ ହେବ । ବିଶେଷଜ୍ଞ ଆହୁରି ବି କହିଛନ୍ତି ଜାତୀୟ ସର୍ଭେକ୍ଷଣ ରିପୋର୍ଟ ଅନୁଯାୟୀ ଦେଶରେ ମୁଣ୍ଡପିଛା ଆୟ ମାତ୍ର ୫ ପ୍ରତିଶତ ବଢିଛି । ଧନୀ ଅଧିକ ଧନୀ ହେଉଛନ୍ତି ଓ ମଧ୍ୟବିତ୍ତ ଆର୍ଥିକ ଅନାଟନ ଭିତରକୁ ଠେଲି ହେଉଛନ୍ତି । ନୋମିନାଲ ଅଭିବୃଦ୍ଧି ଓ ରିୟଲ ଅଭିବୃଦ୍ଧି ଭିତରେ ଅନ୍ତର ବଢି ଚାଲିଛି । ଯାହା ଆଦୌ ଶୁଭଙ୍କର ନୁହେଁ । ଯଦି ପ୍ରଥମ ତ୍ରୟମାସିକରେ ଖାଉଟି ଆସ୍ଥା ହରାଇଲେଣି ଆସନ୍ତା ଦିନରେ କୃଷି ଉତ୍ପାଦନ ଭଲ ନ ହେଲେ ବଜାର ଦର ଆହୁରି ଚଢା ରହିବ । ସେଥିରେ ବି ଖାଉଟି ଆସ୍ଥା ଜିତିବା ଅସମ୍ଭବ ହୋଇଯିବ ।

### ସାର୍ବଜନୀନ ...

ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ଏଥିପାଇଁ ଦୁଇ ଦୁଇଟି କମିଶନ ବସିଲା । କମିଶନ ରିପୋର୍ଟ ବି ଦେଲେ । କିନ୍ତୁ କିଏ ହତ୍ୟାକାରୀ ଓ କିଏ ଷଡ଼ଯନ୍ତ୍ରକାରୀ ତାହା ଆଜିଯାଏ ଉନ୍ମୋଚିତ ହୋଇପାରିଲା ନାହିଁ । ଏପରିକି ଏ ମାମଲାରେ ଯେଉଁ ୭ ଜଣକୁ ଗିରଫ ବି କରାଯାଇଥିଲା ସେମାନଙ୍କ ମଧ୍ୟରୁ ଅଧିକାଂଶ ଏବେ ଜାମିନରେ ଆସି ବାହାରେ ବୁଲୁଛନ୍ତି । ଏଥିସହ ଏ ହତ୍ୟାକାଣ୍ଡର ପଛରେ ମାଓ ନେତା ଆଜାଦ ଓ ସବ୍ୟସାଚୀଙ୍କ ଭୂମିକା ଉପରୁ ମଧ୍ୟ ୧୫ ବର୍ଷ ପରେ ବି ପରଦା ଉଠି ପାରିଲା ନାହିଁ । ଯାହା ଦୋଷୀଙ୍କୁ ଦଣ୍ଡିତ କରିବା ନେଇ ତତ୍‌କାଳୀନ ବିଜେଡି ସରକାରଙ୍କ ଆଭିମୁଖ୍ୟ ଉପରେ ଉଠଇଛି ପ୍ରଶ୍ନ । ୨୦୦୮ ପୂର୍ବରୁ ବି ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କୁ ବହୁବାର ହତ୍ୟା ଉଦ୍ୟମ ହୋଇଥିଲା । ୨୦୦୭ ଡିସେମ୍ବର ୨୫ ଦାରିଙ୍ଗିବାଡ଼ିରେ ସ୍ୱାମୀଜୀ ମରଣାନ୍ତକ ଆକ୍ରମଣରୁ ଅଳ୍ପକେ ବର୍ତ୍ତୀ ଯାଇଥିଲେ । ସେ ଧର୍ମାନ୍ତରୀକରଣକୁ ବିରୋଧ ଏବଂ କନ୍ଧମାନଙ୍କର ଅଧିକାର ପାଇଁ ଲଢେଇ କରୁଥିବାରୁ ବିଦେଶୀ ଶକ୍ତିଙ୍କ ସହାୟତାରେ ତାଙ୍କୁ ମାରିବା ପାଇଁ ଷଡ଼ଯନ୍ତ୍ର କରାଯାଉଥିବା ନେଇ ନିଜେ ଆଶଙ୍କା ବ୍ୟକ୍ତ କରିଥିଲେ ସ୍ୱାମୀ ଲକ୍ଷ୍ମଣାନନ୍ଦ । କନ୍ଧମାଳବାସୀଙ୍କ ପାଇଁ ସ୍ୱାମୀଜୀ ଥିଲେ ଦେବତୁଲ୍ୟ । ଆଦିବାସୀଙ୍କୁ ଶିକ୍ଷିତ ଓ ଆର୍ଥୀକ ଦୃଷ୍ଟିରୁ ସ୍ୱାବଲମ୍ବୀ କରିବା ପାଇଁ ସେ ଅନେକ ପଦକ୍ଷେପ ନେଇଥିଲେ । ଜଳ ସେଚନ, କୃଷିର ବିକାଶ, ପଶୁ ପାଳନ ମାଧ୍ୟମରେ ଜିଲାବାସୀଙ୍କ ଆର୍ଥିକ ପ୍ରଗତି ପାଇଁ ସେ ଲଗାତାର ଉଦ୍ୟମ କରୁଥିଲେ । ଏଥସହ ଜଲେଶପଟ୍ଟା ଓ ଚକାପାଦରେ ଦୁଇ ଦୁଇଟି ସଂସ୍କୃତ କନ୍ୟାଶ୍ରମ ପ୍ରତିଷ୍ଠା କରି ଆଦିବାସୀ ଛାତ୍ରୀଙ୍କୁ ମାଗଣା ଶିକ୍ଷା ପ୍ରଦାନ ସହ ସ୍ୱାବଲମ୍ବୀ ବନାଇବା କ୍ଷେତ୍ରରେ ବେଦାନ୍ତକେଶରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କର ବହୁତ ବଡ଼ ଅବଦାନ ଥିଲା । ସମାଜସେବାରେ ଜୀବନକୁ ଉତ୍ସର୍ଗ କରିଦେଇଥିବା ଜଣେ ୮୪ ବର୍ଷୀୟ ସନ୍ୟାସୀଙ୍କ ହତ୍ୟାକାରୀକୁ ଧରିବାରେ କାହିଁକି ଆନ୍ତରିକତା ଦେଖାଉନଥିଲେ ବିଜେଡି ସରକାର ଏ ପ୍ରଶ୍ନ ସମସ୍ତଙ୍କୁ ବ୍ୟଥିତ କରିଛି ।

### ବିଜେଡିରେ ...

ବବି-ପାଣ୍ଡିଆନଙ୍କ ନିର୍ଦ୍ଦେଶରେ । ନିର୍ବାଚନ ପରାଜୟ ପରେ ପାଣ୍ଡିଆନ ରାଜନୀତିରୁ ସନ୍ୟାସ ଘୋଷଣା କରିଥିଲେ ବି ବର୍ତ୍ତମାନ ନବୀନ ନିବାସରୁ ନବୀନଙ୍କ ଦ୍ୱାରା ଦଳକୁ ପରିଚାଳିତ କରୁଥିବା କୁହାଯାଉଛି । ସେହିପରି ନିର୍ବାଚନ ପରାଜୟ ପରେ ସଙ୍ଗଠନରେ ନିଷ୍କ୍ରିୟ ଥିଲେ ବବି । କିନ୍ତୁ ଏଇ କିଛି ଦିନ ହେବ ପୁଣି ଥରେ ସଂଗଠନରେ ସକ୍ରିୟ ହୋଇଛନ୍ତି ବବି । କମିଟିରେ ନଥାଇ ବି ବବି ବିଭିନ୍ନ ସ୍ଥାନକୁ ଯାଇ ସଭା ସମିତି କରିବା ସହ ଶଙ୍ଖ ଭବନରେ ମଧ୍ୟ କାର୍ଯ୍ୟକ୍ରମରେ ସାମିଲ ହେଉଥିବା ଦେଖିବାକୁ ମିଳୁଛି । ତେବେ ଦଳର ନେତା କହିଛନ୍ତି ଦଳରେ ଯାହା ଚାଲିଛି ତାହା ହାଇକମାଣ୍ଡ ବୁଝିବେ । ଭୈରବ କାର୍ତ୍ତିକେୟନ୍ ପାଣ୍ଡିଆନ୍ ଓ ପ୍ରଣବ ପ୍ରକାଶ ଦାସ ବିଜେଡିରେ ଥିଲେ ସବୁକିଛି । ପାଣ୍ଡିଆନ୍ ଯାହା କହୁଥିଲେ ଦଳରେ ତା ଚାଲିଥିଲା । ଆଉ ନିର୍ବାଚନରେ ଦଳର ଶୋଚନୀୟ ପରାଜୟ ପରେ ରାଜନୀତିକୁ ବାଏ ବାଏ କହିଥିଲେ ପାଣ୍ଡିଆନ୍ । ହେଲେ ରାଜନୈତିକ ସମୀକ୍ଷକଙ୍କ କହିବା ଅନୁସାରେ ବିଜେଡିରେ ବବି-ପାଣ୍ଡିଆନ୍ ଯୋଡି ଥିଲେ, ଅଛନ୍ତି ଆଗକୁ ରହିଥିବେ । ତାଙ୍କ ବିନା ବିଜେଡି ଚାଲି ପାରିବ ନାହିଁ । ନିର୍ବାଚନରେ ଦଳର ଶୋଚନୀୟ ପରାଜୟ ପରେ ବବି-ପାଣ୍ଡିଆନ୍ ଯୋଡି ଉପରେ ଅନେକ ନେତା ହୋଇଥିଲେ ଖଡ଼ଗ ହସ୍ତ । ସିଧାସିଧା ସେମାନଙ୍କ ବିରୋଧରେ ଓଗାଳିଥିଲେ ଅସନ୍ତୋଷ । ଆଉ ଏବେ ବବି-ପାଣ୍ଡିଆନ୍ ଯୋଡି ପୁଣିଥରେ ଦଳରେ ସକ୍ରିୟ ହୋଇଥିବା ବେଳେ ତାଙ୍କୁ କେମିତି ଗ୍ରହଣ କରୁଛନ୍ତି ଦଳର ନେତା ତାହା ଦେଖିବାକୁ ବାକି ରହିଲା ।

# ୧୬ ବର୍ଷ ହେଲା ଶୁଖିଲା ପଡିଛି ୭ଶହ ଏକର ଚାଷ ଜମି

**ଲକ୍ଷ୍ମୀପୁର:** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର ପିପଲପଦର ପଞ୍ଚାୟତରେ ସହସହ ଏକର ଚାଷ ଜମି ଜଳ ସେଚନ ହେଇ ପାରୁନଥିବାରୁ ଆଜକୁ ୧୬ ବର୍ଷ ହେଲାଣି ଶୁଖିଲା ପଡିଛି । ଏନେଇ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି ତଥାପି ବର୍ଷ ପରେ ବର୍ଷ ବିତି ଚାଲିଥିଲେ ବି ନା ପ୍ରଶାସନ ନା ରାଜାନେତା ଏଯାଏ କାହାର ନଜର ପଡୁନି । ୨୦୦୭ ମସିହାରୁ ଚାଷୀ ମାନେ ଅହରହ ଚେଷ୍ଟା ଜାରି ରଖିଥିଲେ ମଧ୍ୟ ଏଯାଏଁ ଜମିକୁ ପାଣି ମାଡୁ ନଥିବାରୁ ଚାଷୀମାନେ ଚାଷରୁ ମୁହଁ ମୋଡୁଥିବା ଦେଖିବାକୁ ମିଳିଛି । କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ପିପଲପଦର ପଞ୍ଚାୟତ ଅନ୍ତର୍ଗତ ବାରିଗାଁ ଠାରେ ଶତାଧିକ ଏକର ଚାଷ ଜମି ଏବେ ପଡିଆ ପଡିଛି । ଉକ୍ତ ଜମିରେ ଯେକୌଣସି ଚାଷ କରା ଗଲେବି ପାଣିର ଅଭାବ ପାଇଁ ତାହା ମଉଳି ଯାଉଛି । ଏନେଇ ଦିର୍ଘ ଦିନର ସଂଘର୍ଷ ପରେ ୨୦୧୬ମସିହାରେ ଏକ କୋଟି ୨୨ ଲକ୍ଷର ଏକ ମେଗା ଜଳସେଚନ ପ୍ରୋଜେକ୍ଟ କ୍ଷୁଦ୍ର ଜଳସେଚନ ବିଭାଗ ତରଫରୁ ଏଷ୍ଟିମେଣ୍ଟ କରାଯାଇଥିଲା । କିନ୍ତୁ ଏଷ୍ଟିମେଣ୍ଟକୁ ନେଇ ବ୍ୟୟବରାଦ ଟଙ୍କା କମ୍ ହେବାରୁ କାମ ଅଟକି ଗଲା । ହେଲେ ତତ୍କାଳୀନ କୋରାପୁଟ ସାଂସଦ ଓ ବିଧାୟକ ଯଦି ସେହି ସମୟରେ ଆଗ୍ରହ ପ୍ରକାଶ କରିଥାନ୍ତେ ତେବେ ଉକ୍ତ ପ୍ରଜେକ୍ଟ ଆଜି ନିର୍ମାଣ ହୋଇ କାର୍ଯ୍ୟକ୍ଷମ ହୋଇ ପାରିଥାନ୍ତା ବୋଲି ପୂର୍ବତନ ସମିତି ସଭ୍ୟ ସମ୍ବରୁ ମିଣିଆକା, ବଗି ମିଣିଆକା, ଜେଟୁ ମିଣିଆକା, ମଣି ମିଣିଆକା, ଲମ୍ବୁ ମିଣିଆକା, ଡମ୍ବରୁ ମିଣିଆକା, ଚିନ୍ତା ମିଣିଆକା, ଲାଠି ମିଣିଆକା, ଶିବ ମିଣିଆକା,ପାତ୍ର ମିଣିଆକା, ସୁବାସ ମିଣିଆକା, ବେର୍କୁ ମିଣିଆକା, ସାଲୁ ମିଣିଆକା ଭଳି ଅନେକ ଚାଷୀ ଅଭିଯୋଗ କରିଛନ୍ତି । ବାରିଗାଁ ଅଞ୍ଚଳର ଶତାଧିକ ଚାଷ ଜମି ଏବେ ସୁଧା ଶୁଖିଲା ପଡି ରହିଛି । ଉକ୍ତ ଜମି ଠାରୁ ମାତ୍ର ଶହେ ମିଟର ଦୁରରେ ଏକ ବିଶାଳ କାୟ ନଦୀ ପ୍ରବାହିତ ହେଉଥିଲା ବେଳେ ନଦୀର ଉପତ୍ୟାକାରେ ଥିବା ଚାଷ ଜମି ଶୁଖିଲା ପଡି ରହିବା ଦୁଃଖର ବିଷୟ କହିଲେ ଅତ୍ୟୁକ୍ତି ହେବନି । ଜିଲ୍ଲା ପ୍ରଶାସନ ଜଦି ଉକ୍ତ ନଦୀରେ ଏକ ମେଗା ପ୍ରଜେକ୍ଟ କରନ୍ତେ ତେବେ ବାରିଗାଁ ଗ୍ରାମର ଶତାଧିକ ଏକର ଚାଷ ଜମିରେ ସୁନା ଫଳନ୍ତା । ହେଲେ ଜିଲ୍ଲା ପ୍ରଶାସନର ଉଦାସିନତା ଆଜି ଆମ ଆଦିବାସୀଙ୍କୁ ପଛକୁ ଠେଲି ଦେଇଛି ବୋଲି ଗ୍ରାମବାସୀ କହିଛନ୍ତି ।

# ସ୍ମାର୍ଟ ମିଟର ଓ ବିଦ୍ୟୁତ ବିଭାଗର ଦୁର୍ନୀତି ବିରୋଧରେ ଦାବିପତ୍ର

**ନବରଙ୍ଗପୁର :** ନବୀନ ସରକାରଙ୍କ ଗୋଟିଏ ଭୁଲ ଯୋଗୁଁ ଜନସାଧାରଣ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି । ନବୀନ ସରକାର ଥିବାବେଳେ ବିଦ୍ୟୁତ ବିଭାଗକୁ ସାଉଥ କୋ ନାମକ କମ୍ପାନୀରୁ ଛଡେଇ ନେଇ ଟାଟା କମ୍ପାନୀକୁ ବିକ୍ରୟ କରିଦିଆଗଲା । ଏହାର ସୁଯୋଗ ନେଇ ଟାଟା କମ୍ପାନୀ ବିଦ୍ୟୁତ ଗ୍ରାହକ ମାନଙ୍କୁ ବହୁତ ହଇରାଣ କରିବାରେ ଲାଗିଛନ୍ତି । ସେମାନେ ଗ୍ରାହକଙ୍କ ବିନା ଅନୁମତିରେ ଘରେ ଘରେ ସ୍ମାର୍ଟ ମିଟର ଲଗାଇ ଦେଉଥିବା ଦେଖିବାକୁ ମିଳିଛି । ଯାହାଫଳରେ ବିଲ ଅଧିକରୁ ଅଧିକ ଆସୁଥିବା ଦେଖିବାକୁ ମିଳିଛି । ଏସବୁ ସାଧାରଣତଃ ଗରିବ ନିରୀହ ଲୋକଙ୍କୁ ଶୋଷଣ କରୁଥିବା ଶୁଣିବାକୁ ମିଳିଛି । କିନ୍ତୁ ଉକ୍ତ ସ୍ମାର୍ଟ ମିଟର ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ କିମ୍ବା କୌଣସି ବିଭାଗୀୟ କର୍ମଚାରୀଙ୍କ ଘରେ ଲାଗିନାହିଁ । ଏହି ସ୍ମାର୍ଟ ମିଟରର ମାସିକ ଭଡା ୬୦ ଟଙ୍କା ନେଉଥିବା ସୂଚନା ମିଳିଛି ଯାହାକୁ ୯୬ମାସ ପର୍ଯ୍ୟନ୍ତ ନେଉଥିବା ଅଭିଯୋଗ ହେଇଛି । ଏଭଳି ଅଭିଯୋଗ ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରର କିଛି ସାହି ବାସିନ୍ଦା ଏକ ଦାବିପତ୍ର ନେଇ ବିଦ୍ୟୁତ ବିଭାଗକୁ ଯାଇ ଏସଡ଼ିଓଙ୍କୁ ଦେଇଥିଲେ ଏବଂ ବିଦ୍ୟୁତ ବିଭାଗର ଏଭଳି ଜୁଲମକୁ ବିରୋଧ କରି ବିଭିନ୍ନ ନାରା ମଧ୍ୟ ଦେଇଥିଲେ, ଯଦି ଏହାର ସମାଧାନ ଶୀଘ୍ର କରା ନ ଗଲେ ଆଗାମୀ ଦିନରେ ଘରେ ଘରେ ଥିବା ସ୍ମାର୍ଟ ମିଟରକୁ କାଢି ଆଣି ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଫୋପାଡ଼ି ଦିଆଯିବ ଏବଂ ଧାରଣା ଦେଇ ଆନ୍ଦୋଳନ କରାଯିବ ବୋଲି ସହିବାସିନ୍ଦା ଚେତାବନୀ ଦେଇଛନ୍ତି ।

## ପାରାଦ୍ୱୀପ ଟ୍ରେନ ଯାତ୍ରୀଙ୍କ ଦୁର୍ଦ୍ଦଶା

# ୨୫ କିମିକୁ ୩୦୦ ଟଙ୍କା



**ପାରାଦ୍ୱୀପ :** ଶିଳ୍ପ ଭିତ୍ତିକ ସହର ପାରାଦ୍ୱୀପକୁ ପ୍ରତିଦିନ ଟ୍ରେନ ଯୋଗେ ହଜାର ହଜାର ଯାତ୍ରୀ ବିଭିନ୍ନ ଶିଳ୍ପ ସଂସ୍ଥାକୁ ଶ୍ରମିକ ମାନଙ୍କୁ ଠୁ ଆରମ୍ଭ କରି ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ଯାତାୟାତ କରୁଥିବା ବେଳେ ଷ୍ଟେସନରୁ ପାରାଦ୍ୱୀପ ସହରକୁ ଟାଉନ ବସ ଚଳାଚଳ କରୁନଥିବାରୁ ସାଧାରଣ ଯାତ୍ରୀ ବହୁ ଦୁର୍ଦ୍ଦଶା ଭୋଗୁଛନ୍ତି । ପାରାଦ୍ୱୀପକୁ ପ୍ରତିଦିନ ୪ଟି ଯାତ୍ରୀବାହୀ ଟ୍ରେନ ଚଳାଚଳ କରୁଛି । କଟକରୁ ପାରାଦ୍ୱୀପ ୮୩ କି.ମି ଆସିବାକୁ ଟ୍ରେନ ଟିକେଟର ମୂଲ୍ୟ ୩୦ ଟଙ୍କା ଥିବା ବେଳେ ଷ୍ଟେସନରୁ ପାରାଦ୍ୱୀପ ସହରକୁ ୧୦ କି.ମି ଯିବା ପାଇଁ ୩୦୦ ଟଙ୍କା ଅଟୋ ଭଡା ଦେବାକୁ ପଡୁଛି । ଯାହା ସାଧାରଣ ଲୋକେ ଟ୍ରେନ ଅପେକ୍ଷା ବସ ଯୋଗେ ଯିବାକୁ ସୁବିଧା ମଣୁଛନ୍ତି । ତେଣୁ ଇଫକୋ, ପିପିଏଲ, ଏଏମ/ଏନଏସ ଏବଂ ଆଇଓସିଏଲ୍ କର୍ତ୍ତୃପକ୍ଷ ସେମାନଙ୍କ କର୍ମଚାରୀଙ୍କ ନିମନ୍ତେ ଟ୍ରେନ ସମୟ ଅନୁଯାୟୀ ବସ ସେବା ଯୋଗାଇ ଦେଇଛନ୍ତି । କିନ୍ତୁ ପାରାଦ୍ୱୀପ ବନ୍ଦର କିମ୍ବା ପାରାଦ୍ୱୀପ ପ୍ରଶାସନ ଏବଂ ପୌରପାଳିକା ପକ୍ଷରୁ ଟ୍ରେନ ଯାତ୍ରୀଙ୍କ ପାଇଁ କୌଣସି ଯାତାୟାତ ସୁବିଧା କରି ନାହାନ୍ତି । ଫଳରେ ବନ୍ଦର ସହରରୁ କର୍ମଚାରୀ ଠୁ ପୌରପାଳିକାର ସାଧାରଣ ଲୋକଙ୍କ ପାଇଁ ଷ୍ଟେସନକୁ କୌଣସି ଯାତାୟାତର ସୁବିଧା ନାହ । ଷ୍ଟେସନରୁ ଆସିବା ପାଇଁ ଯାତ୍ରୀମାନେ ଅଟୋ ଭଡା କରି ୩୦୦ ଟଙ୍କାରୁ ଉର୍ଦ୍ଧ୍ୱ ଦେଇ ଆସିବାକୁ ବାଧ ହେଉଛନ୍ତି । ତେଣୁ ତୁରନ୍ତ ଉଭୟ ପ୍ରଶାସନ ଟ୍ରେନ ଯାତ୍ରୀଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଇ ସମାଧାନ କରିବାକୁ ସାଧାରଣରେ ଦାବି ଉଠିଛି ।

# ପ୍ରାକୃତିକ ବିପର୍ଯ୍ୟୟ ପ୍ରଶିକ୍ଷଣ ଶିବିର



**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ସଦର ମହକୁମା ଡିଆରସି ସମ୍ମିଳନୀ କକ୍ଷରେ ଏକ ଦିବସୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶିକ୍ଷଣ ଶିବିର ନବରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ନବୀନ ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ନବରଙ୍ଗପୁର ଜିଲ୍ଲାପାଳ ଡଃ ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଓଡିଶାରେ ୧୯୯୯ ମସିହା ମହାବାତ୍ୟାରେ ଯେଉଁ କ୍ଷୟକ୍ଷତି ଘଟିଥିଲା ତାହା ପର ଠାରୁ ଓଡିଶା ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବା କ୍ଷେତ୍ରରେ ଯେଉଁ ସଫଳତା ହାସଲ କରି ପାରିଛି ତାହା ସାରା ଦେଶରେ ନୁହଁ ସାରା ପୃଥିବୀରେ ଉଚ୍ଚ ପ୍ରଶଂସିତ ହୋଇ ପାରିଛି ବୋଲି ମତବ୍ୟକ୍ତ କରିଥିଲେ । ସେହିପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିର୍ବାଚିତ ପ୍ରତିନିଧିଙ୍କ ସହ ଜନସାଧାରଣଙ୍କ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ଜିଲ୍ଲାପାଳ ଡକ୍ଟର ମହାପାତ୍ର ମତ ପ୍ରକାଶ କରିଥିଲେ । ଜିଲ୍ଲା ଜରୁରୀ କାଳୀନ ବିଭାଗ ର ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ ସଭାର ଅଧକ୍ଷ, ମୁଖ୍ୟ ଅତିଥି ଏବଂ ଉପସ୍ଥିତ ଥିବା ସମସ୍ତ ବହୁମୁଖୀ ବନ୍ୟା ବାତ୍ୟା ଆଶ୍ରୟ ସ୍ଥଳୀର ସଭାପତି ଏବଂ ସମ୍ପାଦକ ମାନଙ୍କୁ ସ୍ୱାଗତ କରିବା ସହିତ ପରିଚୟ ପ୍ରଦାନ କରିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ଓଡିଶା ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ବରିଷ୍ଠ ଅଧିକାରୀ ମେଘନାଦ ବେହେରା ଓ ସୁଦେଶ ସେଠୀ ଅଭିଜ୍ଞ ବ୍ୟକ୍ତି ଭାବେ ଯୋଗଦେଇ ବାତ୍ୟା ଓ ବନ୍ୟା ସମୟରେ ଲୋକମାନେ ଭୟଭୀତ ନ ହୋଇ ନିଜ ନିଜ ମଧ୍ୟରେ ସହଯୋଗର ହାତ ବଢାଇବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ଜିଲ୍ଲାରେ ଥିବା ୧୦ଟି ବହୁମୁଖୀ ବନ୍ୟା ବାତ୍ୟା ଆଶ୍ରୟ ସ୍ଥଳୀର ରକ୍ଷଣାବେକ୍ଷଣ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ଠିକ ସମୟରେ ଉକ୍ତ ଆଶ୍ରୟ ସ୍ଥଳୀର ଉପଯୋଗ ଓ ଭବିଷ୍ୟତରେ କିପରି ବ୍ୟବହାର ଉପଯୋଗୀ ହୋଇପାରିବ ତାହା ସମସ୍ତଙ୍କ ଦାୟିତ୍ୱ ବୋଲି ସୁଦେଶ ସେଠୀ ପରାମର୍ଶ ଦେଇଥିଲେ ।



ପ୍ରେମାନନ୍ଦ ପାଣିଗ୍ରାହୀ

# ଦେବତାଙ୍କ ପ୍ରିୟ ଫଳ 'ନାରିକେଳ'



ଆମ ପରିବେଶରେ ଥିବା ସମସ୍ତ ବୃକ୍ଷର ମହତ୍ତ୍ୱ ରହିଛି। ବୃକ୍ଷମାନଙ୍କ ଗୁଣ ଓ ଧର୍ମକୁ ଠିକ୍ ରୂପେ ବୁଝି, ପରଖି ଆମ ପୂର୍ବପୁରୁଷମାନେ ଧର୍ମ ସହ ବୃକ୍ଷକୁ ସଂଯୁକ୍ତ କରିଛନ୍ତି। ଏହିପରି ଏକ ଧାର୍ମିକ ବୃକ୍ଷ ହେଉଛି ନାରିକେଳ ବା ନଡିଆ। ନଡିଆକୁ ଆମେ ଶ୍ରୀଫଳ କହିଥାଉ। ଶ୍ରୀ ଅର୍ଥ ମାତା ଲକ୍ଷ୍ମୀ। ନଡିଆରେ ମାତା ଲକ୍ଷ୍ମୀ ଓ ଭଗବାନ ବିଷ୍ଣୁ ବାସ କରନ୍ତି। ଅନ୍ୟ ଅର୍ଥରେ ଶ୍ରୀ ଅର୍ଥ ସୁନ୍ଦର, ଶ୍ରେଷ୍ଠ, ଶୁଭ ଓ ସମୃଦ୍ଧି। ତେଣୁ ନଡିଆ ଫଳମାନଙ୍କ ଭିତରେ ଶ୍ରେଷ୍ଠ ଭାବେ ପରିଗଣିତ ହେଉଥିବାରୁ ଏହାର ନାମ ଶ୍ରୀଫଳ। ସଂସ୍କୃତ ଭାଷାରେ ନଡିଆକୁ ନାରିକେଳ, ସଦାଫଳ, ଦୃଢଫଳ, ଉଚ୍ଚତରୁ କୁହାଯାଉଥିବା ବେଳେ ହିନ୍ଦୀରେ ନାରିୟାଲ ଓ ତେଲୁଗୁରେ କୋବିରିକାୟା କୁହାଯାଇଥାଏ। ନଡିଆ ଗଛର ବଟାନିକାଲ ନାମ ହେଉଛି କୋକୋସ୍ ନ୍ୟୁସିଫେରା। ନଡିଆ କଳ୍ପବୃକ୍ଷ ବା ସ୍ୱର୍ଗବୃକ୍ଷ ଭାବେ ପରିଚିତ। ଏହି ଗଛ ଆମ ପାଇଁ ଖାଦ୍ୟ, ଔଷଧ, ପ୍ରସାଧନ, ଇନ୍ଧନ, ନିର୍ମାଣ ସାମଗ୍ରୀ ସହିତ ଆବଶ୍ୟକୀୟ ସମ୍ବଳ ଯୋଗାଇଥାଏ। ଭାରତୀୟ ସଂସ୍କୃତିରେ କୌଣସି ମାଙ୍ଗଳିକ କାମ ହେଉ କିମ୍ବା ଶୁଦ୍ଧି କ୍ରିୟାକର୍ମ ସବୁଠି ନଡିଆର ପ୍ରୟୋଜନ ଥାଏ । ସମସ୍ତ କର୍ମ ତଥା ଆରାଧନାରେ ନଡିଆ ସର୍ବାଗ୍ରେ ରହିଥାଏ। ହିନ୍ଦୁ ଦେବାଦେବୀ ମନ୍ଦିରରେ ଭକ୍ତମାନେ ପ୍ରତ୍ୟହ ସଂଖ୍ୟାଧିକ ନଡିଆ ମାନସିକରେ ଅର୍ପଣ କରିଥାନ୍ତି । କୌଣସି ପୂଜାରେ ନଡିଆ ବ୍ୟବହାର ନକରି ପୂଜା କଲେ ପୂଜା ପୂର୍ଣ୍ଣ ହୋଇନଥାଏ।

**ନାରିକେଳର ଉତ୍ପତ୍ତି :** ନାରିକେଳ ବା ନଡିଆର ଉତ୍ପତ୍ତି ବିଷୟରେ ଶାସ୍ତ୍ରରେ ବହୁ କଥା ବର୍ଣ୍ଣନା କରାଯାଇଛି। ପୌରାଣିକ ମାନ୍ୟତା ଅନୁସାରେ ଯେତେବେଳେ ଭଗବାନ ବିଷ୍ଣୁ ମର୍ତ୍ତ୍ୟମଣ୍ଡଳରେ ଅବତାର ନେଇଥିଲେ ସେହି ସମୟରେ ଭଗବାନ ନିଜ ସାଙ୍ଗରେ ମାତା ଲକ୍ଷ୍ମୀ, କାମଧେନୁ ଓ ନଡିଆ ଗଛ ସାଙ୍ଗରେ ଆଣିଥିଲେ। ତେଣୁ ଏହା ଭଗବାନ ବିଷ୍ଣୁଙ୍କର ପ୍ରିୟ ଫଳ ବୋଲି କୁହାଯାଏ। ସ୍କନ୍ଦ ପୁରାଣ ଅନୁସାରେ ମହାଦେବ ଓ ପାର୍ବତୀଙ୍କ ଦୁଇ ପୁତ୍ର ଶ୍ରୀଗଣେଶ ଓ ଶ୍ରୀକାର୍ତ୍ତିକେୟଙ୍କ ମଧ୍ୟରୁ ଶ୍ରୀଗଣେଶଙ୍କୁ ଅଗ୍ରପୂଜ୍ୟ ମାନ୍ୟତା ଦେବାପରେ ମା ପାର୍ବତୀଙ୍କ ମନ ବିଳପିତ ହୋଇ ଉଠିଥିଲା। ଗୋଟିଏ ପୁଅ ଅଗ୍ରପୂଜ୍ୟ ହେବାର ବର ପାଇଥିବା ବେଳେ ଅନ୍ୟ ପୁତ୍ରକୁ ସେପରି କିଛି ଗୁରୁତ୍ୱ ମିଳିନଥିବାରୁ ମୁଖମଣ୍ଡଳରେ ତାଙ୍କର ବିରକ୍ଷ ଭାବ ଦେଖା ଯାଇଥିଲା। ପାର୍ବତୀଙ୍କ ବିରକ୍ଷ ମୁଖ ଦେଖି କାର୍ତ୍ତିକେୟଙ୍କୁ ମହାଦେବ ଶ୍ରୀଫଳର ମାନ୍ୟତା ଦେଲେ। ପ୍ରତ୍ୟେକ ପୂଜା ଆରମ୍ଭରେ କଳସ ବସାଯିବ। କଳସ ହେଉଛି ଶ୍ରୀଗଣେଶଙ୍କର ପ୍ରତୀକ। କଳସ ଉପରେ ଆମ୍ବ ଡାଳ ଓ ତା ଉପରେ ଶ୍ରୀଫଳ ରଖାଯିବ। ଶ୍ରୀଫଳ କାର୍ତ୍ତିକେୟଙ୍କ ପ୍ରତୀକ। ତେଣୁ ଗଣେଶଙ୍କ ସହ କାର୍ତ୍ତିକେୟ ଏକାଠି ପୂଜା ପାଇବେ। ଅନ୍ୟ ଏକ ପୁରାଣ କାହାଣୀ ଅନୁଯାୟୀ ମହର୍ଷି ବିଶ୍ୱାମିତ୍ରଙ୍କ ଠାରୁ ବର ପାଇ ରାଜା ସତ୍ୟବ୍ରତ ସ୍ୱଦେହରେ ସ୍ୱର୍ଗକୁ ଯାତ୍ରା କରିଥିଲେ। ଫଳରେ ଆଗକୁ କିଛି ଅଘଟଣ ଆଶଙ୍କା କରି ଦେବରାଜ ଇନ୍ଦ୍ର ଚିନ୍ତାରେ ପଡିଲେ। ସମସ୍ତ ଦେବାଦେବୀ ବଳପୂର୍ବକ ରାଜା ସତ୍ୟବ୍ରତଙ୍କୁ ସ୍ୱର୍ଗରୁ ତଳକୁ ଠେଲି ଦେଲେ। ସିଦ୍ଧି ବଳରେ ମହର୍ଷି ବିଶ୍ୱାମିତ୍ର ଏହା ଜାଣି ପରି ସ୍ୱର୍ଗ ଓ ମର୍ତ୍ତ୍ୟ ମଧ୍ୟରେ ଆଉ ଗୋଟେ ଦ୍ୱିତୀୟ ସ୍ୱର୍ଗ ତିଆରି କରିଦେଲେ। ମଝି ଆକାଶରେ ଭାସମାନ ଅବସ୍ଥାରେ ଥିବା ଏହି ଦ୍ୱିତୀୟ ସ୍ୱର୍ଗ କାଳେ ତଳକୁ ଖସି ପଡିବ ସେଥିପାଇଁ କିଛି ଢିରା ଦେଇଦେଲେ। କାଳକ୍ରମେ ସେହି ଢିରାଗୁଡିକ ନଡିଆ ଗଛରେ ପରିଣତ ହୋଇଥିଲା। ରାଜା ସତ୍ୟବ୍ରତଙ୍କ ଶୀର ବା ମୁଣ୍ଡ ଶ୍ରୀଫଳ ବା ନଡିଆରେ ପରିଣତ ହେଲା। କେତେକ ଶାସ୍ତ୍ରବିତ୍ ନଡିଆ ଗଛକୁ କଳ୍ପ ବୃକ୍ଷ ବୋଲି କହିଥାନ୍ତି। ଏହି କଳ୍ପ ବୃକ୍ଷରେ ଭଗବାନ ବ୍ରହ୍ମା, ବିଷ୍ଣୁ ଏବଂ ଶିବ ବାସ କରିଥାନ୍ତି। ନଡିଆକୁ ଦେବୀ ଲକ୍ଷ୍ମୀଙ୍କ ସ୍ୱରୂପ ଭାବେ ବିବେଚନା କରାଯାଏ। ନଡିଆରେ ଥିବା ତିନୋଟି ଆଖିକୁ ମହାଦେବଙ୍କ ତ୍ରିନେତ୍ର ସହ ବିବେଚନା କରାଯାଇଥାଏ। ପ୍ରାୟ ସମସ୍ତ ନଡିଆରେ ତିନୋଟି ଆଖି ଥାଏ। ତେବେ ଯେଉଁ ନଡିଆର ଗୋଟିଏ ଆଖି ଥାଏ ସେ ଅଧିକ ଶୁଭ ଫଳ ଦେଇଥାଏ। ଆଗରୁ ଦେବତାଙ୍କ ପାଖରେ ପଶୁ ଓ ମଣିଷମାନଙ୍କୁ ବଳି ଚଢା ଯାଉଥିଲା। ଆଦି ଶଙ୍କରାଚାର୍ଯ୍ୟ ମଣିଷ ଓ ପଶୁ ବଳି ପରି ଏକ ଅମାନବିକ ପରମ୍ପରାକୁ ବିରୋଧ କରି ଦେବତାଙ୍କ ନିକଟରେ ବଳି ପରିବର୍ତ୍ତେ ନଡିଆ ଚଢାଇବା ପରମ୍ପରା ଆରମ୍ଭ କରିଥିଲେ। ହିନ୍ଦୁ ଧର୍ମରେ ଯଜ୍ଞ କାର୍ଯ୍ୟରେ ପୂର୍ଣ୍ଣାହୂତି ବେଳେ କୁଣ୍ଡରେ ନଡିଆ ସମର୍ପଣ କରାଯିବାର ପରମ୍ପରା ରହିଛି। ଏହି ଅର୍ଦ୍ଧ ଦଗ୍ଧ ନଡିଆକୁ କେବଳ ବିବାହିତ ପୁରୁଷ, ମହିଳା ସେବନ କରିବାର ପ୍ରଥା ରହିଛି। ଦେବତାଙ୍କ ନିକଟରେ ନଡିଆ କେବଳ ପୁରୁଷମାନେ ପିଟିଥାନ୍ତି। ନଡିଆର ଉପରି ଭାଗ ଶକ୍ତ। ଏହାକୁ ଭେଦ କଲେ ଧଳା ଶସ ମିଳେ। ଏହି ଧଳା ଶସ ଚନ୍ଦ୍ରମାଙ୍କ ପ୍ରତୀକ। ତେଣୁ ପୂଜା କାର୍ଯ୍ୟରେ ନାରିକେଳ ବ୍ୟବହାର କଲେ ଚନ୍ଦ୍ରମାଙ୍କ କୃପା ମିଳିଥାଏ ବୋଲି ବିଶ୍ୱାସ ରହିଛି। ନଡିଆର ଉପାଦେୟତାକୁ ଲକ୍ଷ୍ୟ କରି ୨୦୦୯ ମସିହା ଠାରୁ ସେପ୍ଟେମ୍ବର ୨ ତାରିଖକୁ ବିଶ୍ୱ ନାରିକେଳ ଦିବସ ଭାବେ ପାଳନ କରାଯାଉଛି।

**ନଡିଆ ଭାଙ୍ଗିଲେ ମନରୁ ଅହଙ୍କାର ଦୂର ହୁଏ :** ପ୍ରତ୍ୟେକ ଦେବଦେବୀ ମନ୍ଦିରରେ ଭକ୍ତମାନେ ପ୍ରତ୍ୟହ ସଂଖ୍ୟାଧିକ ନଡିଆ ମାନସିକରେ ଅର୍ପଣ କରିଥାନ୍ତି। ପୂଜା ସମୟରେ ଯଦି ଥରକେ ନଡିଆ ଭାଙ୍ଗିଗଲା ତେବେ ଭକ୍ତର ମନସ୍କାମନା ଶୀଘ୍ର ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ କରାଯାଏ। ମାନବ ହୃଦୟରେ ଲୋଭ, ଘୃଣା, ଅହଙ୍କାର ବସା ବାନ୍ଧିଥାଏ। ନଡିଆର ଖୋଳପା ଏହି ଲୋଭ, ମୋହ। ନଡିଆ ପିଟିଲେ ମନର ଅହଙ୍କାର ଦୂର ହୋଇଥାଏ। ବେଳେବେଳେ ନଡିଆ ଫଟାଇବା ସମୟରେ ଯଦି ଭିତରେ ପାଣି ନଥାଏ,ଏହାକୁ ଅଶୁଭ ସଙ୍କେତ ଭାବେ ଗ୍ରହଣ କରାଯାଏ। ଏ ସମ୍ପର୍କରେ ବାରାଣାସୀର ବୟୋଜ୍ୟେଷ୍ଠ ପଣ୍ଡିତ ନିଜ ମତବ୍ୟକ୍ତ କରି କହିଛନ୍ତି ଯେ ନଡିଆ ଭିତରେ ପାଣି ନଥିଲେ ଏହା ଆଦୌ ଅଶୁଭ ସଙ୍କେତ ନୁହେଁ। ନଡିଆ ଭିତର ଶୁଷ୍କ ଥିବାର ଅର୍ଥ ହେଉଛି ଶୀଘ୍ର ଭକ୍ତଙ୍କ ମନସ୍କାମନା ପୂରଣ ହେବ। ଏହାର ଅର୍ଥ ଯେ ଇଶ୍ୱର ଆପଣଙ୍କ ମନସ୍କାମନା ଶୁଣିଛନ୍ତି। ସେହି ବ୍ୟକ୍ତିବିଶେଷଙ୍କ ଭୋଗକୁ ମଧ୍ୟ ଇଶ୍ୱର ସାଦରେ ଗ୍ରହଣ କରିଛନ୍ତି। କେତେକ ଲୋକ କଳସ ଉପରେ ଛୋଟ ନଡିଆ ରଖିଥିବାର ଦେଖାଯାଏ। ଏହି ଛୋଟ ନଡିଆକୁ ଲଘୁ ନଡିଆ କୁହାଯାଏ। ଏହି ନଡିଆ ଆକାରରେ ବହୁତ ଛୋଟ ସତ କିନ୍ତୁ ଏଥିରେ ଘରର ବଡ ସମସ୍ୟା ଦୂର କରିବାର ଶକ୍ତି ରହିଥାଏ।

**ନାରୀକେଳ ପୂର୍ଣ୍ଣିମା :** ରାକ୍ଷୀ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମାକୁ ଭାରତର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ପରମ୍ପରାରେ ପାଳନ କରାଯାଏ । ପଶ୍ଚିମ ଓ ଦକ୍ଷିଣ ଭାରତରେ ବିଶେଷ କରି ଧୀବରମାନଙ୍କର ପର୍ବ ହେଉଛି ନରଲୀ ଉତ୍ସବ। ଏହି ଉତ୍ସବ ଶ୍ରାବଣ ମାସର କୃଷ୍ଣ ପକ୍ଷ ଦ୍ୱିତୀୟା ତିଥିରୁ ଆରମ୍ଭ ହୋଇ ପୂର୍ଣ୍ଣିମା ଦିନ ଶେଷ ହୁଏ। ବର୍ଷାର ଦେବତା ଇନ୍ଦ୍ର ଓ ସମୁଦ୍ରର ଦେବତା ବରୁଣଙ୍କୁ ପୂଜା କରିବା ପରେ ଏହି ଦିନ ଠାରୁ ଲୋକମାନେ ମାଛ ଧରିବା ଆରମ୍ଭ କରନ୍ତି। ଧୀବରମାନେ ନଡିଆକୁ ଏକ କଦଳୀ ପତ୍ରରେ ରଖି ଖୁବ୍ ଭଲ ଭାବରେ ସଜାଇଥାନ୍ତି। ନଡିଆକୁ ଶୋଭାଯାତ୍ରାରେ ନିଆଯାଇ ସମୁଦ୍ର କୂଳକୁ ନିଆଯାଏ। ଏହାପରେ ନଡିଆର ଶିଖାକୁ ସମୁଦ୍ର ଆଡକୁ ରଖି ବିଧି ପୂର୍ବକ ପୂଜାର୍ଚ୍ଚନା ଓ ମନ୍ତ୍ର ପଢିବା ପରେ ସମୁଦ୍ର ଦେବଙ୍କୁ ଅର୍ପଣ କରିବା ଉଦ୍ଦେଶ୍ୟରେ ନଡିଆକୁ ଭସେଇ ଦିଆଯାଏ। ସମୁଦ୍ର ଦେବତା ସମସ୍ତ ବିପଦରୁ ରକ୍ଷା କରିବେ ବୋଲି ପ୍ରାର୍ଥନା କରାଯାଏ। ତେଣୁ ନିତିଦିନିଆ ଜୀବନଶୈଳୀ ଓ ପ୍ରତ୍ୟେକ ମାଙ୍ଗଳିକ କାର୍ଯ୍ୟରେ ନଡିଆ ଲୋଡା ହୋଇଥାଏ।

**ବାଲିଗାଁ ଦାସିଆ ବାଉରୀ ନଡିଆ :** ଭଗବାନ ଭକ୍ତର ଭାବରେ ବନ୍ଧା, ଏଥିପାଇଁ ସେ ଭାବଗ୍ରାହୀ। ଯୁଗେଯୁଗେ ସେ ଭକ୍ତର ଦୁଃଖ ହରଣ କରିଥାନ୍ତି। ପଞ୍ଚଦଶ ଶତାବ୍ଦୀରେ ପୁରୀ ଜିଲ୍ଲାର ବାଲିଗାଁରେ ଏକ ଖଦଳ ପରିବାରରେ ଜନ୍ମଗ୍ରହଣ କରିଥିବା ଦାସିଆ ଥିଲେ ପ୍ରଭୁ ଜଗନ୍ନାଥଙ୍କର ପରମ ଭକ୍ତ। ସେ ସଦାସର୍ବଦା ଶ୍ରୀଜଗନ୍ନାଥଙ୍କ ଚିନ୍ତା ଓ ଚେତନାରେ ବୁଡି ରହୁଥିଲେ। ଏପରିକି ନିଜର କୌଳିକ ବୃତ୍ତି ଲୁଗା ବୁଣିବା ସମୟରେ ମଧ୍ୟ ସେ ପ୍ରଭୁଙ୍କ ନାମ ଗାନ କରୁଥିଲେ। ଥରେ ସେ ମହାପ୍ରଭୁଙ୍କ ପାଖକୁ ନଡିଆଟିଏ ପଠାଇବାକୁ ଇଚ୍ଛା ପ୍ରକାଶ କଲେ। ବାଲିଗାଁ ଗ୍ରାମର ବ୍ରାହ୍ମଣ ଗୋସେଇଁ ମଧୁ ମହାପାତ୍ର ଜଗନ୍ନାଥ ଧାମକୁ ଯିବାକୁ ବାହାରୁ ଥିଲେ। ତାଙ୍କ ହସ୍ତରେ ଦାସିଆ ନଡିଆଟି ଅର୍ପଣ କରି କହିଲେ-ଗୋସେଇଁ ଗରୁଡ ପଛରେ ଛିଡା ହୋଇ ଏହି ନାରିକେଳକୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ବଢାଇ କହିବ ଏହି ନଡିଆ ବାଲିଗାଁର ଦାସିଆ ଦେଇଛି। ପ୍ରଭୁ ଯଦି ହାତ ବଢାଇ ସେ ନଡିଆକୁ ନିଅନ୍ତି ତେବେ ଦେଇ ଦେବ, ନଚେତ ଫେରାଇ ଆଣିବ। ଦାସିଆ କହିବା ମୁତାବକ ଗରୁଡ ପଛରେ ଛିଡା ହୋଇ ଗୋସେଇଁ ଆଖି ବୁଜି ନଡିଆକୁ ଶୂନ୍ୟକୁ ଟେକି ଧରି କହିଲେ, ପ୍ରଭୁ ବାଲିଗାଁର ଦାସିଆ ପଠାଇଛି ଏ ନଡିଆ। ସତକୁ ସତ ଦାସିଆ ପଠାଇଥିବା ନଡିଆକୁ କାଳିଆ ସାଆନ୍ତ ଶ୍ରୀହସ୍ତ ବଢାଇ ମଧୁ ମହାପାତ୍ରଙ୍କ ଠାରୁ ଗ୍ରହଣ କରିନେଲେ। ଏହି ସ୍ମୃତିକୁ ମନେ ରଖିବା ପାଇଁ ବାଲିଗାଁରେ ଗଢା ହୋଇଛି ଦାସିଆ ବାଉରୀ ସ୍ମୃତି ପୀଠ। ମହାପ୍ରଭୁଙ୍କ ସେବା, ପୂଜା ପାଇଁ ସବୁଦିନ ଏଠାରୁ ତୁଳସୀ, ପଦ୍ମ ଫୁଲ ସହ ଗୋଟିଏ ନାରିକେଳ ଶ୍ରୀମନ୍ଦିରକୁ ପଠା ଯାଇଥାଏ।



***ନଡିଆ ରଙ୍କୁଣୀ ମା' ତାରିଣୀ :*** କେନ୍ଦୁଝର ଜିଲ୍ଲା ଘଟଗାଁର ପ୍ରତ୍ୟକ୍ଷ ଦେବୀ ମାତାରିଣୀ ନଡିଆ ପ୍ରିୟ। ମାନସିକ କରି ଅନେକ ଭକ୍ତ ମାଙ୍କ ନିକଟକୁ ପୂଜା ପାଇଁ ଆସିଥାନ୍ତି। ରାଜ୍ୟର କୋଣ ଅନୁକୋଣରୁ ହଜାର ହଜାର ଭକ୍ତ ଏଠାକୁ ମାଙ୍କ ଦର୍ଶନ ପାଇଁ ଆସିବା ସହ ନଡିଆ ଭୋଗ କରିଥାନ୍ତି। କିଏ ଗୋଟିଏ ତ କିଏ ୧୧ଟି ,ଆଉ କିଏ ୧୦୮ଟି ନଡିଆ ଭୋଗ କରିଥାନ୍ତି। ଆଉ କିଏ ମାନସିକ କରି ବସ୍‌ରେ ଘଟଗାଁକୁ ନଡିଆ ପଠାଇଥାନ୍ତି। ଯୁଆଡେ ଯାଉଛୁ ଯା ଗାଡିବାଲା/ ନଡିଆ ମୋ ନେଇ ଯିବୁ/ସମ୍ବଲପୁର ଯାଉଥିଲେ ତାକୁ/ମଙ୍ଗୁଳି ଛକରେ ଥୋଇବୁ... । ଦିନଥିଲା ମା ତାରିଣୀଙ୍କ ଏହି ଭଜନଟି ବେଶ୍ ଲୋକପ୍ରିୟ ଥିଲା। ବସ୍ ମାଧ୍ୟମରେ ସାରା ରାଜ୍ୟରୁ ମାନସିକ ନଡିଆ ଘଟଗାଁ ଆସୁଥିଲା। ଯେକୌଣସି ସ୍ଥାନରେ ନଡିଆକୁ ନାଲି ଛିଟ କପଡାରେ ଗୁଡାଇ ସେଥିରେ ଗୁଆ, ଧୂପକାଠି, ସିନ୍ଦୁର ଗୁଡାଇ କେହି ଛିଡା ହୋଇଗଲେ ବସ୍ ଅଟକି ଯାଉଥିଲା। ଡ୍ରାଇଭର ସଯତ୍ନରେ ନଡିଆକୁ ଆଣୁଥିଲେ। ସେ ବସ୍ କେନ୍ଦୁଝର କି ଘଟଗାଁ ନଯାଉଥିଲେ ବି ମାଙ୍କ ନିକଟକୁ ନଡିଆ ପଠାଇବା ବ୍ୟବସ୍ଥା କରୁଥିଲେ। ଛକ ସ୍ଥାନଗୁଡିକରେ ଭକ୍ତମାନଙ୍କ ଦ୍ୱାରା ମାତାରିଣୀଙ୍କ ମାନସିକ ନଡିଆ ରଖିବା ପାଇଁ ପିଣ୍ଡି କରାଯାଉଥିଲା। ବିଭିନ୍ନ ସ୍ଥାନରୁ ସଂଗୃହିତ ନଡିଆ ସ୍ୱତନ୍ତ୍ର ଗାଡିରେ ଘଟଗାଁକୁ ଯାଉଥିଲା। ସେଠାରେ ମାଙ୍କ ନିକଟରେ ନଡିଆ ଭୋଗ ହେବା ପରେ ନିଲାମଧାରୀ ଫାଳ ନଡିଆଗୁଡିକୁ ନେଉଥିଲେ। ବ୍ୟବସାୟୀମାନେ ନିଲାମଧାରୀଙ୍କ ଠାରୁ ନଡିଆ କିଣି ନେଇ ନଡିଆକୋରା, ନଡିଆ ତେଲ ପ୍ରସ୍ତୁତ କରି ବିକ୍ରି କରୁଥିଲେ। ଏବେବି ଏହି ପରମ୍ପରା ଅବ୍ୟାହତ ରହିଛି । ଘଟଗାଁର ଆଖପାଖ ଗ୍ରାମର ହଜାରରୁ ଊର୍ଦ୍ଧ୍ୱ ପରିବାର ଏହି ଭୋଗ ନଡିଆରୁ ପ୍ରସ୍ତୁତ ନଡିଆ କୋରା ଓ ତେଲ ପ୍ରସ୍ତୁତ କରି ଗୁଜୁରାଣ ମେଣ୍ଟାଇଥାନ୍ତି।

***ନଡିଆ ଦିଏ ବଞ୍ଚିବାର ରାହା :*** ନଡିଆ ଗଛ କଳ୍ପ ଭିକାଶମଂ ନାମରେ ପରିଚିତ। ଯାହାର ଅର୍ଥ ଗଛର ସବୁ ଅଂଶ ଉପଯୋଗୀ। ନଡିଆ ଏପରି ଏକ ଗଛ ଯାହାର ସବୁ ଅଂଶ ମନୁଷ୍ୟର କାମରେ ଆସିଥାଏ। ନଡିଆ ଏପରି ଏକ ଫଳ ଯାହାକୁ ଭିନ୍ନ ସମୟରେ ଭିନ୍ନ ପ୍ରକାରରେ ବ୍ୟବହାର କରାଯାଇଥାଏ। ନଡିଆର ଶସ ଓ ପାଣି ଠାରୁ ଆରମ୍ଭ କରି ଖୋଳପା, କତା ପର୍ଯ୍ୟନ୍ତ ପ୍ରତ୍ୟେକ ଅଂଶର ବ୍ୟାପକ ବ୍ୟବହାର କରାଯାଇ ଥାଏ। ଯଦ୍ୱାରା ନଡିଆ ଗଛ ଅନେକ ଲୋକଙ୍କୁ ବଞ୍ଚିବାର ରାହା ଯୋଗାଇଛି। କଞ୍ଚା ଅବସ୍ଥାରେ ନଡିଆକୁ ପଇଡ କୁହାଯାଏ। ପଇଡ ରସ ପେଟକୁ ଥଣ୍ଡା ରଖେ । ନଡିଆ ପତ୍ରରେ ଚଟେଇ, ସପ ପ୍ରସ୍ତୁତ ହୁଏ। ଖଡିକାରେ ପହଁରା, ଗଛର ଗଣ୍ଡିରେ ଘର ତିଆରି ହୁଏ । ଏପରିକି ନଡିଆ ଷଢେଇ ଓ କତା ମଧ୍ୟ ରୋଜଗାରର ମାଧ୍ୟମ ପାଲଟିଛି । ଷଢେଇକୁ କଟର୍‌ରେ ସୁନ୍ଦର ଭାବରେ କାଟି ସେଥିରେ ବିଭିନ୍ନ ରଙ୍ଗରେ ଦେବଦେବୀ, ଗଛଲତା ଚିତ୍ର, ଡଙ୍କି, କେନ୍ଦରା, ଚାକପ୍, ଫୁଲଦାନି ପ୍ରସ୍ତୁତ କରାଯାଉଛି। ନଡିଆ କତାରୁ ପାପୋଛ, ଦଉଡି, ଗଦି, କଣ୍ଢେଇ, ଫୁଲ ପ୍ରସ୍ତୁତ କରାଯାଉଛି। କତା ନିର୍ମିତ ଉତ୍ପାଦର ଚାହିଦା ଦେଶ ତଥା ବିଦେଶରେ ରହିଛି। ତଥାପି ଦେଶର ୭୦ ପ୍ରତିଶତ କତା ଉପଯୋଗ ନହୋଇ ନଷ୍ଟ ହେଉଛି। ମାତ୍ର ୩୦ ପ୍ରତିଶତ କତାରୁ ଉତ୍ପାଦ ପ୍ରସ୍ତୁତ ହେଉଛି। କେବଳ ଲୋକଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ନୁହେଁ,ଅନ୍ୟାନ୍ୟ କାର୍ଯ୍ୟରେ ମଧ୍ୟ କତାର ଆବଶ୍ୟକତା ରହିଛି।



***ସ୍ୱାସ୍ଥ୍ୟପ୍ରଦ ନଡିଆ :*** ଉପକୂଳ ଅଞ୍ଚଳରେ ଉତ୍ତମ ଭାବେ ବଢୁଥିବା ନଡିଆ ଗଛର ଫଳ କୌଣସି ମହୌଷଧି ଠାରୁ କମ୍ ନୁହେଁ ବୋଲି ପ୍ରାଚୀନ ଭାରତୀୟ ବିଶେଷଜ୍ଞମାନେ ବହୁ ବର୍ଷ ପୂର୍ବରୁ ସ୍ପଷ୍ଟ କରିଛନ୍ତି । ନିକଟରେ ଜର୍ମାନୀର ବିଶେଷଜ୍ଞ ଦଳ ମଧ୍ୟ ନଡିଆକୁ ଏକ ଚମତ୍କାରୀ ଫଳ ଭାବେ ଘୋଷଣା କରିଛନ୍ତି। ବିଭିନ୍ନ ରୋଗରୁ ରକ୍ଷା କରିବା ନିମନ୍ତେ ସମସ୍ତ ପ୍ରକାର ପୋଷକ ତତ୍ତ୍ୱ ନଡିଆରେ ରହିଛି । ନଡିଆରେ ଥିବା ବିଭିନ୍ନ ପ୍ରକାର ତତ୍ତ୍ୱ ଶରୀରରେ କୋଲେଷ୍ଟରାଲକୁ ନିୟନ୍ତ୍ରଣ କରିବା ସହ ତୁରନ୍ତ ଶକ୍ତି ଯୋଗାଇଥାଏ। ନଡିଆରେ ଥିବା ୟୁରିକ୍ ଏସିଡ୍ ହୃଦ୍‌ଯନ୍ତ୍ରକୁ ସୁସ୍ଥ ରଖେ। ମେଦବହୁଳ ରୋଗୀ ନଡିଆ ଖାଇଲେ ସେମାନଙ୍କ ଚର୍ବି କମ୍ ହୋଇଥାଏ। ନଡିଆକୁ ସବୁଦିନ ଚୋବାଇ ଖାଇବା ଦ୍ୱାରା ଏହା କ୍ୟାନସର ଭଳି ରୋଗର ଭୟକୁ ମଧ୍ୟ ଦୂର କରିବାରେ ସହାୟକ ହୋଇଥାଏ। ଋତୁ ପରିବର୍ତ୍ତନ ସମୟରେ ହେଉଥିବା ଭାଇରାଲ ରୋଗରୁ ନଡିଆ ସୁରକ୍ଷା ଦେଇଥାଏ।

***ନଡିଆ ଉତ୍ପାଦନରେ ଓଡିଶା ପଞ୍ଚମ :*** କୃଷି ଅର୍ଥନୀତିରେପ୍ରମୁଖ ଭୂମିକା ଗ୍ରହଣ କରିଛି ନଡିଆ। କମ୍ ରକ୍ଷଣାବେକ୍ଷଣ ଖର୍ଚ୍ଚ ଏବଂ ଦୀର୍ଘ ବର୍ଷ ଯାଏଁ ଉତ୍ପାଦନ କ୍ଷମତା ଥିବାରୁ ଏହି ଗଛର ଆଦର ରହିଛି। ଓଡିଶାର ଉପକୂଳବର୍ତ୍ତୀ ଆମ ରାଜ୍ୟରେ ସୁଦୀର୍ଘ ବେଳାଭୂମି ରହିଥିବାରୁ ଅଧିକ ନଡିଆ ଉତ୍ପାଦନର ସୁଯୋଗ ରହିଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରାୟ ୫୧ ହଜାର ହେକ୍ଟର ଜମିରେ ନଡିଆ ଚାଷ କରାଯାଉଛି। ସେଥିରୁ ବାର୍ଷିକ ୩୪୨ ନିୟୁତ ନଡିଆ ଉତ୍ପାଦିତ ହୋଇପାରୁଛି। ତେଣୁ ନଡିଆ ଚାଷ ଓ ଉତ୍ପାଦନରେ ଓଡିଶା ଦେଶର ୫ମ ସ୍ଥାନରେ ରହିଛି।

***ଭୁବନ,ଢେଙ୍କାନାଳ***
***ଦୂରଭାଷ : ୯୧୭୮୭୧୩୪୪୫***



## ସେପ୍ଟେମ୍ବର ୯ ନୂଆଁଖାଇ ଛୁଟି



**ଭୁବନେଶ୍ୱର :** ନୂଆଁଖାଇ ଉପଲକ୍ଷେ ସେପ୍ଟେମ୍ବର ୯ ତାରିଖକୁ ଛୁଟି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେପ୍ଟେମ୍ବର ୮ ତାରିଖରେ ନୂଆଁଖାଇ ପର୍ବ ପଡୁଛି। ତେବେ ସେହିଦିନ ରବିବାର ପଡୁଛି। ରବିବାର ଛୁଟି ଦିବସ ହୋଇଥିବାରୁ ୯ ତାରିଖ ଅର୍ଥାତ୍ ସୋମବାରକୁ ଛୁଟି ଘୋଷଣା କରାଯାଇଛି। ସେହିଦିନ ରାଜ୍ୟର ସବୁ ସରକାରୀ କାର୍ଯ୍ୟାଳୟ, ମାଜିଷ୍ଟ୍ରେରିଆଲ କୋର୍ଟ ଓ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ନୂଆଁଖାଇ ପାଇଁ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ବିଭିନ୍ନ ଜିଲ୍ଲାରେ ନବାନ୍ନ ଲାଗି ପାଇଁ ଲଗ୍ନ ଧାର୍ଯ୍ୟ ହୋଇସାରିଛି। ସମ୍ବଲପୁରରେ ମା’ ସମଲେଇଙ୍କଠାରେ ୮ ତାରିଖ ପୂର୍ବାହ୍ନ ୯ଟା ୧୨ରୁ ୯ଟା ୨୭ ମିନିଟ ମଧ୍ୟରେ ନବାନ୍ନ ଲାଗି ନେଇ ଶୁଭଲଗ୍ନ ସ୍ଥିର ହୋଇଛି।

## ଓଡ଼ିଆରେ ଅନୁବାଦ ହେବ ଇଞ୍ଜିନିୟରିଂ ପାଠ୍ୟପୁସ୍ତକ



**ଭୁବନେଶର :** ଇଞ୍ଜିନିୟରିଂ ତୃତୀୟ ଓ ଚତୁର୍ଥ ବର୍ଷ ପାଠ୍ୟପୁସ୍ତକ ଖୁବ୍‌ଶୀଘ୍ର ଓଡ଼ିଆରେ ଅନୁବାଦ ହେବ ବୋଲି ଜଣାପଡିଛି। ୫ଟି ଷ୍ଟ୍ରିମ୍‌ରେ ଏହା ମିଳିବ ବୋଲି ଏଆଇସିଟିଇ ଅଧକ୍ଷ ଟିଜି ସୀତାରାମ ସୂଚନା ଦେଇଛନ୍ତି। ଏନେଇ ମଧ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହାପୂର୍ବରୁ ପ୍ରଥମ ବର୍ଷ ବିଟେକ ପାଠ୍ୟକ୍ରମର ପାଠ୍ୟପୁସ୍ତକର ଓଡ଼ିଆ ଅନୁବାଦ ଶେଷ ହୋଇଛି। ଦ୍ୱିତୀୟ ବର୍ଷର ପାଠ୍ୟପୁସ୍ତକ ଅନୁବାଦ କାର୍ଯ୍ୟ ଜାରି ରହିଛି। ଏସମସ୍ତ ପୁସ୍ତକକୁ ଏଆଇସିଟିଇର ଇକୁମ୍ବ ୱେବ୍‌ସାଇଟ୍ରେ ଅପଲୋଡ କରାଯାଇଛି। ବର୍ତ୍ତମାନ ସୁଦ୍ଧା ପ୍ରଥମ ବର୍ଷର ୨୦ଟି ବିଟେକ ଓ ଡିପ୍ଲୋମା ପାଠ୍ୟପୁସ୍ତକକୁ ଅପଲୋଡ କରାଯାଇଛି। ଇଞ୍ଜିନିୟରିଂର ପ୍ରଥମରୁ ଚତୁର୍ଥ ବର୍ଷ ଯାଏ ଏବଂ ଡିପ୍ଲୋମା ପ୍ରଥମରୁ ତୃତୀୟ ବର୍ଷ ଯାଏ ପାଠ୍ୟପୁସ୍ତକ ଓଡ଼ିଆରେ ଉପଲବ୍ଧ ହେବ। ଦେଶର ୧୩ଟି ଭାଷାରେ ଇଞ୍ଜିନିୟରିଂ ଓ ଡିପ୍ଲୋମା ପାଠ୍ୟପୁସ୍ତକ ଅନୁବାଦ ହୋଇଛି। ଓଡ଼ିଆରେ ଅନୁବାଦ ହୋଇଥିବା ପାଠ୍ୟପୁସ୍ତକଗୁଡିକ ଅନୁବାଦ ହୋଇ ଡିଜିଟାଲରେ ଉପଲବ୍ଧ ହେଉଛି। ପ୍ରଥମ ଓ ଦିତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ପାଠ୍ୟପୁସ୍ତକ ଏବେ ବଜାରରେ ମିଳୁଛି। ଏଆଇ ଆଇସିଟିଇ ପକ୍ଷରୁ ୧୦୦୦ ପାଠ୍ୟପୁସ୍ତକ ଓଡ଼ିଆ ଓଡ଼ି ଆ ଭାଷାରେ ବିଭିନ୍ନ କଲେଜକୁ ପ୍ରଦାନ କରାଯାଇଛି ବୋଲି ଟିଜି ସୀତାରାମ କହିଛନ୍ତି। ସୂଚନାଯୋଗ୍ୟ, ୪ ବର୍ଷିଆ ବିଟେକ ପାଠ୍ୟକ୍ରମର ସମସ୍ତ ପାଠ୍ୟପୁସ୍ତକକୁ ଓଡ଼ିଆରେ ଅନୁବାଦ କରାଯିବ। ଏନେଇ ଏଆଇସିଟିଇର ଅନୁମୋଦନ ରହିଛି।

## ସମ୍ପ୍ରସାରଣ ହେବ ରାଉରକେଲା ଇସ୍ପାତ କାରଖାନା





**ଭୁବନେଶ୍ୱର :** ରାଉରକେଲା ଇସ୍ପାତ କାରଖାନାର ଉତ୍ପାଦନ କ୍ଷମତା ଦ୍ୱିଗୁଣ ବୃଦ୍ଧି ପାଇବ। ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୪.୫ ମିଲିୟନ ଟନରୁ ୯ ମିଲିୟନ ଟନକୁ ବୃଦ୍ଧି କରାଯିବ। କେନ୍ଦ୍ର ଇସ୍ପାତ ସଚିବ ସନ୍ଦୀପ ପୌଣ୍ଡ୍ରିକ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଏହି ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ସୂଚନା ଅନୁସାରେ, ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ କେନ୍ଦ୍ର ଇସ୍ପାତ ସଚିବ ଶ୍ରୀ ପୌଣ୍ଡ୍ରିକ ସାକ୍ଷାତ କରି ଓଡ଼ିଶାରେ ଇସ୍ପାତ ଶିଳ୍ପର ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଆଲୋଚନାବେଳେ ରାଉରକେଲା ଇସ୍ପାତ କାରଖାନା, ଏନଏମଡିସି ଓ ଇସ୍ପାତ ବିଭାଗ ଅଧୀନସ୍ଥ ବିଭିନ୍ନ ପିଏସୟୁର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଲୋଚନାବେଳେ କେନ୍ଦ୍ର ଇସ୍ପାତ ସଚିବ ସୂଚନା ଦେଇ କହିଥିଲେ ଯେ, ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ କରାଯିବ। ଏହାର ଉତ୍ପାଦନ କ୍ଷମତାକୁ ୪.୫ ମିଲିୟନ ଟନରୁ ୯ ମିଲିୟନ ଟନକୁ ବୃଦ୍ଧି କରାଯିବ। ଏଥିପାଇଁ ସେ ରାଜ୍ୟ ସରକାରଙ୍କ ସହଯୋଗ କାମନା କରିଥିଲେ। ରାଜ୍ୟ ସରକାର ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ରାଉରକେଲା ଆଇଜିଏଚ୍ ହସ୍ପିଟାଲ ଓ ଅନ୍ୟ ଖଣି ଅଂଚଳରେ ବିଭିନ୍ନ ବିଭାଗୀୟ ପିଏସୟୁ ଦ୍ୱାରା ପରିଚାଳିତ ହେଉଥିବା ହସ୍ପିଟାଲଗୁଡ଼ିକରେ ଅଧିକ ଉନ୍ନତି ଅଣାଯିବା ଆବଶ୍ୟକ। ଏହାଦ୍ୱାରା କର୍ମଚାରୀ ଓ ସ୍ଥାନୀୟ ଲୋକମାନେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରିବେ। ଇସ୍ପାତ ମନ୍ତ୍ରଣାଳୟର ବିଭିନ୍ନ ପିଏସୟୁମାନେ ନିଜର କର୍ପୋରେଟ ସାମାଜିକ ଦାୟିତ୍ୱ ପାଣ୍ଠି ସହାୟତାରେ ଓଡ଼ିଶାରେ ଅଧିକ ଉନ୍ନୟନମୂଳକ କାର୍ଯ୍ୟ କରିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପରାମର୍ଶ ଦେଇଥିଲେ। ଏହି ବୈଠକରେ ରାଜ୍ୟ ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ସମେତ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସାତକୋଶିଆରେ ପୁଣି ଆରମ୍ଭ ହେବ ବ୍ୟାଘ୍ର ପ୍ରକଳ୍ପ



**ଭୁବନେଶ୍ୱର :** ଅନୁଗୁଳ ଜିଲ୍ଲାର ସାତକୋଶିଆରେ ପୁଣି ଆରମ୍ଭ ହେବ ବ୍ୟାଘ୍ର ପ୍ରକଳ୍ପ। ଏଥିପାଇଁ ବନ ବିଭାଗ ତରଫରୁ କରାଯିବ ୫ ବର୍ଷିଆ ଯୋଜନା। ୫ ବର୍ଷରେ ପ୍ରାୟ ୧୪ଟି ବାଘ ପର୍ଯ୍ୟାୟ କ୍ରମେ ଆସିବେ। ମହାରାଷ୍ଟ୍ରର ତଡବା ଜଙ୍ଗଲରେ ବାଘ ମାନଙ୍କ ଜେନେଟିକ ଓଡ଼ିଶାର ବାଘଙ୍କ ସହ ସାମଞ୍ଜସ୍ୟ ଥିବାରୁ ସେଠାରୁ ବାଘ ଆସିବେ। ଏନେଇ ପୁଣି ଥରେ ବ୍ୟାଘ୍ର ପ୍ରକଳ୍ପ ଆରମ୍ଭ କରିବାକୁ ଏନ୍‌ଟିସିଏ ଅନୁମୋଦନ ଦେଇଥିବା ପିସିସିଏଫ୍ ସୁଶାନ୍ତ ନନ୍ଦ ସୂଚନା ଦେଇଛନ୍ତି। ଏହି ବ୍ୟାଘ୍ର ପ୍ରକଳ୍ପ ପାଇଁ ଏନଟିସିଏ ଗୁଡ଼ାଏ ସର୍ତ୍ତ ରଖିଛି। ସବୁ ସର୍ତ୍ତ ମାନି ବ୍ୟାଘ୍ର ପ୍ରକଳ୍ପ ଚଳାଇବୁ ବୋଲି ପିସିସିଏଫ୍ କହିଛନ୍ତି। ସ୍ଥାନୀୟ ବାସିନ୍ଦା ଓ ଜନ ପ୍ରତିନିଧିଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରାଯିବ। କୋର ଏରିଆରୁ ସମସ୍ତ ଜନବସତି ଖାଲି କରାଯାଇଛି। ବଫର ଏରିଆରୁ ୬ଟି ଗାଁ ଖାଲି ହୋଇଥିବା ବେଳେ ଆଉ କିଛି ଗାଁ ଖାଲି କରାଯିବ ବୋଲି ପିସିସିଏଫ୍ କହିଛନ୍ତି।

## ବିଶିଷ୍ଟ ଆଷ୍ଟ୍ରୋଜେନିଆନ କେଦାରନାଥ ଜେନାଙ୍କୁ ସମ୍ବର୍ଦ୍ଧନା



**ଭୁବନେଶ୍ୱର :** ସିଏସ୍ଆଇଆର ପେନ୍‌ସନଭୋଗୀ କଲ୍ୟାଣ ଆସୋସିଏସନ ପକ୍ଷରୁ ଭୁବନେଶ୍ୱର ନିବାସୀ ବିଶିଷ୍ଟ ଆଷ୍ଟ୍ରୋଜେନିଆନ କେଦାରନାଥ ଜେନାଙ୍କୁ ଜୀବନବ୍ୟାପୀ ସାଧନା ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀ ଜେନା ତାଙ୍କ ଜୀବନକୁ ବୈଜ୍ଞାନିକ ଜ୍ଞାନ ଓ ମୂଲ୍ୟବାନ ଉତ୍ସ ଗୁଡିକର ପୁନରୁଦ୍ଧାର ପାଇଁ ଉତ୍ସର୍ଗୀକୃତ କରିଥିବାରୁ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ଶ୍ରୀ ଜେନା ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିସାରିବା ପରେ ଆଞ୍ଚଳିକ ଅନୁସନ୍ଧାନ ଲାବୋରେଟାରୀ, ଭୁବନେଶ୍ୱରରେ କାର୍ଯ୍ୟ ଆରମ୍ଭ କରିଥିଲେ। ଯେଉଁଠାରେ ସେ ହାଇଡ୍ରୋମେଟାଲର୍ଜି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିଲେ।

### ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି

## ଭକ୍ତମାନଙ୍କ ସହଜ ଦର୍ଶନ ପାଇଁ ବ୍ୟବସ୍ଥା କରାଯିବ

**ପୁରୀ :** ଶ୍ରୀମନ୍ଦିର ନାଟ ମଣ୍ଡପରେ ଏୟାର କଣ୍ଡିସନ ବ୍ୟବସ୍ଥା ହେବ। ଭକ୍ତମାନଙ୍କ ସହଜ ଦର୍ଶନ ପାଇଁ ବ୍ୟବସ୍ଥା କରାଯିବ। ବୃଦ୍ଧବୃଦ୍ଧା ଓ ମହିଳାଙ୍କ ପାଇଁ ଅଲଗା ଧାଡ଼ି ବ୍ୟବସ୍ଥା କରାଯିବ। ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ପରେ ଏନେଇ ସୂଚନା ଦେଇଛନ୍ତି ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ। ଶ୍ରୀ ପାଢ଼ୀ କହିଛନ୍ତି, ବୈଠକରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ବିସ୍ତୃତ ଆଲୋଚନା ହୋଇଛି। ନାଟ ମଣ୍ଡପରେ ଥିବା ଅଦରକାରି ସିନ୍ଦୁକ ଓ ଆଲ୍ମିରା ଗୁଡ଼ିକୁ ବାହାର କରିଦିଆଯିବ। ପରବର୍ତ୍ତୀ ସମୟରେ ସେବାୟତଙ୍କ ସହିତ କଥା ହେଲା ପରେ ଶୃଙ୍ଖଳିତ ବ୍ୟବସ୍ଥା କରାଯିବ। ବୃଦ୍ଧ/ବୃଦ୍ଧା, ମହିଳା ଓ ଛୋଟ ପିଲାଙ୍କ ପାଇଁ ଅଲଗା ଗୋଟିଏ ଧାଡ଼ି ବ୍ୟବସ୍ଥା କରାଯିବ। ପୁରୁଷମାନଙ୍କ ପାଇଁ ମଧ ଅଲଗା ଗୋଟିଏ ଧାଡ଼ି ବ୍ୟବସ୍ଥା କରାଯିବ। ଧାଡ଼ି କେମିତି ରହିବ ଓ ଶ୍ରଦ୍ଧାଳୁମାନେ କେମିତି ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ, ତାହା ଉପରେ ଯୋଜନା ପ୍ରସ୍ତୁତ କରାଯାଉଛି। ଏହାଛଡ଼ା ନାଟ୍ୟ ମଣ୍ଡପକୁ ଏୟାରକଣ୍ଡିସନିଂ କରିବାକୁ ଶ୍ରୀମନ୍ଦିର ପରିଚାଳନା କମିଟି ଅନୁମୋଦନ ମିଳିଛି। ଏଏସ୍ଆଇ ସହିତ କଥା ହେଲା ପରେ ବ୍ୟବସ୍ଥା କରାଯିବ। ଦିବ୍ୟାଙ୍ଗ ଓ ବୃଦ୍ଧ/ବୃଦ୍ଧାଙ୍କ ଦର୍ଶନ ବ୍ୟବସ୍ଥା ଉପରେ ଆଲୋଚନା ହୋଇଛି। ସେମାନଙ୍କ ପାଇଁ ଅଲଗା କ’ଣ କିଛି କରିହେବ ସେ ଉପରେ ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ପାଢ଼ୀ କହିଛନ୍ତି। ଶ୍ରୀ ପାଢ଼ୀ କହିଛନ୍ତି, ଶ୍ରୀମନ୍ଦିର ନିଜସ୍ୱ ଏଫ୍‌ଏମ୍ ଚ୍ୟାନେଲ୍ ପ୍ରତିଷ୍ଠା ପାଇଁ ପରିଚାଳନା କମିଟି ନିତିଗତ ଭାବେ ଅନୁମୋଦ ମିଳିଛି। ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ଆଗାମୀ ଦିନରେ ପଦକ୍ଷେପ ନିଆଯିବ। ଡିଜିଟାଇଜେସନ ହେବ ମହାପ୍ରଭୁଙ୍କ ଜମି। ଡିଜିଟାଇଜେଳସନ ନେଇ ଶ୍ରୀମନ୍ଦିର ପରିଚାଳନା କମିଟି ମିଟିଂରେ ନିଷ୍ପତ୍ତି ହୋଇଛି। ଓରସାକ ସହାୟତାରେ ସମସ୍ତ ଜମି ରେକର୍ଡ ଡିଜିଟାଇଜେସନ ହେବ ବୋଲି ଶ୍ରୀ ପାଢ଼ୀ କହିଛନ୍ତି। ଶ୍ରୀ ପାଢ଼ୀ ଆହୁରି କହିଛନ୍ତି, ଶ୍ରୀମନ୍ଦିର ରତ୍ନଭଣ୍ଡାର କବାଟ ସୁନା ଛାଉଣୀ କରାଯିବ। ଏଏସ୍ଆଇ ମରାମତି କାର୍ଯ୍ୟ ସାରିବା ପରେ ସୁନା ଛାଉଣୀ ହେବ। ଭିତର ରତ୍ନଭଣ୍ଡାର ଓ ବାହାର ରତ୍ନଭଣ୍ଡାର କବାଟ ସୁନା ଛାଉଣୀ ହେବ। ସୁନା ଛାଉଣୀ ପ୍ରସ୍ତାବକୁ ପରିଚାଳନା କମିଟି ଅନୁମୋଦନ ଦେଇଛି। ଆଡ଼ପ ପହଣ୍ଡି ଅଘଟଣ ନେଇ ମୁଖ୍ୟପ୍ରଶାସକ କହିଛନ୍ତି, ଆଡ଼ପ ପହଣ୍ଡି ଅଘଟଣ ରିପୋର୍ଟ ଅସମ୍ପୂର୍ଣ୍ଣ ଥିବା କହିଲେ ପରିଚାଳନା କମିଟି। ଆଉଥରେ ତର୍ଜମା କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ୩ ଜଣିଆ କମିଟି ଆଜି ୯ଟି ପଏଣ୍ଟରେ ତାଙ୍କ ରିପୋର୍ଟ ଦେଇଥିଲେ। ୯ଟି ପଏଣ୍ଟରୁ ୮ଟି ପଏଣ୍ଟରେ ସହମତି ପ୍ରକାଶ ପାଇଛି। ତେବେ ଆଉଥରେ ତର୍ଜମା କରି ରିପୋର୍ଟ ଦେବାକୁ କମିଟିକୁ କୁହାଯାଇଛି। ଭବିଷ୍ୟତରେ ଯେଭଳି ଏମିତି ଅଘଟଣ ନଘଟିବ, ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିବା ଶ୍ରୀ ପାଢ଼ୀ କହିଛନ୍ତି।

## ରାଜ୍ୟରେ ଗ୍ରାହକଙ୍କୁ ଠକୁଛନ୍ତି ୨୮୪୬ ଦୋକାନୀ



**ଭୁବନେଶ୍ୱର :** ରାଜ୍ୟରେ ମାପ ଓ ଓଜନରେ ଗ୍ରାହକଙ୍କୁ ଠକୁଛନ୍ତି କେତେକ ବ୍ୟବସାୟୀ। ବର୍ଷକରେ ୨,୮୪୬ ଦୋକାନୀ ଗ୍ରାହକଙ୍କୁ ଠକିଥିବା ନଜରକୁ ଆସିଛି। ୨୧୮୧ ବ୍ୟବସାୟୀ କମ୍ପ୍ୟୁଟର ଓଜନରେ ଠକୁଥିବା ଜଣାପଡିଛି। ସେହିପରି ୧୦୧ ଜଣ ବ୍ୟବସାୟୀ ବଟକରା ଓ ୯୫ ଜଣ ପଲାରେ ଠକୁଛନ୍ତି। ଆଜି ବିଧାନସଭାରେ ଏପରି ଉତ୍ତର ରଖିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସେପଟେ ପେଟ୍ରୋଲ୍ ପମ୍ପରେ ମଧ ଜାଲିଆତି ହେଉଛି। ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ପେଟ୍ରୋଲ ପମ୍ପରେ ହେଉଛି ଠକେଇ। ରାଜ୍ୟରେ ୩୭୦ଟି ପେଟ୍ରୋଲ ପମ୍ପରେ ମାପରେ ଗଫଲତି ବୋଲି ମନ୍ତ୍ରୀ କହିଛନ୍ତି। ରାଜ୍ୟରେ ନିରୀହ ଲୋକଙ୍କୁ ଦୋକାନୀମାନେ ଠକୁଛନ୍ତି। ଯାହାଫଳରେ ଗରିବ ଲୋକଙ୍କ କଷ୍ଟ ଉପାର୍ଜିତ ଅର୍ଥକୁ ଠକି ନେଉଛନ୍ତି ବ୍ୟବସାୟୀ। ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳର ଲୋକମାନେ ବଶୀ ଠକାମୀରେ ଶିକାର ହେଉଛନ୍ତି। ଆଉ ଯେଉଁମାନେ ଜାଣିପାରି ପ୍ରତିବାଦ କରୁଛନ୍ତି, ସେମାନେ ଦୋକାନୀଙ୍କ ଆକ୍ରୋଶରେ ଶିକାର ହେଉଛନ୍ତି। କେବେଳ ଦୋକାନୀ ନୁହେଁ, ପେଟୋଲ୍ ପମ୍ପ ମାଲିକମାନେ ମଧ ଗ୍ରାହକଙ୍କ ଉପଜରେ ଜୁଲମ ଦେଖାଉଥିବା ଅଭିଯୋଗ ହେଉଛି।






## ବରଗଡ଼-ନୂଆପଡ଼ା ନୂଆ ରେଳ ଲାଇନକୁ ମଞ୍ଜୁରୀ



**ଭୁବନେଶ୍ୱର :** ବରଗଡ଼ ରୋଡ୍-ନୂଆପଡ଼ା ରୋଡ୍ ନୂଆ ରେଳ ଲାଇନକୁ କେନ୍ଦ୍ର କ୍ୟାବିନେଟରେ ମଞ୍ଜୁରୀ ମିଳିଛି। ଏହି ରେଳ ଲାଇନ୍ ପଦ୍ମପୁର ହୋଇ ଯିବ। ବରଗଡ଼ ରୋଡ୍-ନୂଆପଡ଼ା ରୋଡ୍ ନୂଆ ରେଳ ଲାଇନରେ ୧୩ଟି ଷ୍ଟେସନ୍ ନିର୍ମାଣ ହେ। ୧୩୮ କିଲୋମିଟରର ନୂଆ ରେଳ ଲାଇନ୍ ନିର୍ମାଣ ପାଇଁ ଖର୍ଚ୍ଚ ହେବ ୨ ହଜାର ୯୨୬ କୋଟି ଟଙ୍କା। ଏହି ଲାଇନ୍ ହେଲେ ବରଗଡ଼ରୁ ରାୟପୁରକୁ ଯୋଗାଯୋଗ ସହଜ ହେବ। ଏ ନେଇ ସୂଚନା ଦେଇଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ସେହିପରି ସୁନ୍ଦରଗଡ଼ ଜିଲ୍ଲା ସରଡେଗାରୁ ଛତିଶଡ଼ର ଭଲୁମୁଡ଼ାକୁ ନୂଆ ଡବଲ ଲାଇନକୁ ମଧ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ଦେଇଛି। ୩୭ କିଲୋମିଟର ଲାଇନ ପାଇଁ ଖର୍ଚ୍ଚ ହେବ ୧୩ ଶହ ୬୦ କୋଟି। ସେହିପରି ଜାମସେଦପୁର-ଆସାନସୋଲ ମଧରେ ତୃତୀୟ ଲାଇନକୁ ମଧ ମଞ୍ଜୁରି ମିଳିଛି। ଏହାଛଡ଼ା ଶିଳ୍ପ ଭିତ୍ତିଭୂମି କ୍ଷେତ୍ର ପାଇଁ କ୍ୟାବିନେଟ ବଡ଼ ନିଷ୍ପତ୍ତି ନେଇଛି। ଦେଶରେ ୧୨ଟି ନୂଆ ଇଣ୍ଡଷ୍ଟ୍ରିଆଲ ସ୍ମାର୍ଟ ସିଟି ଗଠନ ପାଇଁ ୨୮ ହଜାର ୬୦୨ କୋଟିର ବ୍ୟବସ୍ଥା ହୋଇଛି। ଏହି ୧୨ ପ୍ରକଳ୍ପ ୧୦ ରାଜ୍ୟରେ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। କେନ୍ଦ୍ର କ୍ୟାବିନେଟ ମଞ୍ଜୁର ଦେଇଥିବା ୧୨ ଶିଳ୍ପ ସ୍ମାର୍ଟ ସିଟି ୧୦ ରାଜ୍ୟରେ ପ୍ରତିଷ୍ଠା ହେବ। ସେହି ସହର ଗୁଡ଼ିକ ହେଲା- ଉତ୍ତରାଖଣ୍ଡର ଖୁରପିଆ, ପଞ୍ଜାବର ପଟିଆଲାର ରାଜପୁରା, ମହାରାଷ୍ଟ୍ରର ଦିଗି, କେରଳର ପାଲକ୍କଡ, ୟୁପିର ଆଗ୍ରା ଓ ପ୍ରୟାଗରାଜ, ବିହାରର ଗୟା, ତେଲଙ୍ଗାନାର ଜହିରାବାଦ୍, ଆନ୍ଧ୍ରପ୍ରଦେଶର କୋପାର୍ଥୀ ଓ ଓରଭାକାଲ, ରାଜସ୍ଥାନ ଅନ୍ତର୍ଗତ ଯୋଧପୁରର ପାଲି ଏବଂ ପଶ୍ଚିମବଙ୍ଗର ଜାମସେଦପୁର-ପୁରୁଲିଆ-ଆସନସୋଲ।






## ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ



**ଭୁବନେଶ୍ୱର :** ଜାତୀୟ କ୍ରୀଡ଼ା ଦିବସ ଅବସରରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ପକ୍ଷରୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ୨୦୨୩ ଏବଂ ବିଜୁ ପଟ୍ଟନାୟକ ସାହାସିକତା ପୁରସ୍କାର ୨୦୨୩ ପ୍ରଦାନ କରାଯାଇଛି। ରାଜ୍ୟ କନଭେନସନ ହଲରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ହକି କ୍ଷେତ୍ରରେ ଉତ୍କର୍ଷ ଅବଦାନ ଓ ଆଜୀବନ ଉପଲବ୍ଧି ପାଇଁ ଲାଜ୍ରୁସ ବାର୍ଲାଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ୨୦୨୩ରେ ସମ୍ମାନିତ କରାଯାଇଛି। ପୁରସ୍କାର ବାବଦକୁ ତାଙ୍କୁ ୪ ଲକ୍ଷ ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଛି। ଶ୍ରେଷ୍ଠ କ୍ରୀଡ଼ାବିତ ଭାବେ ଜାଭେଲିନ ଥ୍ରୋୟର କିଶୋର କୁମାର ଜେନାଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ୨୦୨୩ ପ୍ରଦାନ କରାଯାଇଛି। ତାଙ୍କୁ ୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରାଯାଇଛି। ଶ୍ରେଷ୍ଠ ଉଦୀୟମାନ କନିଷ୍ଠ କ୍ରୀଡ଼ାବିତ ଭାବେ ଭାରୋତ୍ତୋଳିକା ପ୍ରୀତିସ୍ମିତା ଭୋଇଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ୨୦୨୩ ପ୍ରଦାନ କରାଯାଇଛି। ପୁରସ୍କାର ବାବଦକୁ ତାଙ୍କୁ ୨ ଲକ୍ଷ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। ଦୃଷ୍ଟିବାଧିତ କ୍ରିକେଟର ମହମ୍ମଦ ଜାଫର ଇକବାଲଙ୍କୁ ଶ୍ରେଷ୍ଠ ଦିବ୍ୟାଙ୍ଗ କ୍ରୀଡ଼ାବିତ ଭାବେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ୨୦୨୩ ପ୍ରଦାନ କରାଯାଇଛି। ତାଙ୍କୁ ମଧ ୨ ଲକ୍ଷ ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଛି। କ୍ରୀଡ଼ା ପ୍ରଶିକ୍ଷଣ କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ ପାଇଁ ହକି ପ୍ରଶିକ୍ଷକ ବିଜୟ କୁମାର ଲାକ୍ରାଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ୨୦୨୩ ପ୍ରଦାନ କରାଯାଇଛି। ତାଙ୍କୁ ୨ ଲକ୍ଷ ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଛି। ଶ୍ରେଷ୍ଠ କ୍ରୀଡ଼ା ସାମ୍ବାଦିକ ଭାବେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ୨୦୨୩ ପାଇଛନ୍ତି ସୁକେଶ ରଞ୍ଜନ ବେହେରା। ତାଙ୍କୁ ଦୁଇ ଲକ୍ଷ ଟଙ୍କା ସହ ଟ୍ରଫି ଦିଆଯାଇଛି। ଶ୍ରେଷ୍ଠ କ୍ରୀଡ଼ା ବୈଷୟିକ ଅଧିକାରୀ/କ୍ରୀଡ଼ା ସହାୟକ ଭାବେ ରୂପାନ୍ୱିତା ପଣ୍ଡାଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ୨୦୨୩ ପ୍ରଦାନ କରାଯାଇଛି। ତାଙ୍କୁ ୨ ଲକ୍ଷ ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଛି। ଜୟନ୍ତୀ ମଲ୍ଲିକ ଓ ରୁଦ୍ର ପ୍ରସାଦ ମଲ୍ଲିକଙ୍କୁ ବିଜୁ ପଟ୍ଟନାୟକ ସାହାସିକତା ପୁରସ୍କାର ୨୦୨୩ ପ୍ରଦାନ କରାଯାଇଛି। ପୁରସ୍କାର ବାବଦକୁ ସେମାନଙ୍କୁ ୨ ଲକ୍ଷ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଛି। କ୍ରୀଡ଼ା ପ୍ରୋତ୍ସାହନ କ୍ଷେତ୍ରରେ ସର୍ବୋତ୍କୃଷ୍ଟ ଅବଦାନ ପାଇଁ ନବରତ୍ନ କମ୍ପାନୀ ନାଲକୋକୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ୨୦୨୩ ପ୍ରଦାନ କରାଯାଇଛି।


Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**